ଧରିତ୍ରୀ 51 Years

DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧/୨୦୨୫ (୧୪ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 1/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 335 | ମୂଲ୍ୟ ₹୭/-




**'କିଙ୍ଗ'କୁ ନେଇ ଉତ୍ସାହିତ ଶାହରୁଖ**

ଶାହରୁଖ ଖାନ୍ ତାଙ୍କ ଆଗାମୀ ଫିଲ୍ମ 'କିଙ୍ଗ'କୁ ନେଇ ବେଶ୍ ଉତ୍ସାହିତ। ଏଥିରେ ତାଙ୍କ ସହିତ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିବ।

୦୨

୧୪

**ହାଜେଲଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ୍**

ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଅଷ୍ଟ୍ରେଲିଆର ଜୋଶ ହାଜେଲଉଡ୍।



# ଆଜିଠାରୁ 'ଜଷ୍ଟ ଇନ୍ ଟାଇମ୍' ନୀତି ପ୍ରଚଳନ

## ଇ-କୁବେର ପ୍ଲାଟ୍‌ଫର୍ମରେ ପରିଚାଳନା ହେବ ସିଏସ୍ଏସ୍ ପାଣ୍ଠି

ଭୁବନେଶ୍ୱର,୩୧।୧୦
(ରବିନାରାୟଣ ଜେନା)

କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍ଏସ୍) ଅର୍ଥ କିଭଳି ବାଟମାରଣା ହେବନାହିଁ ଏବଂ ଅର୍ଥ ଠିକଣା ବାଟରେ ଖର୍ଚ୍ଚ ହେବ ତାହାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ 'ଜଷ୍ଟ ଇନ୍ ଟାଇମ୍' ନୀତିକୁ ଗୁରୁତ୍ୱ ଦିଆଯାଇଛି। ଏହି ନୀତି ଅନୁଯାୟୀ, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଣ୍ଠି ରାଜ୍ୟକୁ ଆସିବା ମାତ୍ରେ ଖର୍ଚ୍ଚ କରିବାକୁ ପଡ଼ିବ। ପୂର୍ବରୁ ସିଏସ୍ଏସ୍ ପାଣ୍ଠିକୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏଣେ ତେଣେ ପାର୍କିଂ କରି ଠିକଣା ସମୟରେ ଖର୍ଚ୍ଚ କରିପାରୁ ନ ଥିଲେ। ଫଳରେ ରାଜ୍ୟକୁ ଉକ୍ତ ଟଙ୍କା ଠୁଳ କରି ରଖିବା ପାଇଁ କେନ୍ଦ୍ରକୁ ସୁଧ ଗଣିବାକୁ ପଡୁଥିଲା। ମାତ୍ର ଶନିବାରଠାରୁ ସିଏସ୍ଏସ୍‌ର ସମସ୍ତ ଅର୍ଥ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଅଧୀନ ଇ-କୁବେର ପ୍ଲାଟଫର୍ମ ଜରିଆରେ ପରିଚାଳନା ହେବ। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ (ଖର୍ଚ୍ଚ ବିଭାଗ)ପକ୍ଷରୁ ଏସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଅକ୍ଟୋବର ୨୪ରେ ଅବଗତ କରାଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ଇଶା ଖୋସଲା ପତ୍ର ଲେଖି ଦର୍ଶାଇଥିଲେ, ଏହି ପଦ୍ଧତି ଯେଭଳି କଡ଼ାକଡ଼ି ଭାବେ ପାଳନ ହେବ ସେଦିଗରେ ଗୁରୁତ୍ୱ ଦେବାକୁ ହେବ। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ବୁଧବାର ପତ୍ର ଲେଖି ଅବଗତ କରାଇଛନ୍ତି।

ସ୍ୱତନ୍ତ୍ର ସଚିବ ୨୩ଟି ବିଭାଗର ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, 'ଜଷ୍ଟ ଇନ୍ ଟାଇମ୍' ମାଧ୍ୟମରେ ଏଣିକି କେନ୍ଦ୍ର ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟତାମୂଳକ। ଏହା 'ଏସ୍ଏନ୍ଏ-ଏସ୍‌ପିଏଆର୍ଏସ୍ଏଚ୍' ଅଣ୍ଡରରେ ପରିଚାଳିତ ହେବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସଚିବ କୃଷି, ସମବାୟ, ମତ୍ସ୍ୟ ଓ ପଶୁସମ୍ପଦ, ଜଳସମ୍ପଦ, ଗୃହ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ନଗର ଉନ୍ନୟନ, ଆଇନ, ଏମ୍ଏସ୍ଏମ୍ଇ, ମିଶନଶକ୍ତି, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜାତି ଓ ଜନଜାତି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବଙ୍କୁ ପତ୍ର ଲେଖି ଏହାକୁ ଠିକଣା ଭାବେ ପାଳନ କରିବାକୁ ଦର୍ଶାଇଛନ୍ତି।

ପୂର୍ବରୁ ରାଜ୍ୟ ସରକାର କେବଳ 'ସିଏସ୍ଏସ୍'ରେ ଗୋଟିଏ ଏସ୍ଏନ୍ଏ ଆକାଉଣ୍ଟ ଖୋଲୁଥିଲେ। ଏବେ କିନ୍ତୁ ଆଉ ଏକ ଆକାଉଣ୍ଟ ରିଜର୍ଭ ବ୍ୟାଙ୍କରେ ଖୋଲିବାକୁ ପଡ଼ିବ। ଏଥିରୁ ଯୋଜନାରେ ସମ୍ପୃକ୍ତ ତୃଣମୂଳସ୍ତରର କେଉଁ ଅଧିକାରୀ କେତେବେଳେ ଏହି ଖାତାରୁ ଟଙ୍କା ଉଠାଇବେ ତାହା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିପାରିବେ ନାହିଁ। କେବଳ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମତି ଆବଶ୍ୟକ ପଡ଼ିବ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ଆଉ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଖାତା ଖୋଲିବାପାଇଁ ଲାଳାୟିତ ହେବେନାହିଁ। ଏହି ପଦ୍ଧତିରେ କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ ଲାଗି ଯେଉଁ ସ୍ୱତନ୍ତ୍ର ଖାତା ଖୋଲାଯିବ ତାକୁ ଚାହିଁଲେ ତୃଣମୂଳସ୍ତରରେ ସଂପୃକ୍ତ ଯୋଜନା କାର୍ଯ୍ୟାନ୍ୱୟନ ଅଧିକାରୀ ଆବଶ୍ୟକତା ଅନୁଯାୟୀ ଉଠାଇ ପାରିବ। ଏହି ପଦ୍ଧତି ଦ୍ୱାରା ବ୍ୟାଙ୍କରେ ପାର୍କିଂ ବ୍ୟବସ୍ଥା ହୋଇପାରିବ ନାହିଁ। କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ ଲାଗି ଜିଲା କିମ୍ବା ବ୍ଲକସ୍ତରର ଅଧିକାରୀମାନେ 'ଜଷ୍ଟ ଇନ୍ ଟାଇମ୍' ଜରିଆରେ ଟଙ୍କା ଉଠାଣ କରିପାରିବେ।


**ଆଜିର ସମ୍ପାଦକୀୟ**
ରିଜ୍‌ଭିଙ୍କ ଧୈର୍ଯ୍ୟ ଶେଷ




ଜାତୀୟ ଏକତା ଦିବସ ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଶୁକ୍ରବାର ସକାଳେ ଆୟୋଜିତ 'ଏକତା ଦୌଡ଼' ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଭାଜପାର ପୂର୍ବତନ ସଭାପତି ସମୀର ମହାନ୍ତି, ଭାଜପା ନେତା ଗୋଲକ ମହାପାତ୍ର ଓ ଅନ୍ୟମାନେ ସାମିଲ ହୋଇଛନ୍ତି।

# ୬ ମେଡିକାଲ କଲେଜରେ ୬୨ ପିଜି ସିଟ୍‌କୁ ଅନୁମତି

ଭୁବନେଶ୍ୱର, ୩୧।୧୦
(ରବିନାରାୟଣ ଜେନା)

**କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଗକୁ ବଢୁଛି। ଫଳରେ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ୬ଟି ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନୂଆ ୬୨ଟି ପିଜି ସିଟ୍ ଅନୁମତି ମିଳିପାରିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହି ଅନୁମତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ☞ପୃଷ୍ଠା-୪




## ଅଭିଯୁକ୍ତଙ୍କ ପାଇଁ ଲଢୁଥିବା ଓକିଲଙ୍କୁ ସମନ କରିପାରିବେନି ତଦନ୍ତକାରୀ ଅଫିସର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୧।୧୦(ପି.ଟି.)

ଓକିଲ-ମହକିଲ ସ୍ୱାଧିକାରର ସୁରକ୍ଷା ଲକ୍ଷ୍ୟରେ ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆପରାଧିକ ମାମଲାରେ ଅଭିଯୁକ୍ତଙ୍କ ତରଫରୁ ମାମଲା ଲଢୁଥିବା ଆଇନଜୀବୀଙ୍କୁ ତଦନ୍ତକାରୀ ଅଫିସର ମନଇଚ୍ଛା ସମନ ଜାରି କରିପାରିବେ ନାହିଁ। ଏଥିପାଇଁ ଏସ୍‌ପିଙ୍କ ଅନୁମୋଦନ ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହିତ ସର୍ବୋଚ୍ଚ ଅଦାଲତ ତଦନ୍ତକାରୀ ଅଫିସରଙ୍କ ମନମୁଖି ସମନ ଜାରିକୁ ରୋକିବା ଲାଗି କେତେକ ନିର୍ଦ୍ଦେଶ ଜାରି କରିଛନ୍ତି। ବରିଷ୍ଠ ଆଇନଜୀବୀ ଅରବିନ୍ଦ ଡାଟାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ସମନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଆଇନଜୀବୀଙ୍କୁ ମାମଲା ଲଢ଼ିବା ଦାୟିତ୍ୱ ଦେବା ଅଭିଯୁକ୍ତଙ୍କ ମୌଳିକ ଅଧିକାର। ଏହାକୁ ତଦନ୍ତକାରୀ ଅଫିସର ଉଲ୍ଲଂଘନ କରୁଥିବା ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଏକ ମନିଲଣ୍ଡରିଂ ମାମଲାରେ ଆଇନଜୀବୀ ଡାଟାର ଏବଂ ବେଣୁଗୋପାଳଙ୍କୁ ଇଡି ସମନ ପରେ ସର୍ବୋଚ୍ଚ ଅଦାଲତ ନିଜଆଡୁ ମାମଲାକୁ ବିଚାରକୁ ନେଇ ଉପରୋକ୍ତ ରାୟ ଦେଇଛନ୍ତି। ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅଯଥା ଚାପରୁ ଆଇନଗତ ପେସାର ସୁରକ୍ଷା ପାଇଁ କେତେଗୁଡ଼ିଏ ନିର୍ଦ୍ଦେଶାବଳୀ ଜାରି କରାଯାଇଥିବା ଜଷ୍ଟିସ୍ ଚନ୍ଦ୍ରନ କହିଛନ୍ତି।

## ଦିଲ୍ଲୀରେ ଆଜି



ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶୁକ୍ରବାର ନୂଆଦିଲ୍ଲୀରେ କର୍ତ୍ତବ୍ୟପଥରେ ଭିସିଏସ୍‌ଜି ସର୍ବୋଦୟ ବାଲ୍ ବିଦ୍ୟାଳୟ ଛାତ୍ରୀଛାତ୍ର 'ଏକତା ପାଇଁ ଦୌଡ଼' କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। (ଫଟୋ- ଚମନ ଗୌତମ)

## ୫ ବର୍ଷରେ କୋଟିଏ ନିଯୁକ୍ତି ପ୍ରତିଶ୍ରୁତି

### ଏନ୍‌ଡିଏର ବିହାର ନିର୍ବାଚନୀ ଇସ୍ତାହାର

ପାଟନା,୩୧।୧୦


ବିହାର ବିଧାନସଭା ନିର୍ବାଚନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଶୁକ୍ରବାର ଇସ୍ତାହାର ପ୍ରକାଶ କରିଛି, ଯେଉଁଥିରେ ରାଜ୍ୟର ଯୁବତୀଯୁବକଙ୍କୁ ୫ ବର୍ଷରେ ୧ କୋଟି ନିଯୁକ୍ତି ଯୋଗାଇଦେବାର ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବିହାରରେ ୧ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରାଯିବା ସହ ୪ଟି ମହାନଗରରେ ମେଟ୍ରୋ ଟ୍ରେନ୍ ସେବା ଏବଂ ୭ଟି ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପ୍ରତିଶ୍ରୁତି ଦିଆଯାଇଛି। କେବଳ ସେତିକି ନୁହେଁ, ଏନ୍‌ଡିଏ ପୁନର୍ବାର ବିହାରରେ କ୍ଷମତାକୁ ଆସିଲେ ୭ଟି ଏକ୍ସପ୍ରେସ୍‌ୱେ, ୧୦ଟି ଶିଳ୍ପାଞ୍ଚଳ ପାର୍କ, କେଜିରୁ ପିଜି ପର୍ଯ୍ୟନ୍ତ ମୁକ୍ତ ତଥା ଉନ୍ନତମାନର ଶିକ୍ଷା ଏବଂ ଉଚ୍ଚଶିକ୍ଷା ପାଇଁ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କୁ ମାସିକ ୨,୦୦୦ ଟଙ୍କା ସହାୟତା ଯୋଗାଇଦେବ ବୋଲି କହିଛି। ସେହିପରି ରାଜ୍ୟର ବିଶ୍ୱସ୍ତରୀୟ ମେଡିସିଟି ଏବଂ ପ୍ରତି ଜିଲାରେ ଗୋଟିଏ ମେଡିକାଲ କଲେଜ, ମୁକ୍ତ ରାଶନ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା, ଅଧିକ ୫୦ ହଜାର ପକ୍କା ଘର ଯୋଗାଇ ଦିଆଯିବ। ଏହା ବ୍ୟତୀତ ମାତା ସୀତାଙ୍କ ଜନ୍ମସ୍ଥାନ କୁହାଯାଉଥିବା ସୀତାମାଢ଼ି ଜିଲାରେ 'ପୁନୌରା ଧାମ ଜାନକୀ ମନ୍ଦିର' ନିର୍ମାଣ ସହ ଉକ୍ତ ଜିଲାର ନାମ ସୀତାପୁରମ୍ ରଖାଯିବ। ପାଟନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏନ୍‌ଡିଏର ଇସ୍ତାହାର ଉନ୍ମୋଚିତ ହୋଇଥିବାବେଳେ ଏଥିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିତନରାମ ମାନ୍‌ଝୀ, ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ।

# ନେହେରୁଙ୍କ ଯୋଗୁ ବିଚ୍ଛିନ୍ନ ହୋଇଥିଲା କଶ୍ମୀର

### ରାଷ୍ଟ୍ରୀୟ ଏକତା ଦିବସରେ ପ୍ରଧାନମନ୍ତ୍ରୀ ମୋଦି କହିଲେ

ଏକତାନଗର(ଗୁଜରାଟ),୩୧।୧୦

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତ ସହ ଅନ୍ୟ ଗଡ଼ଜାତ ରାଜ୍ୟଗୁଡ଼ିକ ଭଳି କଶ୍ମୀରର ମିଶ୍ରଣ ଚାହୁଁଥିଲେ, କିନ୍ତୁ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏପରି ହେବାକୁ ଦେଇ ନ ଥିଲେ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗୁଜରାଟର ଏକତାନଗରସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍ ଅବସରରେ ସମ୍ବୋଧିତକରି ପ୍ରଧାନମନ୍ତ୍ରୀ କହିଛନ୍ତି,



ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ପଟେଲ ବିଶ୍ୱାସ କରୁଥିଲେ ଯେ କେହି ଇତିହାସ ଲେଖିବା ପାଇଁ ସମୟ ନଷ୍ଟ କରିବା ଅନୁଚିତ। ଇତିହାସ ଗଢ଼ିବା ଲାଗି କଠିନ ପରିଶ୍ରମ କରିବା ଉଚିତ।

୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରଠୁ ସର୍ଦ୍ଦାର ପଟେଲଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ପଟେଲଙ୍କ ୧୫୦ତମ ଜୟନ୍ତୀକୁ ଶୁକ୍ରବାର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଧୁମଧାମରେ ପାଳନ କରାଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ମୋଦି କହିଛନ୍ତି, ନେହେରୁଙ୍କ ଯୋଗୁ କଶ୍ମୀରକୁ ବିଭାଜିତ ହେବାକୁ ପଡ଼ିଥିଲା। କଶ୍ମୀର ପାଇଁ ଏକ ପୃଥକ୍ ସମ୍ବିଧାନ ଓ ଭିନ୍ନ ପତାକା ତିଆରି କରାଯାଇଥିଲା। କଂଗ୍ରେସ ଯୋଗୁ ଭାରତକୁ ଅନେକ ଦଶନ୍ଧି ଧରି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା। ସର୍ଦ୍ଦାର ପଟେଲ ଯେଉଁ ନୀତି ପ୍ରଣୟନ କରିଥିଲେ ଓ ନିଷ୍ପତ୍ତି ନେଇଥିଲେ ତାହା ନୂଆ ଇତିହାସ ସୃଷ୍ଟି କରିଥିଲା। ସ୍ୱାଧୀନତା ପରେ ୫୫୦ରୁ ଊର୍ଦ୍ଧ୍ୱ ଗଡ଼ଜାତ ରାଜ୍ୟକୁ ଏକତ୍ରିତ କରିବା ଅସମ୍ଭବ ମନେହେଉଥିଲା, ଯାହାକୁ ସର୍ଦ୍ଦାର ପଟେଲ ସମ୍ଭବ କରିଥିଲେ। 'ଏକ ଭାରତ, ଉତ୍କର୍ଷ ଭାରତ'ର ପରିକଳ୍ପନା ପଟେଲଙ୍କ ପାଇଁ ସର୍ବୋପରି ଥିଲା ବୋଲି ମୋଦି କହିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ନିନ୍ଦା କରିଛନ୍ତି।

### ଆର୍‌ଏସ୍‌ଏସ୍‌କୁ ନିଷିଦ୍ଧ କରାଯାଉ, ପଟେଲଙ୍କୁ ଅପମାନିତ କରିଛନ୍ତି ମୋଦି: ଖାର୍ଗେ

ଖାର୍ଗେ କହିଛନ୍ତି, ତାଙ୍କ ବ୍ୟକ୍ତିଗତ ମତରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)କୁ ନିଷିଦ୍ଧ ଘୋଷଣା କରାଯିବା ଉଚିତ। କାରଣ ଅଧିକାଂଶ ଆଇନଶୃଙ୍ଖଳା ସ୍ଥିତି ଭାଜପା-ଆର୍‌ଏସ୍‌ଏସ୍ ଯୋଗୁ ଉପୁଜୁଛି। ପ୍ରଧାନମନ୍ତ୍ରୀ ମୋଦି ସରକାରୀ କର୍ମଚାରୀମାନଙ୍କୁ ସଂଘରେ ସାମିଲ ହେବାକୁ ଅନୁମତି ଦେଉଛନ୍ତି। ମୋଦି ସର୍ଦ୍ଦାର ପଟେଲଙ୍କ ଲିଗାସିକୁ ଅପମାନିତ କରିଛନ୍ତି। ୧୯୪୮ରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ଆର୍‌ଏସ୍‌ଏସ୍‌କୁ ସମାଲୋଚନା କରି ପଟେଲ ଦେଇଥିବା ମନ୍ତବ୍ୟକୁ ଏହି ଅବସରରେ ଖାର୍ଗେ ଉଲ୍ଲେଖ କରିଛନ୍ତି। ପଟେଲ ଆମମାନଙ୍କ ପାଇଁ ସମ୍ମାନାସ୍ପଦ। ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାଙ୍କ ନିକଟରେ ମଥାନତ ହେବା ଉଚିତ।

## ଟ୍ୟୁନିସିଆରେ ୩ ମାସ ହେଲା ଫସିଛନ୍ତି ଝାଡ଼ଖଣ୍ଡର ୪୮ ଦାଦନ ଶ୍ରମିକ

ଆଙ୍କାରା,୩୧।୧୦

ଝାଡ଼ଖଣ୍ଡର ଗିରିଡିହ, ବୋକାରୋ ଏବଂ ହଜାରିବାଗ ଜିଲାରୁ ୪୮ ଦାଦନ ଶ୍ରମିକ ଆଫ୍ରିକୀୟ ରାଷ୍ଟ୍ର ଟ୍ୟୁନିସିଆରେ ୩ ମାସ ହେଲା ଫସିରହିଛନ୍ତି। ସୁରକ୍ଷିତ ଭାବେ ସ୍ୱଦେଶ ଫେରିବା ପାଇଁ ଏକ ଭିଡିଓ ବାର୍ତ୍ତା ଜରିଆରେ ସେମାନେ ଭାରତ ସରକାରଙ୍କ ସହାୟତା ଲୋଡ଼ିଛନ୍ତି। ୬ ମାସ ହେଲା ପାରିଶ୍ରମିକ ମିଳି ନ ଥିବାରୁ ସେମାନେ ଭୋକରେ ଦିନ କାଟୁଛନ୍ତି। ବକେୟା ପାରିଶ୍ରମିକ ପ୍ରଦାନ ସାଙ୍ଗକୁ ଶୀଘ୍ର ଫେରାଇନେବା ଲାଗି ସେମାନେ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି। ମିଥ୍ୟା ପ୍ରତିଶ୍ରୁତିରେ ନେଇ ସେମାନଙ୍କୁ ଠିକାରେ ନିଯୁକ୍ତି ଦିଆଯାଇଥିଲା।

## ମନ୍ତ୍ରୀ ହେଲେ ମହମ୍ମଦ ଆଝାରୁଦ୍ଦିନ



ହାଇଦ୍ରାବାଦ,୩୧।୧୦

ପୂର୍ବତନ କ୍ରିକେଟ ଅଧିନାୟକ ତଥା କଂଗ୍ରେସ ନେତା ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା କ୍ୟାବିନେଟ୍‌ରେ ଗୁରୁବାର ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜଭବନରେ ରାଜ୍ୟପାଳ ଜିଷ୍ଣୁଦେବ ବର୍ମା ପୂର୍ବତନ କ୍ରିକେଟରଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ନଭେମ୍ବର ୧୧ରେ ଜୁବିଲି ହିଲ୍ସ ଆସନରେ ଉପନିର୍ବାଚନ ଥିବାରୁ ମୁସଲମାନ ଭୋଟରଙ୍କ ସମର୍ଥନ ହାସଲ ପାଇଁ ଆଝାରୁଦ୍ଦିନ୍‌ଙ୍କୁ ମନ୍ତ୍ରୀ କରାଯାଇଛି। ଜୁବିଲି ହିଲ୍ସ ନିର୍ବାଚନ ମଣ୍ଡଳୀରେ ୩୦% ମୁସଲମାନ ଭୋଟର ରହିଛନ୍ତି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ସରକାର ନୂଆ ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇ ଏହାର ଉଲ୍ଲଂଘନ କରିଥିବା ଭାଜପା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଉପନିର୍ବାଚନ ଲଢ଼ିବାକୁ କଂଗ୍ରେସ ଆଝାରୁଦ୍ଦିନଙ୍କୁ ଟିକେଟ ଦେଇ ନ ଥିଲା। ଏବେ ତାଙ୍କୁ ମନ୍ତ୍ରୀ କରି ସରକାର କ୍ଷମତାର ଦୁରୁପଯୋଗ କରିଥିବା ଭାଜପା କହିଛି।

## 'କିଙ୍ଗ୍'କୁ ନେଇ ଉତ୍ସାହିତ ଶାହରୁଖ

**ମୁମ୍ବାଇ:** ବଲିଉଡ୍ ବାଦ୍‌ଶାହା ଶାହରୁଖ ଖାନ୍ ତାଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍'କୁ ନେଇ ବେଶ୍ ଉତ୍ସାହିତ। ଏହି ଫିଲ୍ମରେ ତାଙ୍କ ସହିତ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିବ। ସେମାନଙ୍କୁ ପରଦାରେ ଏକାଠି ଦେଖିବା ପ୍ରଶଂସକଙ୍କ ପାଇଁ ଖୁସିର ବିଷୟ। କାରଣ ଉଭୟ ପୂର୍ବରୁ ଅନେକ ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି। ଉଭୟଙ୍କ ଅଭିନୀତ ଏହା ଷଷ୍ଠ ଫିଲ୍ମ। ନିକଟରେ ଶାହରୁଖ ତାଙ୍କ X ଆକାଉଣ୍ଟରେ 'ଆସ୍କ ମି ଏନିଥିଙ୍ଗ୍' ସେସନ ଆୟୋଜନ କରିଥିଲେ। ଜଣେ ପ୍ରଶଂସକ 'କିଙ୍ଗ୍' ଉଲ୍ଲେଖ କରି ଲେଖିଥିଲେ, ଆପଣ ଏବଂ ଦୀପିକାଙ୍କୁ ପୁଣିଥରେ ଏକାଠି ଦେଖିବାକୁ ଆମେ ବହୁତ ଉତ୍ସାହିତ। ବଲିଉଡ ସୁପରଷ୍ଟାର ଏହାର ଜବାବ ଦେଇ କହିଥିଲେ, ମୁଁ ମଧ୍ୟ। ଶାହରୁଖଙ୍କ ଝିଅ ସୁହାନା ମଧ୍ୟ 'କିଙ୍ଗ୍'ରେ ଅଭିନୟ କରିବେ। ଫିଲ୍ମର କାହାଣୀ ବିଷୟରେ ଏପର୍ଯ୍ୟନ୍ତ ଅଧିକ ସୂଚନା ପ୍ରକାଶ ପାଇନାହିଁ। ପୂର୍ବରୁ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲରେ ଶାହରୁଖ 'କିଙ୍ଗ୍' ବିଷୟରେ କହିଥିଲେ। ଏହା ଏକ ଆକ୍ସନ ଡ୍ରାମା ହିନ୍ଦୀ ଫିଲ୍ମ। ଏହା ଆକର୍ଷଣୀୟ ହେବ। ୭ କିମ୍ବା ୮ ବର୍ଷ ପୂର୍ବରୁ ଏଭଳି ଫିଲ୍ମ କରିବି ବୋଲି ଆଶା ରଖିଥିବା ଶାହରୁଖ କହିଥିଲେ।



## ଅସ୍ତ୍ରବିରତି ବଜାୟ ରଖିବାକୁ ପାକ୍, ଆଫଗାନ ରାଜି

ଆଙ୍କାରା,୩୧।୧୦

ଇସ୍ତାନବୁଲ୍‌ରେ ଶାନ୍ତି ଆଲୋଚନା ପରେ ପାକିସ୍ତାନ ଓ ଆଫଗାନିସ୍ତାନ ଅସ୍ତ୍ରବିରତି ବଜାୟ ରଖିବାକୁ ରାଜି ହୋଇଥିବା ତୁର୍କୀ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ପୂର୍ବରୁ ୨ ଦେଶ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା। ଅସ୍ତ୍ରବିରତିକୁ କିଭଳି କାର୍ଯ୍ୟକାରୀ କରାଯିବ ତାହା ଚୂଡ଼ାନ୍ତ କରିବା ନିମନ୍ତେ ଆସନ୍ତା ୬ ତାରିଖରେ ଇସ୍ତାନବୁଲ୍‌ରେ ପାକିସ୍ତାନ ଓ ଆଫଗାନିସ୍ତାନ ଉଚ୍ଚସ୍ତରୀୟ ବୈଠକ କରିବାକୁ ଯୋଜନା କରିଛନ୍ତି। ଶାନ୍ତି ବଜାୟ ରଖିବାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ପକ୍ଷ ବ୍ୟବସ୍ଥାର ଅନୁଧ୍ୟାନ ଓ ଯାଞ୍ଚ କରିବେ ଏବଂ ଏହାର ଉଲ୍ଲଂଘନ ପାଇଁ ଦଣ୍ଡବିଧାନ କରାଯିବ। ଚଳିତ ମାସରେ ପାକ୍ ଓ ଆଫଗାନ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ବହୁସଂଖ୍ୟାରେ ସୈନ୍ୟ, ସାଧାରଣ ନାଗରିକ ଓ ଆତଙ୍କବାଦୀ ନିହତ ହୋଇଥିଲେ। ସୀମା ଉତ୍ତେଜନା ଲାଗି ରହିଥିବାବେଳେ ଏହାକୁ ହ୍ରାସ କରିବା ପାଇଁ ତୁର୍କୀ ଓ ଅନ୍ୟ ବନ୍ଧୁ ରାଷ୍ଟ୍ରଙ୍କ ସହଯୋଗରେ ନୂଆ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପୂର୍ବ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଚଳିତ ସପ୍ତାହରେ ନୂଆ ସୀମା ସଂଘର୍ଷ ଘଟିନାହିଁ। ଉଭୟ ଦେଶ ପ୍ରମୁଖ ସୀମାନ୍ତ ରାସ୍ତାକୁ ବନ୍ଦ ରଖିଥିବାରୁ ବହୁସଂଖ୍ୟାରେ ମାଲ୍‌ବୋଝେଇ ଟ୍ରକ୍ ଉଭୟ ପାର୍ଶ୍ୱରେ ଅଟକି ରହିଛି।

## ତାଞ୍ଜାନିଆରେ ବିକ୍ଷୋଭ ହିଂସାରେ ୭୦୦ ମୃତ

ଡୋଡୋମା,୩୧।୧୦

ପୂର୍ବ ଆଫ୍ରିକୀୟ ରାଷ୍ଟ୍ର ତାଞ୍ଜାନିଆରେ ନିର୍ବାଚନୀ ଅନିୟମିତତାକୁ ନେଇ ବିକ୍ଷୋଭ ବେଳେ ୭୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବା ବିରୋଧୀ ଦଳ ଦାବି କରିଛି। ରାଷ୍ଟ୍ରପତି ସମିଆ ସୁଲୁହୁ ହାସନ୍‌ଙ୍କ ୨ ବଡ଼ ଚ୍ୟାଲେଞ୍ଜରଙ୍କୁ ଦୌଡ଼ରୁ ବାଦ୍ ଦିଆଯାଇଥିବାରୁ ଦେଶବ୍ୟାପୀ ଜନାକ୍ରୋଶ ବୃଦ୍ଧି ପାଇଛି। ଉତ୍ତ୍ୟକ୍ତ ଲୋକେ ସରକାରୀ ଅଫିସଗୁଡ଼ିକରେ ଭଙ୍ଗାରୁଜା ଓ ଜଳାପୋଡ଼ା କରିବା ସହ ପୋଲିସ ସହିତ ମୁହାଁମୁହିଁ ହୋଇଛନ୍ତି।


## ବ୍ରାଜିଲରେ ବାଦୁଡ଼ିଠାରୁ କୋଭିଡ୍ ଭଳି ଭୂତାଣୁ ଚିହ୍ନଟ

ନୂଆଦିଲ୍ଲୀ,୩୧।୧୦

ବ୍ରାଜିଲରେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବାଦୁଡ଼ିଠାରେ କୋଭିଡ୍-୧୯ ଭଳି ଭୂତାଣୁ ଚିହ୍ନଟ ହୋଇଛି। ଆମେରିକା, ଜାପାନ,ଅଷ୍ଟ୍ରେଲିଆ ଏବଂ ବେଲ୍‌ଜିୟମ୍‌ର ବୈଜ୍ଞାନିକମାନଙ୍କ ଏକ ଅନ୍ତର୍ଜାତୀୟ ଟିମ୍ ଏହି ନୂଆ ଭାଇରସ୍ ଚିହ୍ନଟ କରିଥିବାବେଳେ ଏହାକୁ ନେଇ ସମ୍ଭାବ୍ୟ ସଂକ୍ରମଣ ଓ ନୂଆ ରୋଗର ଆଶଙ୍କା ଦେଖାଦେଇଛି।

ବେଟାକରୋନା ଭୂତାଣୁ ଯଥା ସିଭିୟର୍ ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍ ଭାଇରସ୍ (ଏସ୍‌ଏଆର୍‌ଏସ୍-ସିଓଭି-୨) ଏବଂ ମିଡିଲ୍ ଇଷ୍ଟ ରେସ୍ପିରେଟୋରି ସିଣ୍ଡ୍ରୋମ୍ ଭାଇରସ୍ (ଏମ୍‌ଇଆର୍‌ଏସ୍-ସିଓଭି) ସମେତ ଅନେକ ଭୂତାଣୁର ପ୍ରାକୃତିକ ଭଣ୍ଡାର ହେଉଛନ୍ତି ବାଦୁଡ଼ି। ଟେରୋନୋଟସ୍ ପାର୍ନେଲି ନାମକ ଏକ କ୍ଷୁଦ୍ର ତଥା ମୁହଁରେ ମୁଛ ଥିବା ବାଦୁଡ଼ିଠାରୁ ବିଆର୍‌ଜେଡ୍ ବ୍ୟାଟ୍ କୋଭ୍ ନାମରେ ଭୂତାଣୁକୁ ଓସାକା ଏବଂ ସିଡ୍‌ନୀ ୟୁନିଭର୍ସିଟିର ଗବେଷକ ଟିମ୍ ଚିହ୍ନଟ କରିଛି। ଏହା ବେଟାକରୋନା ଭାଇରସ୍‌ଠାରୁ ବର୍ଗାନୁବଂଶିକ ଭାବେ ଭିନ୍ନ ବୋଲି ଗବେଷକମାନେ କହିଛନ୍ତି। ତେବେ ବିଆର୍‌ଜେଡ୍ ବ୍ୟାଟ୍ ସିଓଭି କୋଭିଡ୍ ନୁହେଁ, ବରଂ ଏହାର ଏମ୍‌ଇଆର୍‌ଏସ୍ ଭୂତାଣୁ ସହ ଅଧିକ ନିବିଡ଼ ସମ୍ପର୍କ ରହିଥିବା କୁହାଯାଉଛି।





छत्तीसगढ़ रजत महोत्सव 25

छत्तीसगढ़ राज्योत्सव

# Chhattisgarh FOUNDATION DAY & Rajat Mahotsav



In the esteemed presence of

Hon'ble Prime Minister

## SHRI NARENDRA MODI JI

development projects worth

**Approx. ₹14,300 Crore**

01 November 2025

**Rajyotsav Sthal**
Nava Raipur, Atal Nagar, Chhattisgarh

spanning Road Infrastructure, Energy, Industry, Housing, Rural Development and the Health Sector — will be Inaugurated, Dedicated to the Nation and Foundation Stones laid, alongside the ceremonial Griha Pravesh.

## Inauguration

**Shaheed Veer Narayan Singh Memorial & Tribal Freedom Fighters Museum**
₹52 Crore





**Chhattisgarh's New Vidhan Sabha Bhawan**
₹324.93 Crore

### Griha Pravesh and Installment Release ₹1,200 Crore

- Griha Pravesh of **3.51 Lakh** 'Pucca Awaas' constructed under **PMAY-G** and distribution of **Khushiyon Ki Chaabi**
- Release of financial **assistance instalments** to **3 Lakh** beneficiaries

### Foundation Stone laying ₹7,459 Crore

- **New smart industrial** areas in Janjgir-Champa and Rajnandgaon
- **Pharmaceutical Park** in Nava raipur
- Working **women's hostel** in Koni and Uslapur villages (Bilaspur)
- **Government Medical College** building in Manendragarh, kabirdham, Janjgir-Champa and Geedam (Dantewada)
- **Government Ayurveda College** and **Hospital building** in Bilaspur
- Construction and Upgradation works of **3 National Highways** (NH-130D) and Pathalgaon-Kunkuri-CG/JH Border **Four Lane Greenfield** National Highway
- **220 kV power substation** in Kanker and **132 kV power substation** in Balodabazar-Bhatapara
- Infrastructure **Power Work** under **RDSS Scheme**

### Inauguration ₹3,250 Crore

- **7 EHV substations, 400 kV** in Mungeli, **220 kV** in Rajim (Gariyaband) and Patan (Durg), **132 kV** in Raipur, Bemetara, Bilaspur and Koriya
- **33 kV substation** in Sukma and Bastar
- Chhattisgarh and Odisha Section(489 km) of the **Nagpur–Jharsuguda Pipeline –(GAIL)**
- New **Petroleum Oil Depot (HPCL)**
- **Start-up Village Entrepreneurship Programme** in **12 blocks** across **9 districts**
- Inter-regional **ER–WR Interconnection Transmission Project (POWERGRID)**

### Dedicating to Nation ₹1,979 Crore

- New **11 kV** and **LT lines, overloaded 11 kV feeders and transformers** in various districts
- Conversion of bare **conductors** into **AB cables**
- Construction of **2-lane paved shoulder road** on **National Highway-130C** from Madangmuda–Devbhog up to the Odisha border

S-45741/39

DD NEWS Watch live on DD News

Scan the QR to join us

छत्तीसगढ़ जनसंपर्क

Visit us : /ChhattisgarhCMO /DPRChhattisgarh www.dprcg.gov.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୁନ୍ଦରାକାଣ୍ଡ ସାମୂହିକ ପାଠୋତ୍ସବ, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ୟୁନିଟ୍-୩, ସମୟ: ସକାଳ ୮ଟା ୩୦।
- ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ-୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) କାର୍ଯ୍ୟାଳୟ, ସାମନ୍ତରାପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାମାଜିକ ନ୍ୟାୟ ନେତୃତ୍ୱ ସମ୍ମେଳନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ରୌପ୍ୟଜୟନ୍ତୀ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାରସ୍ୱତ ସଭା ଏବଂ 'ମହାପ୍ରଭୁ ଶ୍ରୀଜଗନ୍ନାଥ'ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା ପଦଯାତ୍ରା, ସ୍ଥାନ: ନିଶାମଣି କନଭେନଶନ ନିକଟ, ଲିଙ୍କ ରୋଡ୍, ସମୟ: ସକାଳ ୮ଟା।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଡ଼କ ସୁରକ୍ଷା ସଚେତନତା ଅବସରରେ ପଦଯାତ୍ରା, ସ୍ଥାନ: ରାଜ୍ୟ ପରିବହନ ପ୍ରାଧିକରଣ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କଟକ, ସମୟ: ସକାଳ ୮ଟା ୩୦।

## ବାଲେଶ୍ୱର
- ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହେଶପୁର ପଞ୍ଚାୟତ କାର୍ଯ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ବୋଇତ ବନ୍ଦାଣ ଉତ୍ସବ ଲାଗି ଖବରଦାତା ସମ୍ମିଳନୀ, ସ୍ଥାନ: ଆରୁହାବୃତ୍ତି ପଞ୍ଚାୟତ କାର୍ଯ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ତ୍ରୟୋଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଦୁର୍ନୀତି ନିବାରଣ ସଚେତନତା ନେଇ ସାଧାରଣ ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଜଗଧାତ୍ରୀ ପୂଜା,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ସକାଳ ୮ଟା।
- ନୂତନ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ,ସ୍ଥାନ: ତହସିଲ କାର୍ଯ୍ୟାଳୟ, ଚିତ୍ରଡ଼ା,ମୋରଡ଼ା,ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଅଭିନୟ ଫାଉଣ୍ଡେଶନର ଦ୍ୱିତୀୟ ବାର୍ଷିକ ଉଦ୍‌ଘାଟନ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: କିଶୋରନଗର ବ୍ଲକ ବିଲେଇନାଳୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାସ ମଣ୍ଡପରେ ରାଧାକୃଷ୍ଣଙ୍କ ପୂଜା ଆରମ୍ଭ, ସ୍ଥାନ: ମହୀଧରପୁର, ସମୟ: ସନ୍ଧ୍ୟା ୬ ଟା।

## ଜଗତ୍‌ସିଂହପୁର
- ଜଗନ୍ନାଥ ଚେତନା ସୁରକ୍ଷା ମଞ୍ଚ ପକ୍ଷରୁ ମାଧବ ମନ୍ଦିର ପୋତୁଆଁ ଭାର ସମ୍ପର୍କରେ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର, ଉଦୟବଟ ଧାମ, ଭିତରଗଡ଼, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଦୁର୍ନୀତି ନିବାରଣ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଜିଲା ଚେସ ଆସୋସିଏଶନ ପକ୍ଷରୁ ଆନ୍ତରାଜ୍ୟ ମହିଳା ଚେସ ଚମ୍ପିୟାନସିପ, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଷ୍ୟାଳିଙ୍କ ପଞ୍ଚୁକ ବ୍ରତ ଉପଲକ୍ଷେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରପଡ଼ା ସହର, ସମୟ: ସକାଳ ୮ଟା।

## ଯାଜପୁର
- ଜଗନ୍ନାଥ ସେବା ସଂଘ ପକ୍ଷରୁ ରାହାସ ପୂର୍ଣ୍ଣିମା ଉତ୍ସବ, ସ୍ଥାନ : ଧର୍ମଶାଳା ବ୍ଲକ ବଳରାମପୁରଗଡ ଜଗନ୍ନାଥ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦ଟା୩୦।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାରେ ଅଳାଁ ନବମୀ ଯାତ୍ରାର ଅଙ୍କୁରାରୋପଣ, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତର ଭୀମରା ପାହାଡ଼, ସମୟ: ସକାଳ ୭ଟା।
- ଶରତ ରାସଯାତ୍ରା ମହୋତ୍ସବର ୨ୟ ଦିବସରେ ବସ୍ତ୍ରହରଣ ଓ ଅଧିବାସ, ସ୍ଥାନ: ଦଶପଲ୍ଲା ସହରର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ: ସକାଳ ୭ଟା।
- ପଞ୍ଚଦଶ ଭାଗବତ ପାରାୟଣର ସୂର୍ଯ୍ୟପୂଜା, ହୋମ, ଭାଗବତ ପାରାୟଣ, ଭଜନ କୀର୍ତ୍ତନ ଓ ପ୍ରବଚନର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆଁପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା।
- ଭାଗବତ ସପ୍ତାଙ୍ଗର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ମନ୍ଦିର, ସମୟ: ସକାଳ ୮ଟା।
- ଭାଗବତ ସପ୍ତାଙ୍ଗର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ ପୀଠ, ସମୟ: ସକାଳ ୯ଟା।
- ଭାଗବତ ସପ୍ତାଙ୍ଗର ୩ୟ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପଞ୍ଚାୟତର ନାରାୟଣୀ ପୀଠ, ସମୟ: ସକାଳ ୯ଟା।
- ୨ୟତମ ବୈଦିକ ଦେବ ଯଜ୍ଞ ଓ ପଞ୍ଚକ ଜ୍ଞାନ ଜ୍ୟୋତି ପାରାୟଣ ପର୍ବର ୨ୟ ଦିବସ, ସ୍ଥାନ: କଣ୍ଟିଲୋ କୁଞ୍ଜବିହାରୀପୁର ପାଟଣା, ସମୟ: ସକାଳ ୯ରୁ ରାତ୍ର ୯ଟା।

ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭାପୁର ବ୍ଲକ ବିଜିପୁର ସାଇ ମନ୍ଦିର ନିକଟ, ସମୟ: ସକାଳ ୯ଟା।

## ରାୟଗଡ଼ା
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ରାୟଗଡା ଗଜପତି ଛକ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ସଭାକାର୍ଯ୍ୟ ଓ ଆଲୋଚନାଚକ୍ର, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସଦ୍‌ଭାବନା ଗୃହ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଦୁର୍ନୀତି ମୁକ୍ତ ଓ ସ୍ୱଚ୍ଛ ସମାଜ ପ୍ରତିଷ୍ଠା ଉପଲକ୍ଷେ ଜିଲାସ୍ତରୀୟ ଶୋଭାଯାତ୍ରା, ସଚେତନ ସଭା , ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ଅଷ୍ଟପ୍ରହର ନାମଯଜ୍ଞ ଉଦଯାପନୀ, ସ୍ଥାନ: ମାର୍କେଟ ପରିସର, ହାଲ ସୁନାବେଡା, ସମୟ: ସକାଳ ୯ଟା।
- ଦୁର୍ନୀତି ନିବାରଣ ସପ୍ତାହ ନେଇ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୯ଟା।
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସଚେତନତା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଭାସି ମାଧ୍ୟମରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ନନ୍ଦପୁର ବ୍ଲକ ଓସ୍ୱାନ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ମାଲକାନଗିରି
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ନେଇ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ,ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ମାଥିଲି ,ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଭିସୁଟ ଆୟୋଜନରେ ପାରାଲେକ୍ସ ଅଫ ସର୍ସପେକଟିଭ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଇ-ଲାର୍ଣ୍ଣି ସେଣ୍ଟର, ସମୟ: ସକାଳ ୯ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା ୩୦ ରୁ ରାତି ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ଅପରାହ୍ନ ୩ଟାରୁ ରାତି ୭ଟା।
- ସମ୍ବଲପୁର ରେଳମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ରେଲବାଇ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା

## ବଲାଙ୍ଗୀର
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ, ସମୟ: ପୂର୍ବାହ୍ନ ୮ଟା ୩୦।
- ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦।

## ସୁନ୍ଦରଗଡ଼
- ୨୪ତମ ଓଡିଶା ଆନ୍ତଃଜିଲା କନିଷ୍ଠ ସିପକ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଘାଟନ ସମାରୋହ, ସ୍ଥାନ:ଟାଙ୍ଗରପାଲି ବ୍ଲକ ଯୋଗୀମାଲ ଗ୍ରାମପଞ୍ଚାୟତ ,ତେନ୍ତୁଳି ଢିପା ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି
- ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ ପକ୍ଷ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ସମୟ: ସକାଳ ୯ଟା।
- କଳାହାଣ୍ଡି ଗଠନ ଦିବସ ଜିଲାସ୍ତରୀୟ ସମାରୋହ, ସ୍ଥାନ:ଭବାନୀପାଟଣାସ୍ଥିତ ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ସଚେତନତା ସଭା ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ସ୍ତରୀୟ ମକ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲିସ୍ଥିତ ଦିଗଶିରା ଗ୍ରାମରେ କୈଳାସୀ ଯାତ୍ରା, ସ୍ଥାନ: ଅଙ୍ଗନଦୀସ୍ଥିତ କୈଳାସୀ ଯାତ୍ରା ପଡ଼ିଆ, ସମୟ: ସକାଳ ୮ ରୁ ଆରମ୍ଭ ହୋଇ ରାତି ୧୨ଟା ପର୍ଯ୍ୟନ୍ତ।
- ସୋନପୁର ବ୍ଲକ ବଡ ଝିଙ୍କିରେ କଳାସୀ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ବଡଝିଙ୍କି ପଡ଼ିଆ, ସମୟ: ସନ୍ଧ୍ୟା ୫ଟା ୩୦।

## ନୂଆପଡ଼ା
- ରାହାଁସ ଲୀଳା ପରିବେଷଣ ଓ ପୁରାଣ କଥା, ସ୍ଥାନ: ଖଡିଆଳ ବ୍ରାହ୍ମଣପଡ଼ା, ସମୟ: ସକାଳ ୭ଟା ଓ ରାତ୍ର ୮ଟା।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ଶ୍ରୀକୃଷ୍ଣ ଲୀଳା, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ସକାଳ ୬ଟା ୩୦ ଓ ରାତି ୮ଟା।

## ଝାରସୁଗୁଡ଼ା
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଦୁର୍ନୀତି ନିବାରଣ ସଚେତନତା ଶିବିର, ସ୍ଥାନ: ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବେଲପାହାଡ଼ ଫୁଟବଲ କପ୍ ଟୁର୍ନାମେଣ୍ଟ, ସ୍ଥାନ: ବେଲପାହାଡ଼ ରତନ ଟାଟା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ ସହ ରାହୁଙ୍କ ସଂଯୋଗ ପ୍ରଭାବରେ ଭାଇ, ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ହୋଇପାରେ। କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ମନରେ ଅସ୍ଥିରତା ଲାଗି ରହିବାରୁ ଅନ୍ୟମାନଙ୍କ କଥା ଆପଣଙ୍କୁ ଭଲ ଲାଗିବ ନାହିଁ। ସାହିତ୍ୟ, ସାମ୍ବାଦିକତା, ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ଆଜି ରାଶ୍ୟାଧିପ ଶୁକ୍ରଙ୍କ ନୀଚତ୍ୱ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଶନିଙ୍କ ଦୃଷ୍ଟିଜନିତ ଉଦାସୀନତା ସୃଷ୍ଟିକରି ଭୋଗ ବିଳାସ ପ୍ରତି ବୈରାଗ୍ୟ ଭାବ ଉଦ୍ରେକ କରିପାରନ୍ତି। ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମିଥୁନ** ତୃତୀୟାଧିପତିଙ୍କ ଦୁର୍ବଳତାଜନିତ ବିବାଦରେ ପଶିଲେ ଅପଦସ୍ତ ହୋଇପାରନ୍ତି। ପଡ଼ୋଶୀଙ୍କ ଦ୍ୱାରା ଘରୋଇ ବ୍ୟାପାରରେ ହସ୍ତକ୍ଷେପ ମାଧ୍ୟମରେ ଅଶାନ୍ତ ବାତାବରଣ ସୃଷ୍ଟି ହେବ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିବେ। ଘରେ ବନ୍ଧୁ ମିଳନରେ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କର୍କଟ** ଧନସ୍ଥାନରେ କେତୁ ଓ ଧନାଧିପ ବଳହୀନ ଯୋଗୁ ଅର୍ଥ ସଙ୍କଟ ଲାଗିରହିବ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ଖୁସି ରହିବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟରେ ଲାଭ ଆଶାନୁରୂପ ପାଇପାରିବେ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ ଅବଶ୍ୟ ସବୁ କଥାରେ ନରମି ରହି ପାରିଲେହିଁ ସୁଫଳ ପାଇବେ।

**ସିଂହ** ରବିଙ୍କ ଦୁର୍ବଳତା ସାଇନୋଇସାଟିସ୍ ଭଳି ରୋଗ ଜନିତ ମୁଣ୍ଡବ୍ୟଥା କିମ୍ବା କ୍ରନିକ୍ ରୋଗ ପୀଡ଼ାକୁ ନିମନ୍ତ୍ରଣ କରିପାରେ। କର୍ତ୍ତବ୍ୟର ଦ୍ୱାହି ଦେଇ ଅନ୍ୟ ପାଇଁ କଷ୍ଟ ସ୍ୱୀକାର କରିପାରନ୍ତି। କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**କନ୍ୟା** ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣ ଦୃଷ୍ଟି ହେତୁ ଭାଇ କିମ୍ବା ସହକର୍ମୀଙ୍କ ହେତୁକ ସମସ୍ୟାରେ ବ୍ୟସ୍ତତା ପ୍ରକାଶ କରିବେ। କିଛି ମତ ମନ୍ତବ୍ୟ ଦେବା ପୂର୍ବରୁ ଭାବିଚିନ୍ତି କହିବା ଭଲ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ତୁଳା** ନୀଚସ୍ଥ ଶୁକ୍ର ଓ ରବିଙ୍କ ଯୋଗୁ କାମଗୁଡ଼ିକ ଅଧୁରା ରହିଯିବ। ସନ୍ତାନଙ୍କ ବେଖାତିର କାମ ଯୋଗୁ ମାନସିକ ସ୍ଥିରତା ହରାଇବେ। ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟା ଦେଖାଦେଇପାରେ। ବୃହସ୍ପତିଙ୍କ ଦୃଷ୍ଟିରୁ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବାର ଆଶା କରାଯାଇପାରେ।

**ବିଛା** ସ୍ୱଗୃହୀ ମଙ୍ଗଳଜନିତ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ଆନୁଷ୍ଠାନିକ କାମରେ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ହାତକୁ ଚାହିଁ ବସିପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ବୃଦ୍ଧିପାଇବ।

**ଧନୁ** ପାପଗ୍ରହମାନେ ରାଶିକୁ ପ୍ରଭାବିତ କରୁଥିବାରୁ ନିଜର ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ଅନ୍ତରଙ୍ଗଙ୍କ ଆନ୍ତରିକତାକୁ ହରାଇପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ମକର** ଗ୍ରହଙ୍କ ପ୍ରତିକୂଳ ସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାର୍ଯ୍ୟ ସମ୍ପନ୍ନ ହେବ। ଯୁକ୍ତିଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବେ। ଉଚ୍ଚ ବର୍ଗର ବ୍ୟକ୍ତିଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ସହକର୍ମୀଙ୍କ ଦୌରାତ୍ମ୍ୟ କ୍ରମଶଃ କମିବ ଏବଂ ମିତ୍ରମାନଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ।

**କୁମ୍ଭ** ରାଶିରେ ରାହୁଙ୍କ ପ୍ରଭାବରେ ଭୁଲ୍ ନିଷ୍ପତ୍ତି ନେଇ ହରବରଘଣାରେ ପଡ଼ିପାରନ୍ତି। ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ କେତୁଙ୍କ କୁପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବନାହିଁ। ପିଲାଙ୍କର କିଛି ସମସ୍ୟାକୁ ନେଇ ହଠାତ୍ ବିବ୍ରତ ହୋଇପାରନ୍ତି। ତଥାପି ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କମିଯିବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଓ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ଅଭାବ ନଥିଲେ ମଧ୍ୟ ଶାନ୍ତି ପାଇବା କଷ୍ଟକର ହୋଇପାରେ।

ଆଜି ନଭେମ୍ବର ୧ ତାରିଖ, ବିଶୁଦ୍ଧ ଶାକାହାରୀ ଦିବସ, କାର୍ତ୍ତିକ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ, ଶନିବାର। ଶ୍ରୀଜୀଉଙ୍କ ରାଧା ଦାମୋଦର ବେଶ ସମାପ୍ତି, ଶରତ ରାସ ଅଧିବାସ, କପିଳାସ ମହିମାତପୋବନ ମେଳା, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୧ଗତେ ଘ.୦୮।୪୦ ମଧ୍ୟେ, ଘ.୧୧।୫୨ ମି. ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ମି. ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଉଳ ପତ୍ର, ବଉଳ ବାଆ,
କୋଳି ଗଣ୍ଡାକର ଘର;
ଷାଠିଏ ଟଙ୍କାର ବଳଦ ବାନ୍ଧି,
ନାଥେ ହେଲେ ହରବର।**

ଅଭାବରୁ ହୀନସ୍ଥା। ବହୁ ମୂଲ୍ୟ ବିନିମୟରେ ବଳଦ ଆଣି ତା'ର ଉପଯୁକ୍ତ ଭାବେ ପାଳନ କରି ନ ପାରି ହରଡ଼ଘଣାରେ ପଡ଼ିଯାଇଥିବା ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଭିଆଡ଼ୀ ସୂତା କାଟିଲେ ରାଣ୍ଡେ,
ଅଭିଆଣ କଥା ଦେଖ ଲୋ ଦାଣ୍ଡେ।**

ମଙ୍ଗଳସୂତ୍ର ସଧବା ସ୍ତ୍ରୀ କାଟିବା ବିଧି ଏବଂ ବିଧବା କାଟିବା ଶାସ୍ତ୍ରବିରୋଧୀ। ତେଣୁ ଯିଏ ଯେଉଁ କାମ କରିବା ନ୍ୟାୟସଙ୍ଗତ ନୁହେଁ, ସେହି କାମକୁ ସେ କରି ବସିବା ଭୁଲ୍ ଏବଂ ଅନ୍ୟାୟ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶା ରାଜନୀତିକୁ ନୂଆ ବାଟ ଦେଖାଇବ ନୂଆପଡ଼ା: ପ୍ରସାଦ

ଭୁବନେଶ୍ୱର,୩୧।୧୦
(ରବିନାରାୟଣ ଜେନା)

ଦେଶର ରାଜନୀତିକୁ ଆଗାମୀ ଦିନରେ ବିହାର ନିର୍ବାଚନ ଫଳାଫଳ ଯେଭଳି ପ୍ରଭାବିତ କରିବ, ଠିକ୍ ସେହିପରି ନୂଆପଡ଼ାର ଉପନିର୍ବାଚନ ଫଳାଫଳ ଓଡ଼ିଶା ରାଜନୀତିକୁ ଏକ ନୂଆ ବାଟ ଦେଖାଇବ ବୋଲି କଂଗ୍ରେସ କହିଛି। ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ନୂଆପଡ଼ାରେ ଭାଜପା ଓ ବିଜେଡି ମଧ୍ୟରେ ସଲାକୁତ୍ତି ଚାଲିଛି। କିନ୍ତୁ ଜନତା ସବୁ ଦେଖୁଛନ୍ତି ଏବଂ ନିଷ୍ପତ୍ତି ମଧ୍ୟ ନେଇ ସାରିଛନ୍ତି। ବିଜେଡିପ୍ରାର୍ଥୀ ବରଗଡ଼ରୁ ଆଣିଥିବାବେଳେ ଭାଜପା ପ୍ରାର୍ଥୀ ନ ପାଇ ବିଜେଡିରୁ ଧରି ଆଣିଛି। ହେଲେ କଂଗ୍ରେସ ଜଣେ ସ୍ଥାନୀୟ ଆଦିବାସୀ ଶିକ୍ଷିତ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି। ନୂଆପଡ଼ାରେ ନୂଆ ନାରା ଉଠୁଛି 'ବାହାରି ଭଗାଓ, ଆପନା ଲାଓ'। ପ୍ରସାଦ କହିଛନ୍ତି, ଦୁର୍ଭିକ୍ଷ ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଏଠାକୁ ଆସିଥିଲେ। ପ୍ରଧାନମନ୍ତ୍ରୀ ଥିବାବେଳେ ରାଜୀବ ଗାନ୍ଧୀ ଓ ସୋନିଆ ଗାନ୍ଧୀ କୋମନା ବ୍ଲକ ଆସି ଆଦିବାସୀମାନଙ୍କ ପାଇଁ କାର୍ଯ୍ୟ କରିଛନ୍ତି। 'ମାଡ଼ା' ଯୋଜନା ଓ କେବିକେ ଯୋଜନା ମାଧ୍ୟମରେ କଂଗ୍ରେସ ଅମଳରେ ନୂଆପଡ଼ାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ରରେ ରେଳମନ୍ତ୍ରୀ ଥିବାବେଳେ ଖୋର୍ଦ୍ଧା ଓ ବଲାଙ୍ଗୀର ରେଳପଥ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସେ କାର୍ଯ୍ୟ ଶେଷ ହୋଇନାହିଁ। ଏବେ ନୂଆପଡ଼ାରୁ ସର୍ବାଧିକ ଶିକ୍ଷିତ, ବେକାରି ଯୁବତୀ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ୨୪ବର୍ଷର ବିଜେଡି ଏବଂ ୧୬ମାସର ଭାଜପା ସରକାରଙ୍କ ଏହା ହିଁ ନୂଆପଡ଼ାକୁ ଅବଦାନ ବୋଲି ପ୍ରସାଦ କହିଛନ୍ତି।

# ୩ରେ ନୂଆପଡ଼ା ଯିବେ ନବୀନ



ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆପଡ଼ା ଉପନିର୍ବାଚନର ପ୍ରଚାର ଲାଗି ଆସନ୍ତା ୩ ତାରିଖରେ ଗସ୍ତ କରିବେ। ଏହି ଅବସରରେ ସେ ନୂଆପଡ଼ାର କୋମନା ବ୍ଲକ୍‌ଠାରେ ଆୟୋଜିତ ଏକ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ନିଜେ ନବୀନ ଏକ ଭିଡିଓ ବାର୍ତ୍ତା ଜରିଆରେ ଶୁକ୍ରବାର ସୂଚନା ଦେଇଛନ୍ତି। ଉକ୍ତ ଭିଡିଓରେ ନବୀନ କହିଛନ୍ତି, ସେ ୩ ତାରିଖରେ କୋମନା ବ୍ଲକ୍ ଯାଇ ସେଠାରେ ସାଧାରଣ ଲୋକଙ୍କୁ ଭେଟିବେ। ସ୍ଥାନୀୟ ଲୋକମାନଙ୍କ ସହ ୨ ପଦ କଥା ହେବେ ବୋଲି ସେ ସ୍ଥାନୀୟ ଭାଷାରେ କହିଛନ୍ତି। ଅନ୍ୟପଟେ ମିଳିଥିବା ସୂଚନା ମୁତାବକ, ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୭ ତାରିଖରେ ନବୀନ ଆଉ ଥରେ ନୂଆପଡ଼ା ଗସ୍ତକରି ନୂଆପଡ଼ା ବ୍ଲକ୍‌ରେ ହେବାକୁ ଥିବା ଅନ୍ୟ ଏକ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ନୂଆପଡ଼ାରେ ସାଙ୍ଗଠନିକ କାର୍ଯ୍ୟ ପାଇଁ ୧୭ ନେତାଙ୍କୁ ଦାୟିତ୍ୱ ଦେଲା ବିଜେଡି

ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଲାଗି ବିଜେଡି ପକ୍ଷରୁ ୧୭ ଜଣ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବରିଷ୍ଠ ନେତା ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ମହେଶ ସାହୁ, ସୁମିତ୍ରା ଜେନା, ସୁଲୋଚନା ଦାସ, ଶର୍ମିଷ୍ଠା ସେଠୀ, ମହୀଧର ରଣା, ରଘୁରାମ ପଡ଼ାଲ, ମାନସ ମାଡକାମୀ, ଝିନ୍ନ ହିକ୍‌କା, ସାନନ୍ଦ ମାରାଣ୍ଡି, ରୂପେଶ କୁମାର ପାଣିଗ୍ରାହୀ, ବେଣୁଧର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଈଶ୍ୱର ପାଣିଗ୍ରାହୀ, ସୁବ୍ରତ ସିଂ ଏବଂ ଦୁଷ୍ମନ୍ତ ନାଏକଙ୍କୁ ତାଲିକାରେ ରଖାଯାଇଛି। ସୂଚନାଯୋଗ୍ୟ, ଏହି ନେତାମାନଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବରୁ ନୂଆପଡ଼ାର ବିଭିନ୍ନ ବ୍ଲକ୍ ଏବଂ ଏନ୍‌ଏସି ଦାୟିତ୍ୱ ପ୍ରଦାନ କରାଯାଇଛି। ଆଉ କେତେଜଣ ନୂଆ ନେତାଙ୍କୁ ଏହି ତାଲିକାରେ ଯୋଡ଼ାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୬ ମେଡିକାଲ କଲେଜରେ ...

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି, ଗୋଟିଏ ବର୍ଷ(୨୦୨୫-୨୬)ରେ ୬ଟି ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୬୨ଟି ସ୍ନାତକୋତ୍ତର (ପିଜି) ସିଟ୍ ପାଇଁ ଅନୁମୋଦନ ମିଳିଥିବାରୁ ହୃଦୟରୁ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହି ଅନୁମୋଦନ ପଶ୍ଚିମ ଓଡ଼ିଶାରେ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିପାଦିତ ହେବ। ନୂଆ ପିଜି ପାଠ୍ୟକ୍ରମଗୁଡ଼ିକ ପାଠ୍ୟକ୍ରମରେ ସାମିଲ ହେବା ଫଳରେ ଚିକିତ୍ସା ଶିକ୍ଷା ଓ ଗବେଷଣାର ଗୁଣବତ୍ତା ବୃଦ୍ଧି ପାଇବା ସହିତ ସେହି ଅଞ୍ଚଳର ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ ହୋଇପାରିବ।ଓଡ଼ିଶା ସରକାର ଜାତୀୟ ଭେଷଜ କମିଶନ(ଏନ୍‌ଏମ୍‌ସି)ଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ସମସ୍ତ ନିୟମ ଓ ମାନକକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ବଦ୍ଧପରିକର। ଏହି ପ୍ରତିଷ୍ଠାନଗୁଡ଼ିକୁ ଏକ ପ୍ରମୁଖ ଚିକିତ୍ସାରେ ଉତ୍କର୍ଷତା କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ, ଫକୀର ମୋହନ ମେଡିକାଲ କଲେଜ -ବାଲେଶ୍ୱର, ଭୀମଭୋଇ ମେଡିକାଲ କଲେଜ-ବଲାଙ୍ଗୀରରେ ପୂର୍ବରୁ କେବଳ ଏମ୍‌ବିବିଏସ୍ ପାଠ୍ୟକ୍ରମ ରହିଥିବାବେଳେ ଚଳିତବର୍ଷ ଏଠାରେ ପିଜି ପାଠ୍ୟକ୍ରମ ପାଇଁ ଅନୁମତି ମିଳିଛି। ଏହାସହିତ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ ହସ୍ପିଟାଲ, କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ପିଜିଆଇଏମ୍‌ଇଆର୍‌ରେ ମଧ୍ୟ ନୂତନ ଭାବେ ପିଜି ପାଠ୍ୟକ୍ରମକୁ ଅନୁମତି ମିଳିଥିବା ଜଣାଯାଇଛି।

DSPL-338



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଭୂମିପୂଜା ଏବଂ ପ୍ରକଳ୍ପ ଶିଳାନ୍ୟାସ

## କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ ଓ ଏ.ଟି.ଏମ୍.ପି. କେନ୍ଦ୍ର ନିର୍ମାଣ

(ସିକ୍ସେମ୍ ପ୍ରାଇଭେଟ ଲିମିଟେଡ)

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରମନ୍ତ୍ରୀ, ରେଳ, ସୂଚନା ଓ ପ୍ରସାରଣ,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଡଃ ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ଲୋକସଭା ସଦସ୍ୟା, ଭୁବନେଶ୍ୱର

**ଶ୍ରୀ ବିଭୂତି ବଳବନ୍ତରାୟ**
ବିଧାୟକ, ଜଟଣୀ

୧ ନଭେମ୍ବର ୨୦୨୫, ସକାଳ ୧୦.୩୦ | ଇନଫୋଭାଲି, ଖୋର୍ଦ୍ଧା

ଭାରତ ସେମିକଣ୍ଡକ୍ଟର ମିଶନ (ଆଇ.ଏସ୍.ଏମ୍.)
ଦ୍ୱାରା ଅନୁମୋଦିତ
ପ୍ରଥମ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ ପ୍ରକଳ୍ପ

୨,୦୬୭ କୋଟି ଟଙ୍କାର ପୁଞ୍ଜିନିବେଶ

୧,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ
୪,୦୦୦ ପରୋକ୍ଷ ନିଯୁକ୍ତି

ବାର୍ଷିକ ୬୦,୦୦୦ ୱେଫର୍ସ ଉତ୍ପାଦନ କ୍ଷମତା
ଏବଂ ୯୬ ନିୟୁତ ୟୁନିଟ ପ୍ୟାକେଜିଂ କ୍ଷମତା

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

OIPR-16003/13/0135/2526

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ଶରତ ରାସ ଅଧିବାସ



# ରିଜ୍‌ଭିଙ୍କ ଧୈର୍ଯ୍ୟ ଶେଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସୟଦ ଅଲି ମୁର୍ତାଜା ରିଜ୍‌ଭି ଆଠ ବର୍ଷ ପୂର୍ବରୁ ଚାକିରି ଛାଡ଼ିବାର ନିଷ୍ପତ୍ତି ନେଇଛନ୍ତି, ଯାହା ତେଲଙ୍ଗାନା ସଚିବାଳୟକୁ ଚିନ୍ତାରେ ପକାଇଦେଇଛି । ରିଜଭି ଜଣେ ବରିଷ୍ଠ ତଥା ଯୋଗ୍ୟ ବାବୁ ଏବଂ ଦୁଇଟି ସମ୍ବେଦନଶୀଳ ବିଭାଗ ଯଥା ରାଜସ୍ୱ ଏବଂ ଜିଏଡି (ରାଜନୈତିକ)ର ନେତୃତ୍ୱ ନେଇଛନ୍ତି । ତେବେ ତାଙ୍କ ଭିଆର୍‌ଏସ୍ ଘୋଷଣା ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟର କଥା। ସରକାରଙ୍କ ତରଫରୁ ଏହାକୁ 'ବ୍ୟକ୍ତିଗତ ଉଦ୍ଦେଶ୍ୟ' ବୋଲି ଦର୍ଶାଗଲେ ମଧ୍ୟ ରିଜଭିଙ୍କ ଦୁଇ ବର୍ଷ ମଧ୍ୟରେ ଚାରି ଥର ବଦଳି ହେବା 'ଯଥେଷ୍ଟ ପଦକ୍ଷେପ' ବୋଲି କୁହାଯାଉଛି। ଏମିତି ହେଲେ ଜଣେ ସହନଶୀଳ ବାବୁଙ୍କର କେତେଦିନ ଧୈର୍ଯ୍ୟ ରହିବ ? ପର୍ଯ୍ୟବେକ୍ଷକଙ୍କ ମତରେ, ରାଜନୈତିକ ହସ୍ତକ୍ଷେପ ଏହି ଅସ୍ଥିରତାକୁ ତ୍ୱରାନ୍ୱିତ କରିଥାଇପାରେ। ବିଡ଼ମ୍ବନାର ବିଷୟ, ଯେଉଁ ରାଜନୈତିକ ବର୍ଗ ରିଜଭିଙ୍କ ସ୍ଥିତିକୁ ଅସ୍ଥିର କରିଥିଲେ, ତାହା ଏବେ ତାଙ୍କର ପ୍ରସ୍ଥାନକୁ ରୋକିବା ପାଇଁ ଚେଷ୍ଟା କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଅବକାରୀ ମନ୍ତ୍ରୀ ରାଜ୍ୟ ମୁଖ୍ୟ ସଚିବଙ୍କୁ ତାଙ୍କ ଭିଆର୍‌ଏସ୍ ଆବେଦନକୁ ଗ୍ରହଣ ନ କରିବାକୁ ଅନୁରୋଧ କରୁଥିବା ଜଣାପଡ଼ିଛି। ବାବୁଙ୍କୁ ଦୋଷ ଦେବା ଓ ଭିଆର୍‌ଏସ୍ ଅବେଦନ ପରେ ପୁଣି ଫେରାଇ ଆଣିବାକୁ ଚାହିଁବା ଘଟଣା ନିଶ୍ଚିତ ଭାବେ ଏକ ନିଆରା ଉଦାହରଣ। ସମ୍ପୂର୍ଣ୍ଣ ଅଧ୍ୟାୟ ତେଲଙ୍ଗାନାରେ ବାବୁ ଏବଂ ରାଜନୀତି ମଧ୍ୟରେ ଥିବା ଅସ୍ୱାଭାବିକ କାର୍ଯ୍ୟକଳାପକୁ ପ୍ରକାଶ କରେ, ଯେଉଁଠାରେ ଯୋଗ୍ୟତା ଏବଂ ନିୟମିତତା ପ୍ରାୟତଃ ମନ୍ତ୍ରୀଙ୍କ ମନୋଭାବର ଶିକାର ହେଉଛି। ଯଦି ରିଜ୍‌ଭି ବିଦାୟ ନିଅନ୍ତି, ତେବେ ମନେରଖିବାକୁ ହେବ ଯେ ଭାରତର ବାବୁସାମ୍ରାଜ୍ୟ ନୀରବରେ ପ୍ରତିଭାଙ୍କୁ ହରାଉଛି।

### ୱାଚ୍‌ଡଗ୍‌ଙ୍କ ନୀରବତା

ଦୁର୍ନୀତି ରୋକିବା ପାଇଁ ଯେତେବେଳେ ଭାରତରେ ଲୋକପାଳ ସୃଷ୍ଟି ହେଲା, ସେତେବେଳେ ନୈତିକତା ଦୃଷ୍ଟିକୋଣରୁ ଏହାକୁ ଏକ ଖୋଲା ଖଣ୍ଡା ବୋଲି କୁହାଯାଇଥିଲା। ହେଲେ ଏକ ଦଶନ୍ଧି ପରେ ଦେଖାଯାଉଛି ଯେ, ଖଣ୍ଡାଟି ବିଏମ୍‌ଡବ୍ଲ୍ୟୁ ପାଇଁ ବ୍ୟବହାର ହୋଇଛି। ଦେଶର ସର୍ବୋଚ୍ଚ ଦୁର୍ନୀତି ବିରୋଧୀ ସଂସ୍ଥା ୬ ବର୍ଷ ମଧ୍ୟରେ ମୋଟ ସାତଟି ମାମଲା ରୁଜୁ କରିଥିଲେ ମଧ୍ୟ ବିଳାସପୂର୍ଣ୍ଣ କାର୍ ଉପରେ ଅଧିକ ଖର୍ଚ୍ଚ କରିଛି। ଏକଦା କମ୍ପଟ୍ରୋଲର ଅଡିଟର ଜେନେରାଲ (ସିଏଜି ) ସରକାରରେ ଭୟ ସୃଷ୍ଟି କରିଥିଲା। ୨ଜି ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦୁର୍ନୀତି ସାମ୍ନାକୁ ଆଣିଥିଲା। ସେତେବେଳେ ଅଡିଟ ରିପୋର୍ଟଗୁଡ଼ିକ କ୍ଷମତା କେନ୍ଦ୍ରକୁ ଦୋହଲାଇ ଦେଇଥିଲା। ଏବେ ସମ୍ପୂର୍ଣ୍ଣ ଶାନ୍ତ। ସିଏଜି ଏବେ ମଧ୍ୟ ଅଡିଟ କରୁଛି, ହେଲେ ତାହାର ଆଉ ସେହି ତୀକ୍ଷ୍ଣ ଧାର ନାହିଁ । ନୀରବତା ଏହି ସଂସ୍ଥାଗୁଡ଼ିକୁ ଗ୍ରାସକରିଛି। ହ୍ୱିସିଲବ୍ଲୋୟାରଙ୍କୁ ନିରୁତ୍ସାହିତ କରାଯାଉଛି, ଆଇନର ସ୍ୱଚ୍ଛତା ରହୁନାହିଁ ଏବଂ ଭିଜିଲାନ୍ସ ସଂସ୍ଥାଗୁଡ଼ିକ ଏପରି କାର୍ଯ୍ୟ କରୁଛନ୍ତି ଯେପରି ତଦାରଖ ସେମାନଙ୍କ ପାଇଁ ଏକ ଇଚ୍ଛାଧୀନ ବିଷୟ । ଲୋକପାଳ ଆଇନ, ଯାହାକୁ ପୂର୍ବରୁ ନାଗରିକ ସକ୍ରିୟତାର ବିଜୟ ଭାବରେ ପ୍ରଚାର କରାଯାଇଥିଲା, ଏବେ ଅମଲାତାନ୍ତ୍ରିକ କାର୍ଯ୍ୟ ଭଳି ମନେହେଉଛି। ତେବେ ୱାଚ୍‌ଡଗ୍‌ଗୁଡ଼ିକ ପଦକ୍ଷେପ ନେବା ପାଇଁ ଦକ୍ଷତା ହରାଇଲେଣି। ଯେଉଁସବୁ ସଂସ୍ଥା ପୂର୍ବରୁ କ୍ଷମତାର ଅପବ୍ୟବହାର ପାଇଁ କ୍ରୋଧିତ ହୋଇଥିଲେ, ସେମାନେ ଏବେ ସେମାନଙ୍କ ଏୟାରକଣ୍ଡିସନଡ, ଡ୍ରାଇଭର-ଚାଳିତ ବିଳାସପୂର୍ଣ୍ଣ କାରରେ ଯିବାରେ ସନ୍ତୁଷ୍ଟ ଥିବା ଭଳି ମନେହୁଏ। ଯଦି ଲୋକପାଳ ଏବଂ ସିଏଜି ଆମର ସଂସ୍ଥାଗତ ପ୍ରହରୀ , ତେବେ ସେମାନେ ବ୍ୟୟବହୁଳ ତଥା ଆରାମଦାୟକ ଯାତ୍ରା ବଦଳରେ ତାହାକୁ ସରଳ କରିବାକୁ ବିଚାର କରିପାରନ୍ତି। ଏହା ସେମାନଙ୍କୁ ପ୍ରକୃତରେ ଦୁର୍ନୀତି ହେଉଥିବା ସ୍ଥାନକୁ ଯିବାରେ ସାହାଯ୍ୟ କରିପାରେ।

### ଟୁଇଟ୍ ଓ ସ୍ଥାନାନ୍ତର

ନିୟମିତ ବ ବଦଳି କରାଯାଉଛି ବୋଲି ବାବୁମାନେ କହୁଥିବାବେଳେ କେହି ଏହା ପ୍ରତି ଧ୍ୟାନ ଦେଉ ନ ଥିବା ମନେ କରନ୍ତି। ଏଥର ଦୁଇଜଣ ବରିଷ୍ଠ କଷ୍ଟମ୍ସ ଅଧିକାରୀଙ୍କୁ ହଠାତ୍ ବଦଳି କରାଯିବା ବାବୁ କରିଡରରେ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଏବଂ ସରକାରଙ୍କ ପାଇଁ ଲଜ୍ଜାର କାରଣ ପାଲଟିଛି। ଏସବୁ ଆରମ୍ଭ ହୋଇଥିଲା ଯେତେବେଳେ ରପ୍ତାନିକାରୀ ଏବଂ ଆମଦାନୀକାରୀଙ୍କ ମଧ୍ୟରେ ବିବାଦ ଏକ୍ସ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ ହୋଇଥିଲା, ଯାହା ଅର୍ଥ ମନ୍ତ୍ରଣାଳୟକୁ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ କରିଥିଲା। ମନ୍ତ୍ରଣାଳୟର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ତଥା ଜଣେ ଯୁଗ୍ମ ସଚିବ ସ୍ତରୀୟ ଅଧିକାରୀ ତଦନ୍ତ କରିଥିଲେ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ବୋର୍ଡ ସର୍ବଦା ନିଜ କ୍ଷେତ୍ରକୁ ସୁରକ୍ଷା ଦେଇ କିଛି କରୁ ନ ଥିଲା। ଏହା ଯୁକ୍ତି ବାଢ଼ିଥିଲା ଯେ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଭିଜିଲାନ୍ସ ଏପରି ମାମଲାଗୁଡ଼ିକୁ ପରିଚାଳନା କରିବା ଉଚିତ। ଏଣୁ ନିଲମ୍ବନ କିମ୍ବା ଔପଚାରିକ ତଦନ୍ତ ପରିବର୍ତ୍ତେ, ଦୁଇ ଅଧିକାରୀଙ୍କୁ ଅଫିସର୍ସ ଅନ୍ ସ୍ପେଶିଆଲ ଡ୍ୟୁଟି ଭାବରେ ଦିଲ୍ଲୀରେ ପୁନଃ ଅବସ୍ଥାପିତ କରାଯାଇଛି। ବୋର୍ଡ ହୁଏତ ତୁରନ୍ତ ଲଜ୍ଜାକୁ ଏଡାଇ ଦେଇଥାଇପାରେ, କିନ୍ତୁ ସେଠାରେ କାର୍ଯ୍ୟରତ ଲୋକ କହୁଛନ୍ତି ଯେ ମନ୍ତ୍ରଣାଳୟ ଏଥିରେ ଖୁସି ନୁହେଁ। ଏହି ଘଟଣା ସ୍ୱାଧୀନତା ଏବଂ ଉତ୍ତରଦାୟିତ୍ୱ ମଧ୍ୟରେ ଥିବା ଅସହଜ ସନ୍ତୁଳନକୁ ପ୍ରକାଶ କରୁଛି। ଶେଷରେ ସ୍ଥାନାନ୍ତର କରାଗଲା ସିଷ୍ଟମକୁ ସ୍ୱଚ୍ଛ ନ କରି କୋଳାହଳକୁ ନିୟନ୍ତ୍ରଣ କରାଯାଇଛି। କାରଣ ସରକାରୀ କ୍ଷେତ୍ରରେ ଏଭଳି ପଦକ୍ଷେପ କେବେ ବି ସମସ୍ୟାର ସମାଧାନ କରିପାରିବ ନାହିଁ, ବରଂ ଏହା କେବଳ ଚାଲିଥିବା ଧାରାକୁ ବନ୍ଦ କରିବା ପାଇଁ ଉଦ୍ଦିଷ୍ଟ।

Email: dilipcherian@gmail.com

# ଡିଜିଟାଲ ଡାଇମଣ୍ଡ



ଡ. ନରେନ୍ଦ୍ର ସେଠୀ

୧୯୦୪ ମସିହାରେ ଇଂରେଜ ବୈଜ୍ଞାନିକ ଜନ୍ ଫ୍ଲେମିଂ ଭାକ୍ୟୁମଟ୍ୟୁବ୍ ଉଦ୍ଭାବନ କରି ବିଜ୍ଞାନ ଜଗତରେ ଚହଳ ସୃଷ୍ଟି କଲେ। ସେ ବିଜୁଳି ବଲ୍‌ବ ଉଦ୍ଭାବନ କରିଥିବା ଥୋମାସ୍ ଏଡିସନ୍‌ଙ୍କ ସହାୟକ ଥିଲେ। ଫ୍ଲେମିଂ ଏକ ଫମ୍ପା କାଚପାତ୍ର ଭିତରେ ଏନୋଡ ଓ କ୍ୟାଥୋଡ ରଖି ଏହି ଯାଦୁକରି ଉପକରଣ ତିଆରି କରିଥିଲେ। ଏହା ଦ୍ୱାରା ବିଜୁଳି କରେଣ୍ଟକୁ ନିୟନ୍ତ୍ରଣ କରାଯାଇ ପାରୁଥିଲା। ଏହାକୁ ବ୍ୟବହାର କରି ପ୍ରଥମ କରି ସ୍ୱିଇଚ, ଆମ୍ପ୍ଲିଫାୟାର ଓ ରେକ୍ଟିଫାୟର ଇତ୍ୟାଦି ପ୍ରସ୍ତୁତ ହୋଇ ବିଭିନ୍ନ ଯାନ୍ତ୍ରିକ ସରଞ୍ଜାମ ତିଆରି ହୋଇପାରିଲା। ୧୮ ହଜାର ଭାକ୍ୟୁମଟ୍ୟୁବ୍ ବ୍ୟବହାର କରି ବିଶ୍ୱର ପ୍ରଥମ ଥର ଏକ କମ୍ପ୍ୟୁଟର ମଧ୍ୟ ତିଆରି ହୋଇଥିଲା, ଯାହାର ଆକାର ୧୫୦୦ ବର୍ଗ ମିଟର ଏବଂ ଓଜନ ଥିଲା ତିରିଶି ଟନ୍। ଏହି କମ୍ପ୍ୟୁଟର ଏତେ ବିଶାଳ ଥିଲା ଯେ ଏହା ଚାଲିଲାବେଳେ ୧୭୪ କିଲୋୱାଟ୍ ତାପମାତ୍ରା ସୃଷ୍ଟି କରୁଥିଲା। ୧୯୪୬ ରୁ ୧୯୫୫ ମସିହା ପର୍ଯ୍ୟନ୍ତ ଏହି କମ୍ପ୍ୟୁଟର ବ୍ୟବହାର କରାଯାଉଥିଲା ଓ ଏହାର ନିର୍ମାଣ ପାଇଁ ସେତେବେଳେ ୪ ଲକ୍ଷ ଡଲାର ଖର୍ଚ୍ଚ ହୋଇଥିଲା। ଏହି ଭାକ୍ୟୁମଟ୍ୟୁବ୍ ସେତେବେଳେ ଟେଲିଭିଜନ, ରେଡିଓ ଇତ୍ୟାଦି ଉପକରଣରେ ବ୍ୟବହାର ହେଲା। କିନ୍ତୁ ୧୯୪୭ରେ ବେଲ୍ ଲାବୋରେଟାରିରେ ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ହେବା ଫଳରେ ଭାକ୍ୟୁମଟ୍ୟୁବ୍‌ର ଆଧିପତ୍ୟକୁ ଟ୍ରାଞ୍ଜିଷ୍ଟର ମାଡ଼ିବସିଲା ଓ ସବୁ ଇଲେକ୍‌ଟ୍ରୋନିକ ଉପକରଣରେ ଟ୍ରାଞ୍ଜିଷ୍ଟର ଲାଗିଲା। ତେଣୁ ଟିଭି, ରେଡିଓ, କମ୍ପ୍ୟୁଟର ଇତ୍ୟାଦିର ଆକାର ହଠାତ୍ ଛୋଟ ହୋଇଗଲା। ଫମ୍ପା କାଚପାତ୍ର ଯୋଗୁ ଭାକ୍ୟୁମଟ୍ୟୁବ୍‌ଗୁଡ଼ିକ ଖରାପ ହୋଇଯିବାର ସମ୍ଭାବନା ଅଧିକ ଥିଲା। କିନ୍ତୁ ସେମିକଣ୍ଡକ୍ଟର ପଦାର୍ଥରେ ତିଆରି ହୋଇଥିବାରୁ ଟ୍ରାଞ୍ଜିଷ୍ଟରଗୁଡ଼ିକ ଅଧିକଦିନ ପର୍ଯ୍ୟନ୍ତ ଖରାପ ହେଉନଥିଲା। ତେବେ ବିଜ୍ଞାନ ଆହୁରି କିଛି ଅଧିକ କରିବା ପାଇଁ ତତ୍ପର ଥିଲା।

ଠିକ୍ ଏହି ସମୟରେ ୧୯୫୮ରେ ଆମେରିକାର ଜାକ କିଲବୀ ନାମକ ଜଣେ ଘରୋଇ ସଂସ୍ଥାର ବ୍ୟକ୍ତି ସବୁ ଇଲେକ୍‌ଟ୍ରୋନିକ ଉପକରଣକୁ ଯୋଡ଼ି ଏକ ଛୋଟ ଏକୀକୃତ ପରିପଥ ବା ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରିଥିଲେ। କିନ୍ତୁ ରୋବୋର୍ଟ ନଏସ ନାମକ ଆଉ ଜଣେ ବ୍ୟକ୍ତି ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରି ଆମେରିକୀୟ ପେଟେଣ୍ଟ ହାସଲ



କରିନେଲେ। ତେବେ ଆଧୁନିକ ବିଜ୍ଞାନ ଉଭୟଙ୍କୁ ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରିବାର ଶ୍ରେୟ ଦିଏ। ପରେ ରୋବୋର୍ଟ ନଏସ ଇଣ୍ଟେଲ ନାମକ ବହୁ ଚର୍ଚ୍ଚିତ କମ୍ପାନୀର ସହ ପ୍ରତିଷ୍ଠାତା ହେଲେ, ଯାହାର ନାଁ ଥିଲା ଇଣ୍ଟିଗ୍ରେଟେଡ୍ ଇଲେକ୍‌ଟ୍ରୋନିକ୍ସ। କ୍ଷୁଦ୍ର ଇଣ୍ଟିଗ୍ରେଟେଡ୍ ସର୍କିଟ ଉପକରଣରେ ଟ୍ରାଞ୍ଜିଷ୍ଟର, କାପାସିଟର, ରେଜିଷ୍ଟର ଏବଂ ଡାଇଅଡ୍ ଇତ୍ୟାଦିକୁ ସୂକ୍ଷ୍ମ ଭାବରେ ଯୋଡ଼ି ଏକାସଙ୍ଗେ ରଖିବା ଫଳରେ ଇଲେକ୍‌ଟ୍ରୋନିକ ଉପକରଣ ଦୁନିଆରେ ବିପ୍ଳବ ଆସିଲା। ପୂର୍ବରୁ ଟ୍ରାଞ୍ଜିଷ୍ଟର, କାପାସିଟର, ରେଜିଷ୍ଟର ଏବଂ ଡାଇଅଡ୍ ଇତ୍ୟାଦିକୁ ଅଲଗା ଅଲଗା ରଖାଯାଉଥିବାରୁ ଏହା ଦ୍ୱାରା ଇଲେକ୍‌ଟ୍ରୋନିକ ଉପକରଣର ଆକାର ଯଥେଷ୍ଟ ବଡ଼ ହେଉଥିଲା, ଯାହା ଇଣ୍ଟିଗ୍ରେଟେଡ୍ ସର୍କିଟ ଯୋଗୁ ବୈପ୍ଳବିକ ପରିବର୍ତ୍ତନ ଆଣିଲା। ପକେଟ୍ ରେଡିଓ, ଛୋଟ ଟିଭି ବଜାରରେ ଉପଲବ୍ଧ ହୋଇ ଯଥେଷ୍ଟ ଲୋକପ୍ରିୟ ହେବାକୁ ଲାଗିଲା। କାଳକ୍ରମେ ମାଇକ୍ରୋଚିପ୍ସଗୁଡ଼ିକ ଅଧିକରୁ ଅଧିକ ସୂକ୍ଷ୍ମ ଓ ଛୋଟ ହେବାରୁ ସବୁ ଉପକରଣ ଛୋଟ ଓ ସ୍ମାର୍ଟ ହୋଇଗଲେ। ମାଇକ୍ରୋଚିପ୍ସରେ ଥିବା ବିଭିନ୍ନ ଉପାଦାନକୁ କାର୍ଯ୍ୟ ଅନୁଯାୟୀ ପ୍ରୋଗ୍ରାମିଂ କରି ତିଆରି କରାଯାଇଥାଏ। ତେଣୁ ଏହାକୁ ଉପକରଣର ମସ୍ତିଷ୍କ ବୋଲି କୁହାଯାଇଥାଏ।

ଆମ ଜୀବନର ପ୍ରତ୍ୟକ ମୁହୂର୍ତ୍ତ ପରୋକ୍ଷ ଭାବରେ ମାଇକ୍ରୋଚିପ୍ସ ଦ୍ୱାରା ପରିଚାଳିତ। ମାଇକ୍ରୋଚିପ୍ସଗୁଡ଼ିକ ବାସ୍ତବରେ ପ୍ରତ୍ୟେକ ବୈଦ୍ୟୁତିକ ଉପକରଣ ଭିତରେ ବ୍ୟବହୃତ ହେଇଥାଏ। ଉଦାହରଣ ସ୍ୱରୂପ, ଏୟାର କଣ୍ଡିଶନରରେ ବ୍ୟବହୃତ ତାପମାତ୍ରା ନିୟନ୍ତ୍ରକଗୁଡ଼ିକ ମାଇକ୍ରୋଚିପ୍ସରେ ତିଆରି ହୋଇଥାଏ। ଆମ ଆଧୁନିକ ରୋଷେଇ ଘରେ ବୈଦ୍ୟୁତିକ ରାଇସ୍ କୁକର ଭାତକୁ ଠିକ ଭାବରେ ରାନ୍ଧିପାରେ, କାରଣ ମାଇକ୍ରୋଚିପ୍ସ ତାପମାତ୍ରାକୁ ଠିକ୍ ଭାବରେ ନିୟନ୍ତ୍ରଣ କରିଥାଏ। କମ୍ପ୍ୟୁଟରର ମୁଖ୍ୟ ଅଂଶ ସିପିୟୁଗୁଡିକ ମଧ୍ୟ ଅସଂଖ୍ୟ ମାଇକ୍ରୋଚିପ୍ସରେ ନିର୍ମିତ। ମୋବାଇଲ ଫୋନ୍, ସ୍ମାର୍ଟଫୋନ୍, ଡିଜିଟାଲ କ୍ୟାମେରା, ଟେଲିଭିଜନ, ୱାଶିଂ ମେଶିନ୍, ରେଫ୍ରିଜରେଟର ଏବଂ ଏଲ୍‌ଇଡି ବଲ୍‌ବ ମଧ୍ୟ ମାଇକ୍ରୋଚିପ୍ସ ବ୍ୟବହାର କରନ୍ତି। ଇଲେକ୍‌ଟ୍ରୋନିକ୍ସ ଉପକରଣ ବ୍ୟତୀତ ମାଇକ୍ରୋଚିପ୍ସଗୁଡ଼ିକ ବ୍ୟାଙ୍କ ଏଟିଏମ୍, ଟ୍ରେନ, ଇଣ୍ଟରନେଟ୍, ଯୋଗାଯୋଗ ଏବଂ ସାମାଜିକ ଭିତ୍ତିଭୂମିର ଅନ୍ୟାନ୍ୟ ଅଂଶ ଯଥା ମେଡିକାଲ ନେଟ୍‌ୱର୍କରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏକ ଆକଳନ ଅନୁସାରେ ବୈଶ୍ୱିକ ମାଇକ୍ରୋଚିପ୍ସ ବଜାର ୨୦୩୦ ସୁଦ୍ଧା ୨ ଲକ୍ଷ କୋଟି ଡଲାରରୁ ଅଧିକ ହୋଇଯିବ। ଆଗାମୀ ଦିନରେ ଯେଉଁ ଦେଶ ଯେତେ ମାଇକ୍ରୋଚିପ୍ସ ଉତ୍ପାଦନ କରିବ, ସେ ସେତେ ଧନୀ ହୋଇଯିବ,ଠିକ୍ ଯେମିତି ବିଂଶ ଶତାବ୍ଦୀରେ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ରାତାରାତି ଧନୀ ପାଲଟି ଯାଇଥିଲେ।

ମାଇକ୍ରୋଚିପ୍ସକୁ ଅନେକେ ଏକବିଂଶ ଶତାବ୍ଦୀର ଡିଜିଟାଲ ଡାଇମଣ୍ଡ ବୋଲି ଆଖ୍ୟା ଦେଇଛନ୍ତି। ତେବେ ଭାରତ ଏହି ମାଇକ୍ରୋଚିପ୍ସ ଉତ୍ପାଦନରେ ଖୁବ୍ ବିଳମ୍ବରେ ହେଲେ ମଧ୍ୟ ଆଗକୁ ବଢ଼ିଛି ଓ ବିକ୍ରମ-୩୨ ଚିପ୍ସ ନିର୍ମାଣ କରି ଚିପ୍ସ ବଜାରରେ ପ୍ରବେଶ ପାଇଁ ଅଣ୍ଟା ଭିଡ଼ିଛି। ତାଇୱାନ ଏହି ପ୍ରକ୍ରିୟା ୧୯୭୪ରୁ ଆରମ୍ଭ କରିଥିବାରୁ ଏବେ ବିଶ୍ୱର ନବେଭାଗ ଅତ୍ୟାଧୁନିକ ମାଇକ୍ରୋଚିପ୍ସ ଏଠାରେ ନିର୍ମାଣ ହେଉଛି। ତାଇୱାନ ବର୍ଷକୁ ୧୧୫ ବିଲିୟନ ଡଲାରର ମାଇକ୍ରୋଚିପ୍ସ ବଜାର ପ୍ରସ୍ତୁତ କରିପାରିଛି। ମାଇକ୍ରୋଚିପ୍ସ ନିର୍ମାଣ କ୍ଷେତ୍ରରେ ବିଶ୍ୱରେ ତାଇୱାନ ୭୦% ସହ ଏକ ନମ୍ବର ସ୍ଥାନରେ ଥିବା ବେଳେ ଆମେରିକା ୧୨% ସହିତ ଦୁଇ ନମ୍ବର ସ୍ଥାନରେ ଓ ଚାଇନା ୬% ସହିତ ତୃତୀୟ ସ୍ଥାନରେ ରହିଛି।

ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ହେଲେ ଆଧୁନିକ ବିଜ୍ଞାନର ଏହି ଡିଜିଟାଲ ଡାଇମଣ୍ଡ ନିର୍ମାଣ କ୍ଷେତ୍ରରେ ଯୁଦ୍ଧକାଳୀନ ଭିତ୍ତିରେ ଅଗ୍ରସର ହେବାକୁ ପଡ଼ିବ। ଏକ ଶୁଭ ସମ୍ବାଦ ଯେ ପ୍ରଥମ ମାଇକ୍ରୋଚିପ୍ସ ବିକ୍ରମ-୩୨ ନିର୍ମାଣ କରିବାରେ ଭାରତ ସକ୍ଷମ ହୋଇଛି। ଖୁବ୍ ଶୀଘ୍ର ଭାରତରେ ଅନେକ କମ୍ପାନୀ ମାଇକ୍ରୋଚିପ୍ସ ନିର୍ମାଣ କରି ବିଶ୍ୱ ବଜାରରେ ଭାରତକୁ ଦଣ୍ଡାୟମାନ କରିବେ। ସୂଚନାଯୋଗ୍ୟ, ଭାରତ ୨୦୨୪ରେ ୧ ଲକ୍ଷ ୭୧ ହଜାର କୋଟି ଟଙ୍କାର ମାଇକ୍ରୋଚିପ୍ସ ବିଦେଶରୁ ଆମଦାନୀ କରିଥିଲା। ମାଇକ୍ରୋଚିପ୍ସ ନିର୍ମାଣ କ୍ଷେତ୍ରରେ ସବୁଠୁ ବଡ଼ ସମସ୍ୟା ହେଲା ଏଥିପାଇଁ ଆବଶ୍ୟକ ଅତି ନିର୍ମଳ ପରିବେଶ, ଅତି ଶୁଦ୍ଧଜଳ, ନିରବଚ୍ଛିନ୍ନ ଭାବରେ ଉପଲବ୍ଧ ବିଜୁଳି ଓ ନିୟନ୍ତ୍ରିତ ଆର୍ଦ୍ରତା। ସଫା ପରିବେଶ ତିଆରି କରିବା ଖୁବ୍ ବ୍ୟୟବହୁଳ ଓ କଷ୍ଟସାଧ୍ୟ। ଏହା ସହିତ ମାଇକ୍ରୋଚିପ୍ସ ନିର୍ମାଣ କାର୍ଯ୍ୟରେ ବହୁଳ ପରିମାଣରେ ଅତି ଶୁଦ୍ଧଜଳ ଆବଶ୍ୟକ ହୋଇଥାଏ, ଯାହା ଆମେ ପିଉଥିବା ଜଳଠାରୁ ହଜାରେ ଗୁଣା ଅଧିକ ଶୁଦ୍ଧ।

ମୋ: ୭୦୦୪୦୬୮୧୧୦

# ଶିକ୍ଷାରେ ଅଭିନୟ କଳା



ଲୋକନାଥ ପଣ୍ଡା

ଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନରେ ଶିଶୁଟି କେତେ ଗ୍ରହଣ କରିପାରିଥାଏ, ତାହା ନିର୍ଭର କରେ ଶିକ୍ଷକଙ୍କ ଶିକ୍ଷାଦାନ ଓ ତାଙ୍କର ମନୋଭାବ, ପ୍ରେରଣା, ପିତାମାତା, ବିଦ୍ୟାଳୟର ଭିତ୍ତିଭୂମି ଓ ପରିବେଶ ଏହିଭଳି ଅନେକ କିଛି ଉପରେ। କିଛିଦିନ ତଳେ ଭାଷାକୁ କିପରି ନାଟକ ମାଧ୍ୟମରେ ଶିକ୍ଷା ଦିଆଯାଇପାରିବ, ସେ ସମ୍ପର୍କରେ ଏକ କର୍ମଶାଳାରେ ଯୋଗଦେବାର ସୁଯୋଗ ପାଇଥିଲି। ତାଲିମଦାତା ଜଣକ ନାଟକ ମାଧ୍ୟମରେ ଶିଶୁର ଭାଷାର ବିକାଶ ହୋଇପାରିବ, ପଠନ ଦକ୍ଷତା ବୃଦ୍ଧି, ଶିଶୁଙ୍କୁ କିପରି ନାଟକ ଶିଖାଯାଇପାରିବ, ଭାଷା ସହିତ କିପରି ନାଟକ ଶିଖିବେ, ବିଷୟଟିକୁ ଭଲ ଭାବରେ ଗ୍ରହଣ କରିବେ ଏବଂ ତାହାକୁ କିପରି କାହାଣୀରେ ଫୁଟାଇବେ, ତାହା ଉପରେ ଗୁରୁତ୍ୱ ଦେଉଥିଲେ।

ସବୁଠାରୁ ବଡ଼କଥା ହେଲା, ତାଲିମଦାତା ନାଟକ ସହ ଶିକ୍ଷାକୁ ଯୋଡ଼ିବାକୁ ହେଲେ କେତେ କ'ଣ କରିବା ଦରକାର, ତାହା ମୁଁ ନାଟକର ତାଲିମ ସମୟରେ ଦେଖୁଥିଲି। ବିଷୟଟିକୁ ଭଲ ଭାବରେ ବୁଝିବା ଦରକାର ଏବଂ ସାରାଂଶ ଦରକାର, ଯାହାକି ଜଣେ ଅନୁଭବ କଲେ ହିଁ ଅଭିନୟ କରିପାରିବ। କାହାଣୀର ବିଭିନ୍ନ କାହାଣୀକୁ କିପରି ମଣିଷ/ପଶୁ/ପକ୍ଷୀ/ଉଦ୍ଭିଦର ଭାବନାକୁ ଜୀବନ୍ତ ଫୁଟାଯାଇପାରିବ, ସେଥିପାଇଁ ମଧ୍ୟ ସେ କସରତ କରୁଥିଲେ।

କାହାଣୀଗୁଡ଼ିକରେ ମୁଖ୍ୟତଃ ପଢ଼ିବା ଭଳି ସଚିତ୍ର ପୁସ୍ତକ ଥିଲା। କାହାଣୀଗୁଡ଼ିକ ଛୋଟ ଛୋଟ ଥିଲା, ପ୍ରାୟତଃ କାହାଣୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କ ନିମନ୍ତେ ଥିଲା। ସେହି କାହାଣୀରେ ଥିଲା ରାକ୍ଷସ କାହାଣୀ, ସୁନ୍ଦର ଫୁଲର କାହାଣୀ, ସାଙ୍ଗର କାହାଣୀ, ବର୍ଷାକୁ ନେଇ କବିତା, ଛେଳି ଓ କଟାସକୁ ନେଇ କାହାଣୀ, ବସ୍ତ୍ରର ଚୋର, ପୃଥିବୀ ଭିନ୍ନ, ହଜିବା ଏବଂ ପାଇବା, ବେଙ୍ଗ ଓ ମାଛିକୁ ନେଇ କାହାଣୀ, ଏହିଭଳି ଶିଶୁମାନଙ୍କୁ ଆକର୍ଷିତ କରିବା ଭଳି ବିଭିନ୍ନ କାହାଣୀ।

କାହାଣୀ ନାଟ୍ୟ ରୂପରେ ଉପସ୍ଥାପନା କରିବା ପୂର୍ବରୁ ସ୍ପଷ୍ଟ ଭାବରେ ଓ ଉଚ୍ଚ ପଠନ, ଦୂରତାକୁ ନେଇ ଧ୍ୱନିକୁ କିପରି ଉଚ୍ଚାରଣ କରିବା, ଭାବନାକୁ ନେଇ ସ୍ୱର କିପରି ହେବା ଦରକାର, କେଉଁ ସ୍ୱର କିପରି ହେବା ଦରକାର, ଭାବନା ସହ ସ୍ୱରର ପରିବର୍ତ୍ତନ, ଏଥିପାଇଁ ତାଲିମଦାତା ପାଟି ଖୋଲିବା ପାଇଁ ବିଭିନ୍ନ ପ୍ରକାର ଧ୍ୱନି ଉଚ୍ଚାରଣ ନିମନ୍ତେ ବିଭିନ୍ନ ପ୍ରକାର ଅଭ୍ୟାସ କରାଉଥିଲେ। ପ୍ରାଥମିକ ସ୍ତରରେ ନାଟକ କିପରି ଶିଶୁମାନଙ୍କର ଉଚ୍ଚାରଣଗତ ଶୁଦ୍ଧି ଆଣିଥାଏ, ଧ୍ୱନିରେ ପରିପକ୍ୱତା ଆଣିବା, ବିଷୟକୁ ବୋଧଗତ ହେବା, କୌଣସି ବିଷୟରେ ମଜ୍ଜିରହିବା ପାଇଁ ନାଟକ ମାଧ୍ୟମରେ ଶିକ୍ଷା ଅନେକ ସହାୟକ ହୋଇଥାଏ।

ସାଧାରଣତଃ ଶିଶୁମାନଙ୍କର ଶିକ୍ଷାଦାନରେ ଖୁସି ହେଲେ ସେମାନଙ୍କର ଶିକ୍ଷଣ ପ୍ରକ୍ରିୟା ସରଳ ହୋଇଥାଏ। ସବୁଠାରୁ ଅନ୍ୟ କଥା ହେଲା ଶିକ୍ଷାଦାନ ପଦ୍ଧତି ଏବଂ ପିଲାଟିକୁ ଶିକ୍ଷକ କିପରି



ଓ କ'ଣ କ'ଣ ଶିକ୍ଷା ଦେଉଛନ୍ତି ! ଯଦି ପ୍ରାଥମିକ ସ୍ତରରେ ଠିକ୍ ଓ ଉପଯୁକ୍ତ ଶିକ୍ଷା ଦିଆ ନ ଯାଏ, ତେବେ ଶିଶୁଟି ହାଇସ୍କୁଲରେ କେବଳ ନିଜର ଶିକ୍ଷା ପାଇବା ପାଇଁ ପ୍ରୟାସ କଲେ ମଧ୍ୟ ସଫଳ ହୋଇପାରିବ ନାହିଁ, କାରଣ ଶିଶୁଟିର ଶିକ୍ଷାଲାଭ କରିବାର ଭିତ୍ତିଭୂମିଟି ଦୁର୍ବଳ ହୋଇଥିବ। ଯଦି ଶିଶୁଟି ଠିକ୍ ଭାବରେ ମାତ୍ରା, ଯୁକ୍ତାକ୍ଷର, ଧ୍ୱନିକୁ ନେଇ ଠିକ୍ ଉଚ୍ଚାରଣ କରିବା ଜାଣି ନ ଥାଏ କିମ୍ବା ଏହାକୁ ନେଇ ତାହାର ଅଭ୍ୟାସ ହୋଇ ନ ଥାଏ,ତେବେ ଭାଷାରେ ଦୁର୍ବଳ ହୋଇଥାଏ ଏବଂ ଶିଶୁଟି ଶିକ୍ଷା ଲାଭ କରିବା ବେଳେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ।

ପିଲାଙ୍କ ଶିକ୍ଷାକ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାକୁ ଦୃଷ୍ଟି ଦେବାବେଳେ ଭଲ ଲାଇବ୍ରେରିଟିର ଏବଂ ତାହାର ବ୍ୟବହାର ହେଉଥିବା ସହ ଶିଶୁଟି ଭିତରେ ଶିଶୁ ସୁଲଭକୁ ଜାଗ୍ରତ କରିବା ପାଇଁ ଅଭିନୟ ମଧ୍ୟ ଦରକାର। ଶିଶୁଟିକୁ ଯଦି ବିଷୟବସ୍ତୁକୁ ଅଭିନୟ ମାଧ୍ୟମରେ ଶିକ୍ଷା ଦିଆଯାଏ, ଅଭିନୟ ସହ ଭାଷାର ବିକାଶକୁ ଯଦି ଯୋଡ଼ିଦିଆଯାଏ, ତେବେ ଶିଶୁର ଭାଷାର ବିକାଶ ହେବା ସହ ଶିକ୍ଷକ ଓ ଶିଶୁଙ୍କୁ କେତେବେଳେ ବିଦ୍ୟାଳୟ ସମୟ ସରିଯିବ, ଘଣ୍ଟା ବାଜିବା ସମୟ ହୋଇଯିବ, ସେତିକି ଜାଣିପାରିବେ ନାହିଁ। ଏଥିସହ ସରକାରଙ୍କୁ ମଧ୍ୟ ପିଲାଙ୍କୁ ବିଦ୍ୟାଳୟ ଆଣିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରିବା ତଥା ଡ୍ରେସ୍, ସାଇକେଲ ଆଦି ପ୍ରାଥମିକତା ଦେବାକୁ ପଡ଼ିବ ନାହିଁ!

ଶିକ୍ଷାଦାନର ଗୋଟିଏ ମୂଳ ଅଙ୍ଗ ହେଲା ଶିକ୍ଷାଦାନରେ କଳାର ବେଶ୍ ଗୁରୁତ୍ୱ ରହିଛି। ଯେଉଁ ଶିକ୍ଷକ ଚିତ୍ରକଳା ହେଉ କିମ୍ବା ନାଟ୍ୟକଳାରେ ନିପୁଣ ଥାଏ, ତାଙ୍କୁ ଶିକ୍ଷାଦାନ ନିରଳସ ଲାଗେନାହିଁ। ଶିକ୍ଷକ ଜଣେ କଳାକାର ହେବା ଦରକାର। ଅବଶ୍ୟ ବର୍ତ୍ତମାନର ଶିକ୍ଷା ପଦ୍ଧତିରେ ଶିକ୍ଷକଟିଏ କଳାକାର ହେବା ପାଇଁ ଏବଂ ସୃଜନଶୀଳ ହେବା ପାଇଁ ଅନେକ କିଛି ସୁଯୋଗ ରହିଛି। କିନ୍ତୁ ତାହା ମେକାନିଜମ୍ ନହୋଇ ସୃଜନଶୀଳତା ହେବା ଆବଶ୍ୟକ। ସମସ୍ତେ ଶିକ୍ଷାଦାନରେ କିଛିକିଛି ଚିତ୍ରକଳା, ନାଟ୍ୟରୂପ ଦେଇଥାଆନ୍ତି। କିନ୍ତୁ ତାହାକୁ ସଙ୍ଗଠିତ ଓ ବ୍ୟବସ୍ଥିତ ଭାବରେ କରାଗଲେ ଗତିବିଧିର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଶିକ୍ଷା ପ୍ରତି ଶିଶୁର ଆଗ୍ରହ ସୃଷ୍ଟିହୋଇଥାଏ, ଧ୍ୱନି ଉଚ୍ଚାରଣ ହେଉ କିମ୍ବା ବିଷୟକୁ ଆଗ୍ରହର ସହ ବୁଝିବା ହେଉ ବା ଭାଷାଜ୍ଞାନ ବିକାଶ ହେଉ ଇତ୍ୟାଦି ଅନେକ କିଛି ହୋଇଥାଏ।

ଅନେକଙ୍କ ଧାରଣା ଥାଏ, କଳା ପ୍ରତି ଆକୃଷ୍ଟ ହେଲେ ଶିଶୁ ଶିକ୍ଷାଦୀକ୍ଷାରେ ତଥା ପାଠ ପ୍ରତି ଅବହେଳା କରେ। କିନ୍ତୁ ଯଦି କଳା ସହ ପାଠର ସମନ୍ୱୟ ଆଣାଯାଏ, ତେବେ ଶିଶୁଟିର ଶିକ୍ଷା ଗ୍ରହଣରେ ଅନେକ ଉନ୍ନତି ହୋଇଥାଏ। ଶିକ୍ଷକ ଯଦି କଳାକାର ହୁଅନ୍ତି ଏବଂ ଶିଶୁମାନଙ୍କୁ ଭଲପାଆନ୍ତି, ତେବେ ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିପାରିବ। ଏହିଭଳି ଅନେକ କିଛି ବିଦ୍ୟାଳୟ ଦେଖିଛି, ଶିକ୍ଷକମାନେ ନିଜର କଳା ଓ ସୃଜନଶୀଳତା ବ୍ୟବହାରକରି ପିଲାଙ୍କ ଶିକ୍ଷଣ ସ୍ତରରେ ଅନେକ ଉନ୍ନତି ଆଣିଥାଆନ୍ତି। ଭାଷାର ବିକାଶରେ ନାଟକ,ଅଭିନୟ, ସଙ୍ଗୀତ ଆଦି କେତେ ଗୁରୁତ୍ୱପୂର୍ଣ୍ଣ, ତାହାର ଗୁରୁତ୍ୱକୁ ଅନୁଭବ କରିବାର ଅଛି।

ରାଣୀଗୁଡ଼ା, ରାୟଗଡ଼ା
ମୋ: ୯୪୩୮୦୮୧୪୩୦

## ଏଇ ଭାରତରେ

ତୃଣମୂଳ ସ୍ତରରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା କିଭଳି ସମ୍ଭବ ତାହା ମଣିପୁରର ଛାକେସାଙ୍କ ଜନଜାତି ପ୍ରମାଣ କରିଦେଇଛନ୍ତି। ଏହି ନାଗା ଯୋଦ୍ଧା ଜନଜାତିର ଲୋକେ ଶିକାର ଛାଡ଼ିଦେଇ ଏବେ ପରିବେଶ ଓ ପ୍ରାଣୀଙ୍କ ଯତ୍ନ ନେଉଛନ୍ତି। ସେମାନେ ଇଣ୍ଡୋ-ବର୍ମା ବାୟୋଡାଇଭର୍ସିଟି ହଟସ୍ପଟରେ ଥିବା ଜେସାମି ଗାଁରେ ରହୁଛନ୍ତି। ଏହି ଜନଜାତିର ଲୋକେ ଶିକାର ପାଇଁ ଜଣାଶୁଣା। ଏପରି କି ଶିକାର କୌଶଳର ପ୍ରତୀକ ଭାବେ ସେମାନେ ଘର ପ୍ରବେଶ ପଥରେ ପ୍ରାଣୀଙ୍କ ଖପୁରି ରଖିଥାନ୍ତି। ଗାଁର ମୁଖ୍ୟ ପର୍ବ ହେଉଛି ଟ୍ରେକୁ ନେଗେ । ଏହି ପର୍ବରେ ଲୋକମାନେ ମୁଣ୍ଡରେ ମିସେସ୍ ହ୍ୟୁମ ପିଜାଣ୍ଟ ପକ୍ଷୀର ଲାଞ୍ଜପର ପିନ୍ଧିଥାନ୍ତି। ଉଲ୍ଲେଖନୀୟ, ଏହି ପକ୍ଷୀର ନାମକରଣ ବ୍ରିଟେନ ପରିବେଶବିତ୍ ଆଲାନ ଅକ୍ଟୋଭିଆନ ହ୍ୟୁମ୍ସଙ୍କ ସ୍ତ୍ରୀ ମ୍ୟାରି ଆନ୍ନ ଗ୍ରୀଣ୍ଡଲ ହ୍ୟୁମ୍ସଙ୍କ ନାମାନୁସାରେ କରାଯାଇଛି। ହ୍ୟୁମ ପିଜାଣ୍ଟ ପକ୍ଷୀ ବିଲୁପ୍ତ ହୋଇଯିବା ଖବର ଜାଣିବା ପରେ ଜେସାମି ଗ୍ରାମ ପରିଷଦର ଅଧକ୍ଷ ନିଜୋତେ ମେକ୍ରିଶୁ ୨୦୧୮ରେ ସବୁ ପ୍ରାଣୀଙ୍କ ଶିକାର ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଏପରି କି ଟ୍ରେକୁ ନେଗି ପର୍ବରେ ମଧ୍ୟ ଶିକାର ବନ୍ଦ କରାଯାଇଛି। ଏବେ ଗ୍ରାମବାସୀ ଶିକାର ଛାଡ଼ି ପର୍ଯ୍ୟଟକ, ବନ୍ୟପ୍ରାଣୀ ଫଟୋଗ୍ରାଫର ଓ ବୈଜ୍ଞାନିକଙ୍କୁ ଜଙ୍ଗଲରେ ଗାଇଡ୍ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୭୬

- ଜାହାଜ ଦ୍ୱାରା ରପ୍ତାନି କାରବାର ବୃଦ୍ଧି କରିବା ବିଷୟ ଅନୁଧ୍ୟାନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଷ୍ଟାଣ୍ଡିଂ କମିଟି ଗଠନ।
- କଲମ୍ବୋଠାରେ ଅନୁଷ୍ଠିତ ହୋଇଥିବା ୫ମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀର ସୁପାରିସ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଯୁଗୋସ୍ଲୋଭିଆ ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ।
- ପାକିସ୍ତାନର ଉତ୍ତର ପଶ୍ଚିମ ସୀମାନ୍ତ ଅନ୍ତର୍ଗତ ଏକ ସୁଦୂର ପାର୍ବତ୍ୟାଞ୍ଚଳରେ ଗଣ ବିଦ୍ରୋହ ଘଟି ୨୫୦ରୁ ୩୦୦ ଲୋକଙ୍କ ପ୍ରାଣହାନି।

## sudoku / ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 1 | 3 | | | | | 5 |
| | | | | 5 | | | | 8 |
| | | | | 8 | | | | 4 |
| | 2 | | | | | | | 6 |
| | | | 8 | | 9 | 2 | | |
| | 3 | 7 | | | 1 | | | |
| 4 | | | | | | | 5 | |
| | | 5 | | 1 | 2 | | | |
| | | | 4 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 6 | 8 | 2 | 7 | 9 | 1 | 4 |
| 8 | 7 | 1 | 9 | 4 | 5 | 3 | 2 | 6 |
| 2 | 9 | 4 | 1 | 3 | 6 | 5 | 8 | 7 |
| 6 | 1 | 9 | 7 | 8 | 3 | 2 | 4 | 5 |
| 4 | 8 | 3 | 6 | 5 | 2 | 1 | 7 | 9 |
| 5 | 2 | 7 | 4 | 1 | 9 | 6 | 3 | 8 |
| 7 | 4 | 2 | 5 | 6 | 1 | 8 | 9 | 3 |
| 1 | 6 | 8 | 3 | 9 | 4 | 7 | 5 | 2 |
| 9 | 3 | 5 | 2 | 7 | 8 | 4 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ବସ୍ ସେବାର ସୁଫଳ

ମହାଶୟ,

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍ ସେବା ବ୍ୟବସ୍ଥା କରାଯାଇଛି। ଏହା କ୍ଷମତାସୀନ ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେବେ ଏହି ଯୋଜନାରେ କେବଳ ଓଏସ୍ଆରଟିସି(ସରକାରୀ) ବସ୍‌ଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ମାଗଣା ସେବା ଉପଲବ୍ଧ ହେବ ବୋଲି ତଥ୍ୟଗତ ସୂଚନାରୁ ଜାଣିବାକୁ ମିଳୁଛି। ଘରୋଇ ବସ୍ ଏବଂ ଏହାର ମାଲିକ ସଂଘ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନ ଥିବାରୁ ଏହି ଗାଡ଼ିରେ ଚଢ଼ି ଛାତ୍ରୀଛାତ୍ର ମାଗଣା ବସ୍ ସେବା ଦାବି ରଖିବା ନିରର୍ଥକ ହୋଇପାରେ। ତେଲ ଖର୍ଚ୍ଚ ଉଠୁ ନାହିଁ ବୋଲି ଦର୍ଶାଇ ଘରୋଇ ବସ୍ ମାଲିକ ଓ କର୍ମଚାରୀମାନେ କୁମ୍ଭୀର କାନ୍ଦଣାରେ ମାତିଥିବାରୁ ଛାତ୍ରୀଛାତ୍ର ମାଗଣାରେ ବସ୍‌ଭର୍ତ୍ତି ହୋଇଗଲେ ସେମାନଙ୍କ ଭେଳା ମଧ୍ୟ ବୁଡ଼ିଯାଇପାରେ। ଏ ପ୍ରେକ୍ଷାପଟରେ ସରକାର ଓ ପରିବହନ ବିଭାଗ ପ୍ରାଇଭେଟ ବସ୍‌ରେ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ବସ୍ ସେବା ଯୋଗାଇ ଦେବା ନିମନ୍ତେ ବିକଳ୍ପ ବାଟ ବାହାର କରିବା ଦରକାର।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

## ଚିରନ୍ତନୀ

ମୁକୁରେ ନିଜ ବଦନ ଶୋଭା ଦେଖଇଁ
ମୁଗ୍‌ଧ ଆଖି ନୟନ ପରେ ରଖଇଁ
କଳୁଷହୀନ ସଜ ଅଧର
ମୁକୁରେ ନେଇ ଚାପଇଁ ମୋର
ଗଣ୍ଡ ମୋର ମୁକୁରେ ନେଇ ଯୋଖଇଁ ।

-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଷ୍ଟ୍ରର ଏକତା, ଅଖଣ୍ଡତା ବଜାୟ ରଖିବାକୁ ଶପଥପାଠ

## ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼



ରାଷ୍ଟ୍ରୀୟ ଏକତା ଦିବସରେ ଆୟୋଜିତ ଗଣଦୌଡ଼ ଶୁଭାରମ୍ଭ କରାଯାଉଛି ।

ମାଲକାନଗିରି,୩୧।୧୦ (ଦୁର୍ଯ୍ୟୋଧନ ପାତ୍ର)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ମାଲକାନଗିରିଠାରେ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି । ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମିରଞ୍ଜନ ସେନାପତି, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର ଯୋଗଦେଇଥିଲେ । ଏକ ଭାରତ ଆତ୍ମନିର୍ଭର ଭାରତର ବାର୍ତ୍ତା ନେଇ ଆୟୋଜିତ ଏହି ଏକତା ଦୌଡ଼କୁ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସମସ୍ତେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ସହିତ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ନିଜକୁ ସମର୍ପଣ କରିବାକୁ ଶପଥପାଠ କରିଥିଲେ । ଗଣଦୌଡ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ଜିଲା କ୍ରିଡା ଅଧିକାରୀ ପୁନା ଗୁରୁଜ, ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ ଓ ପୋଲିସ ଆଇ.ଆଇ ସତ୍ୟପ୍ରିୟ ବିଶ୍ୱାଳ, ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡା ବିଭାଗର ଅଧିକାରୀ, ପ୍ରଶିକ୍ଷକ ଓ ସ୍ପୋର୍ଟ କମ୍ପ୍ଲେକ୍ସର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲାପାଳ, ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜିଲା ପରିଷଦ କାର୍ଯ୍ୟାଳୟ ଠାରେ ଆଗାମୀ ପିଢ଼ିଙ୍କୁ ଏକତା ଓ ଅଖଣ୍ଡତାର ମୂଲ୍ୟବୋଧକୁ ବଜାୟ ରଖିବାକୁ ପ୍ରେରଣା ଦେବା ଲାଗି ଶପଥ ପାଠ କରାଯାଇଥିଲା ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ମାଲକାନଗିରି, ୩୧।୧୦ (ଦୁର୍ଯ୍ୟୋଧନ ପାତ୍ର)



ଶଙ୍କରୀ ବିଶ୍ୱାସ

ମାଲକାନଗିରି ଜିଲା ସଦର ମହକୁମା ପୌର ପରିଷଦ କାର୍ଯ୍ୟାଳୟ ନିକଟ ଏକ ଘରେ ଜଣେ ବିବାହିତ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଶୁକ୍ରବାର ପୋଲିସ ଜବତ କରିଛି। ମୃତ ମହିଳା ହେଲେ ଶଙ୍କରୀ ବିଶ୍ୱାସ। ଶଙ୍କରୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ୱାମୀ ରାଜେଶ ବିଶ୍ୱାସ ଓ ଶାଶୁ ଫେରାର ଥିବା ଦେଖିବାକୁ ମିଳିଛି। ତେଣୁ ଶଙ୍କରୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି।

ତଥ୍ୟ ଅନୁଯାୟୀ ମାଲକାନଗିରି ସଦର ମହକୁମାର ନିର୍ମଳ ବିଶ୍ୱାସଙ୍କ ପୁଅ ରାଜେଶ ଗତ ୨ବର୍ଷ ପୂର୍ବେ କାଲିମେଳା ଥାନା ଏମ୍‌ଭି ୨୩ ଗ୍ରାମର ଶଙ୍କରୀଙ୍କୁ ବିବାହ କରିଥିଲେ । ଶୁକ୍ରବାର ସକାଳେ ରାଜେଶଙ୍କ ଘରେ ତାଙ୍କ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଥିବା ସାହି ବାସିନ୍ଦା ଦେଖି ଶଙ୍କରୀଙ୍କ ପରିବାରବର୍ଗ ଓ ଥାନାକୁ ସୂଚନା ଦେଇଥିଲେ। ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ଏହା ଆତ୍ମହତ୍ୟା ନୁହେଁ ବରଂ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏ ସମ୍ବନ୍ଧରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଇନ୍ଦିରା ଗାନ୍ଧୀଙ୍କ ୪୧ତମ ଶ୍ରାଦ୍ଧଦିବସ



ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା ।

ମାଲକାନଗିରି,୩୧।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଜିଲା କଂଗ୍ରେସ କମିଟି ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୪୧ ତମ ଶ୍ରାଦ୍ଧ ବାର୍ଷିକୀ ଜିଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ପରେ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପରିସରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ତାଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଦେଶ ପାଇଁ ତାଙ୍କର ତ୍ୟାଗ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, ଛବି ଦାସ, ପି. କେଶୁ ରାଓ, ପଦ୍ମ ପାଙ୍ଗି, ଇର୍ମା ମାଡକାମିଙ୍କ ସହ ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଓର୍କେଲ ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

କୋରୁକୋଣ୍ଡା,୩୧।୧୦(ଶିବଦତ୍ତ ସାହୁ)



ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ଜୟନ୍ତୀରେ ଆୟୋଜିତ ମିନି ମାରାଥନ।

ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ଜନ୍ମଦିନ ଅବସରରେ ଓର୍କେଲ ପୋଲିସ ପକ୍ଷରୁ ଶୁକ୍ରବାର ସକାଳେ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଥାନା ଅଧିକାରୀ ପଟ୍ଟନାୟକଙ୍କ ସମେତ ଏସ୍‌ଆଇ ଅଜିତ ସିଂ ବରିହା, ମନୋହର ସାହୁ, ମିଳନ ବରିହା, ଏଏସଆଇ ସଞ୍ଜୀବ କୁମାର ଟାକ୍ରୀ, ସତ୍ୟମତ ମଣ୍ଡଳଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ହାତରେ ପ୍ଲାଙ୍କ କାର୍ଡ ଓ ବ୍ୟାନର ଧର ଥାନା ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ବାଲିମେଳା ସହର ପରିକ୍ରମା କରିଥିଲେ। ପରେ ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଥାନା ଅଧିକାରୀ ପଟ୍ଟନାୟକଙ୍କ ନେତୃତ୍ୱରେ ବାସୁଦେବ କୁଟୁମ୍ବକମ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଓର୍କେଲ ପୋଲିସ ପକ୍ଷରୁ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ଜୀବନୀ ସମ୍ପର୍କରେ ଡିବେଟ ପ୍ରତିଯୋଗିତା ହୋଇଥିଲା। ଏହି ଦୁଇଟି ବିଦ୍ୟାଳୟରେ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ପୁରସ୍କୃତ କରିଥିଲେ।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩୧।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କୋଣ୍ଡାଗାଁ ଜିଲା ପୋଲିସ ନିକଟରେ ଶୁକ୍ରବାର ୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ପୁରସ୍କାର ଘୋଷିତ ଜଣେ ମହିଳା ମାଓବାଦୀ ସିରବତୀ ଓରଫ ବତୀ କୋରାମ ରହିଛନ୍ତି। ଅନ୍ୟ ୨ ଜଣ ହେଲେ ଜଙ୍ଗତ ରାମ ଓ ଲଛନ। ଏମାନେ ଡିଏକେଏମ୍‌ଏସ୍ ସଂଗଠନର ସଦସ୍ୟ ଭାବେ କାମ କରୁଥିଲେ। ପୋଲିସ ଗୁଳିରେ ବଡ ବଡ ମାଓବାଦୀ ନେତାଙ୍କ ମୃତ୍ୟୁ ପରେ ମାଓବାଦୀ ସଂଗଠନ ଦିନକୁ ଦିନ ଭୁଶୁଡି ପଡୁଛି। ଅନ୍ୟପକ୍ଷେ ବହୁ ମାଓବାଦୀ ଅସ୍ତ୍ର ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି। ସେହିପରି ଛତିଶଗଡ଼ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସଂଗଠନ ଛାଡି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ୩ ମାଓବାଦୀ ପ୍ରକାଶ କରିଛନ୍ତି। ୩ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କୋଣ୍ଡାଗାଁ ପୋଲିସ ସୂଚନା ଦେଇଛି।

# ରାଷ୍ଟ୍ରୀୟ ଏକତା ଦିବସରେ ମିନି ମାରାଥନ




କାଲିମେମଳାରେ ବାହାରିଥିବା ଗଣଦୌଡ ।

କାଲିମେଳା, ୩୧।୧୦(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ଥାନା ପୋଲିସ ପକ୍ଷରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଲୋକଙ୍କ ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଶୁକ୍ରବାର ରନ ଫର୍ ୟୁନିଟି ମିନି ମାରାଥନ ଆୟୋଜନ କରାଯାଇଥିଲା। କାଲିମେଳା ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନେତୃତ୍ୱରେ ଅୟୋଜିତ ମାରାଥନ ଓ ଗଣଦୌଡ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀ, ଛାତ୍ର, ବଜାର କମିଟି ସଦସ୍ୟ, ସ୍ଥାନୀୟ ଯୁବକ, ଗଣମାଧ୍ୟମ ପ୍ରତିନିଧି, ପୋଲିସ ଏବଂ ଓଏସ୍‌ଏସ୍‌ଏଫ୍ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମସ୍ତେ ଥାନା ପରିସରରୁ ବାହାରି ମେଡିକାଲ ଏବଂ ହାଟପଦା ପର୍ଯ୍ୟନ୍ତ ଏକ ରାଲି କରିଥିଲେ। ଏହି ଅବସରରେ ସର୍ଦାର ବଲ୍ଲବ ଭାଇ ପଟେଲଙ୍କ ସ୍ମୃତି ଚାରଣ କରାଯାଇଥିଲା ।

# ମା’ ଜଗଦ୍ଧାତ୍ରୀଙ୍କ ପୂଜା



ପୂଜା ପାଉଥିବା ମା’ ଜଗଦ୍ଧାତ୍ରୀ।

କୋରୁକୋଣ୍ଡା,୩୧।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଡୁଡାମେଟା ପଞ୍ଚାୟତ ଏମ୍‌ଭି-୨୩ ଏବଂ ଏମ୍‌ଭି -୨୭ ଗ୍ରାମରେ ମା’ ଜଗଦ୍ଧାତ୍ରୀଙ୍କ ପୂଜା ଧୁମ୍‌ଧାମରେ ପାଳିତ ହେଉଛି। ଦୁଇ ଗ୍ରାମର ବାସିନ୍ଦା ଗତ ବୁଧବାର ଷଷ୍ଠୀରେ ମା’ଙ୍କ ପୂଜା ନିମନ୍ତେ ଏକ ଶୋଭାଯାତ୍ରାରେ କଳସ ଯାତ୍ରା କରିଥିଲେ। ଗୁରୁବାର ସପ୍ତମୀ ଏବଂ ଶୁକ୍ରବାର ବିଧିବଦ୍ଧ ଭାବେ ଅଷ୍ଟମୀ ପୂଜା ହୋଇଥିଲା। ଦୁଇଟି ପୂଜା ମଣ୍ଡପ ନିକଟରେ ବିଭିନ୍ନ ପ୍ରକାର ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜାଯାଇଛି। ପୂଜା ମଣ୍ଡପ ନିକଟରେ ବିଭିନ୍ନ ପ୍ରକାର ଦୋକାନ ଖୋଲିଛି। ଲୋକମାନଙ୍କର ମନୋରଞ୍ଜନ ପାଇଁ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ପୂଜା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବାକୁ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ଭିଡ ଜମୁଥିବା ଦେଖିବାକୁ ମିଳିଛି। ଦଶହରା ଓ କାଳୀପୂଜା ପରେ ମାଲକାନଗିରି ଜଲ୍ଲାର କେବଳ ଏହି ଦୁଇ ଗ୍ରାମରେ ଜଗଦ୍ଧାତ୍ରୀଙ୍କ ପୂଜା ବହୁ ଆଡମ୍ବର ସହିତ ପାଳିତ ହୋଇଥାଏ।

# ଚିତ୍ରକୋଣ୍ଡାରେ ମଣ୍ଡଳସ୍ତରୀୟ ସୁରଭି

ଚିତ୍ରକୋଣ୍ଡା, ୩୧।୧୦(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ଶୁକ୍ରବାର ଅପରାହ୍ନ ୧ଟାରେ ମଣ୍ଡଳସ୍ତରୀୟ ସୁରଭି ଓ ମୋ ସ୍ୱପ୍ନର ଓଡ଼ିଶା ୨୦୩୬ କାର୍ଯ୍ୟକ୍ରମ କରାଯାଇଛି। ବିଇଓ ଗାୟତ୍ରୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି, ପୂର୍ବତନ ବିଆର୍‌ସିସି ଦିଲ୍ଲୀପ ଓଝା ମୁଖ୍ୟ ବକ୍ତା, ସ୍ୱତନ୍ତ୍ର ଅତିଥିଭାବେ ଏବିଇଓ ହେମନ୍ତ ନାୟକ, ଏବିଇଓ କୃପାସିନ୍ଧୁ ଆମ୍ବାଗୁଡ଼ିଆ, ସମ୍ମାନିତ ଅତିଥିଭାବେ ଖବରଦାତା ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତ ରଣା, ବଡପଦର ଗ୍ରାମପଞ୍ଚାୟତର ସରପଞ୍ଚ ସ୍ୱପ୍ନ ଖିଲ, ଡକ୍ଟର ଜୋତି ରଞ୍ଜନ ଗୁଡ଼ିଆ, ବଦପଦର ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖିତିଶ୍ୱର ସରକାର, ଭଞ୍ଜନଗରର ଶିକ୍ଷକ ପଞ୍ଚାନନ ସେଠୀ ମଞ୍ଚାସୀନ ଥଲେ। ଯଚିନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରବିନ୍ଦ୍ର କୁମାର ବୈଶାଖୀ ଧନ୍ୟବାଦ ଦେଇଥିଲେ। ଆୟୋଜିତ ୨୦ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।


**OFFICE OF THE HEADMASTER**
**KASTURBA GANDHI BALIKA VIDYALAYA, TARAGAM**
BLOCK-NABARANGPUR, DIST- NABARANGPUR, PIN-764059
No. 29/25 Date. 29.10.2025

**TENDER CALL NOTICE**

Sealed tender is invited from the registered/ reputed firms who having valid GST registration for supply of consumable items (Grocery) to Kasturaba Gandhi Balika Vidyalaya, Taragam, Block- Nabarangpur, Dist- Nabarangpur (Odisha). Bids should be submitted in the envelope duly marked on the top "Tender for supply of grocery items" to the Chairman, Kasturaba Gandhi Balika Vidyalaya, Taragam, Block-Nabarangpur, Dist-Nabarangpur (Odisha) during office hours by 5.00 P.M. of Dt.15.11.2025. The bid document shall be opened at 10:00 A.M. on dt. 17.11.2025 in the office of the Kasturaba Gandhi Balika Vidyalaya, Taragam, Block-Nabarangpur in the presence of the bidder or their authorized representatives. The terms and conditions for the tender can be downloaded from the official website https//www.osepa.odisha.gov.in and nabarangapur.nic.in from dt. 01.11.2025 at 10:00 A.M. to dt. 15.11.2025 upto 5:00 P.M.

Sd./- Chairman
K.G.B.V, Taragam, Nabarangpur

**कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, राँची**

ई–प्रोक्योरमेंट सूचना
टेन्डर रेफरेंन्स नं0–प0नि0वि0 / राँची–39 / 2025–26
दिनांक :– 31.10.2025

| | | |
|---|---|---|
| 1. | कार्य का नाम | IRQP Workin Mandar Chowk (on NH-75) to Burmu Road (कुल लम्बाई–14.80 कि0मी0) कार्य वर्ष 2025–26 |
| 2. | प्राक्कलि राशि (रू0 लाख में) | रू0 1142.22 लाख (रूपये ग्यारह करोड़ ब्यालीस लाख एवं बाईस हजार) मात्र। |
| 3. | अग्रधन की राशि (रू0 लाख में) | रू0 11.43 लाख (रूपये ग्यारह लाख तेतालीस हजार) मात्र। |
| 4. | कार्य पूर्ण करने की अवधि | 07 (सात) माह |
| 5. | वेबसाईड पर निविदा प्रकाशन की तिथि | 03.11.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि / समय | 24.11.2025 12.00 बजे दोपहर तक |
| 7. | निविदा खोलने तिथि / समय | 25.11.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे Tender Online Upload में देखा जा सकता है, एवं किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- नियम एवं शर्तें के लिए वेबसाईट http://jharkhandtenders.gov.in पर देखें।

कार्यपालक अभियंता
पथ निर्माण विभाग,पथ प्रमंडल, राँची।
PR.NO.364965 Road Construction Dept Road Division Ranchi(25-26):D

**Union Bank of India — କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧
**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତି କରାଇ ଦିଆଯାଉଛି କି, ସେମାନେ ସେମାନଙ୍କର ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେ ଖିଲାପ କରିଛନ୍ତି। ବ୍ୟାଙ୍କ ଦ୍ୱାରା ସେମାନଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ନୋଟିସ୍‌ମାନ ପଠାଯାଇଥିଲେ ମଧ୍ୟ ତାହା ପ୍ରଦାନ କରାଯାଇନପାରି ଫେରସ୍ତ ଆସିଛି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ତା.୦୩.୧୧.୨୦୨୫ରିଖ ଦିନ କିମ୍ବା ପୂର୍ବରୁ ସେମାନଙ୍କର ବକେୟା ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୪.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତାବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର.ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଋଣ ନଂ. | ଋଣ ତାରିଖ |
|---|---|---|
| | **ଆଠଗଡ ଶାଖା** | |
| ୧. | ଶ୍ରୀମତୀ ଜ୍ୟୋତିର୍ମୟୀ ଦଳାଇ, ସା: ବାଣୀକଣ୍ଠ ନଗର, ପୋ: ଆଠଗଡ, ଜିଲ୍ଲା: କଟକ / ୭୬୩୮୦୬୫୪୦୦୦୦୨୩୬ | ୧୫.୦୫.୨୦୨୪ |

ସ୍ଥାନ : କଟକ, ତାରିଖ : ୩୧.୧୦.୨୦୨୫ — ସ୍ୱା/- ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**Union Bank of India — ଢେଙ୍କାନାଳ ମୁଖ୍ୟ ଶାଖା**
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଇ-ମେଲ୍ : ubin0554057@unionbankofindia.bank
**ଡିମାଣ୍ଡ ନୋଟିସ୍**

ଆମର ଢେଙ୍କାନାଳ ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖାର ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ପ୍ରକାର | ଏନ୍‌ପିଏ ତାରିଖ/ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ସୁର ବେହେରା, ୨) ଶ୍ରୀମତୀ କଳ୍ପନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ଓଡ଼ିଶା-୭୫୯୦୨୫ | ୟୁନିୟନ୍ ହୋମ୍ | ୨୯.୧୦.୨୦୨୩ / ୧୮.୧୦.୨୦୨୫ / ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ | ଶ୍ରୀ ବାବୁଲି ବେହେରା, ପିତା: ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ବି.ଦ୍ର.: ସରଫେଶୀ ଆକ୍ଟ ଅନୁଯାୟୀ ଏ ସମ୍ବନ୍ଧୀୟ ପୂର୍ବରୁ ପଠାଯାଇଥିବା ନୋଟିସ୍‌ଗୁଡିକୁ ପ୍ରତ୍ୟାହାର କରାଯାଉଛି ।

ସ୍ଥାନ : ଢେଙ୍କାନାଳ
ତାରିଖ : ୩୧.୧୦.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

See Career Appointment on every Wednesday & Saturday

**Union Bank of India — ସାଲେପୁର ଶାଖା**
୧୯୫୩/୨୨୨୧, ଚନ୍ଦ୍ରଦେଇପୁର, ପୋ: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୨
ଇମେଲ୍: ubin0830101@unionbankofindia.bank
**(୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଅକ୍ଷୟ କୁମାର ମଲ୍ଲିକ, ପିତା: ୰ ଉତ୍ତମ ମଲ୍ଲିକ, ସା: କୋଲଣପୁର, ପୋ: ସାଲେପୁର, କଟକ, ପିନ୍-୭୫୪୨୦୨, ୨) ଶ୍ରୀ ନରୋତ୍ତମ ସ୍ୱାଇଁ, ପିତା: ଭାଗ୍ୟଧର ସ୍ୱାଇଁ, ସା: ଜିଗନିପୁର, ପୋ: ଜିଗନିପୁର, ଥାନା: ସାଲେପୁର, କଟକ, ପିନ୍-୭୫୪୨୦୨ | ଶ୍ରୀ ଅକ୍ଷୟ କୁମାର ମଲ୍ଲିକ, ପିତା: ୰ ଉତ୍ତମ ମଲ୍ଲିକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦୭୨, ଖାତା ନଂ.: ୫୧, ମୌଜା: କୋଲଣପୁର, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୧୦୦ଡିସିମିଲି, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ରେମାନନ୍ଦ ମଲ୍ଲିକ, ଦକ୍ଷିଣ: କେନାଲ, ପୂର୍ବ: ବାବନ ମଲ୍ଲିକ, ପଶ୍ଚିମ: ରାସ୍ତା | ୧୨.୦୪.୨୦୨୧ / ୧୬.୧୦.୨୦୨୧ / ୧୭.୧୦.୨୦୨୫ |

ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତାମାନଙ୍କ ସମ୍ପତ୍ତି ବିକ୍ରୟ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାର ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର ୩୦ ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ସାଲେପୁର, ତାରିଖ: ୩୧.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**कार्यपालक अभियंता का कार्यालय**
**लघु सिंचाई प्रमंडल, गोड्डा**

ई0-निविदा आमंत्रण सूचना

e-Tender Reference No.-WRD/MID/GODDA/ F2-09/2025-26 Date-30.10.2025

1. विज्ञापनदाता का नाम : कार्यपालक अभियंता, लघु सिंचाई प्रमंडल, गोड्डा।
2. वेवसाइट में ई0–निविदा प्रकाशन की तिथि : 13.11.2025
3. ई0–निविदा प्राप्ति की तिथि एवं समय : 25.11.2025 अपराहन 03:00 बजे तक
4. ई0–निविदा खोलने की तिथि एवं स्थान : 26.11.2025 अपराहन 04:30 बजे मुख्य अभियंता का कार्यालय लघु सिंचाई, दुमका।

| ग्रुप सं0 | कार्य का मद | योजना का नाम | प्रखण्ड | प्राक्कलित राशि (लाख में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | कार्य की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | राज्य सम्पोषित योजना | बेदीय नदी पर श्रृंखलाबद्ध चेक डैम निर्माण। | पथरगामा | 142.086 | 2,85,000.00 | 10,000.00 | 11 माह |
| 2 | राज्य सम्पोषित योजना | कौवा नदी में गड़ी पडवारा के पास चेक डैम निर्माण। | ठाकुरगंगटी | 111.026 | 2,23,000.00 | 10,000.00 | 11 माह |
| 3 | राज्य सम्पोषित योजना | कर्णपुरा जोरिया में चेक डैम निर्माण। | गोड्डा | 75.703 | 1,52,000.00 | 10,000.00 | 11 माह |
| 4 | राज्य सम्पोषित योजना | गुणघासा नदी में श्रृंखलाबद्ध चेक डैम निर्माण। | पोड़ैयाहाट | 182.926 | 3,66,000.00 | 10,000.00 | 11 माह |

नोट:–
1. केवल ई–निविदा ही स्वीकार किया जायेगा।
2. प्राक्कलित राशि घट–बढ़ सकती है।
3. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
4. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
5. Work performance :- पूर्व से आवंटित कार्य 90 प्रतिशत से अधिक पूर्ण नहीं रहने तथा समानुपातिक प्रगति नहीं पाये जाने पर अन्य कार्यो में डाली गई निविदा विचारणीय नहीं होगा।
6. विस्तृत जानकारी के लिए वेवसाईट http://jharkhandtenders.gov.in पर लॉग आन करें।

कार्यपालक अभियंता,
लघु सिंचाई प्रमंडल, गोड्डा
Mob.- 9939708923
PR 364929 Minor Irrigation (25-26)_D

# ଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେଲା ଗଣଦୌଡ଼

## ରାଷ୍ଟ୍ରୀୟ ଏକତା ଦିବସରେ ପଦଯାତ୍ରା

ରାୟଗଡ଼ା,୩୧।୧୦(ଆଶିଷ ରଞ୍ଜନ ପଣ୍ଡା)

ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ନିର୍ଦ୍ଦେଶକ୍ରମେ ଏକତା ପାଇଁ ଦୌଡ଼ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ପଦଯାତ୍ରାକୁ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ପତାକା ହଲାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ସହକାରୀ ଜିଲାପାଳ ପ୍ରଫୁଲ୍ଲ କୁମାର ବେହେରା, କୈଳାସ ଚନ୍ଦ୍ର ସ୍ୱାଇଁ, ଭାଜପା ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ଭାଜପା ନେତା କାଳିଚରଣ ମାଝୀ, ଜିଲା କ୍ରୀଡ଼ା ଅଧିକାରୀ ଶେଖ ଆଲେଙ୍ଗୁର, ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ପ୍ରମୁଖ ଯୋଗଦାନ କରିଥିଲେ । ଏହି ପଦଯାତ୍ରାରେ ମହାବିଦ୍ୟାଳୟ, ବିଦ୍ୟାଳୟ, ଆରକ୍ଷୀ ବାହିନୀ ଓ କେନ୍ଦ୍ରୀୟ ପୋଲିସ ସୁରକ୍ଷା ବଳ (ସିଆର୍‌ପିଏଫ୍)ର କର୍ମଚାରୀ ଯୋଗଦେଇଥିଲେ । ଏହି ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବ୍ଲକ ଛକଦେଇ କପିଳାସ ଛକରୁ ସ୍ଥାନୀୟ ସଦ୍‌ଭାବନା କ୍ରୀଡ଼ାଙ୍ଗନ ପରିସରରେ ସମବେତ ହୋଇଥିଲେ। ସେଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସେହିପରି ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ଚିନ୍ତନ କକ୍ଷଠାରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ସହିତ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ନିଜକୁ ସମର୍ପଣ କରିବାକୁ ଅତିରିକ୍ତ ଜିଲାପାଳ ନାୟକ ସମସ୍ତଙ୍କୁ ଶପଥପାଠ କରାଇଥିଲେ । ସୂଚନା ଥାଉକି ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରୁ ମାସବ୍ୟାପୀ ପଦଯାତ୍ରା କରାଯିବ ।


ଜିଲାପାଳ ପଦଯାତ୍ରାର ଶୁଭାରମ୍ଭ କରୁଛନ୍ତି।

# ସୁରଭିରେ ଭାଗନେଲେ ୩୩୦ ଛାତ୍ରୀଛାତ୍ର


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଚନ୍ଦ୍ରପୁର, ୩୧।୧୦(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଖେଳ ପଡ଼ିଆରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ କଇଳ କିନ୍ନକା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ସହ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ୮ କ୍ଲଷ୍ଟରରୁ ଚତୁର୍ଥରୁ +୨ ମଧ୍ୟରେ ଅଧ୍ୟୟନ ୩୩୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସଙ୍ଗୀତ, ସୃଜନ ଶୀଳୋ, ଲିଖନ, ବକ୍ତୃତା, ଚିତ୍ର, ହସ୍ତଲିଖନ ଆଦି ପ୍ରତିଯୋଗିତାରେ କନିଷ୍ଠ, ବରିଷ୍ଠ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବେ ବୋଲି ଚନ୍ଦ୍ରପୁର ବିଇଓ ଗଣେଶ ଚନ୍ଦ୍ର ସବର ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ସୌମ୍ୟକାନ୍ତ ବାଗୋଲ, ଜିଲା ପରିଷଦ ସଭ୍ୟ ପୁଜିତ୍ ବ୍ରେଡ଼ିକା, ସିଡ଼ିପିଓ ଗୀତାରାଣୀ ସାହୁ, ଡକ୍ଟର କେ.ଡି. ମଲ୍ଲିକ, ଏଇଓ ଉମାକାନ୍ତ ମିଶ୍ରାଲ, ବାଳକୃଷ୍ଣ ବିହାରୀ, ସିଙ୍ଗନା ତାଡିଙ୍ଗି,ସିଆରସିସି, ପ୍ରଦୀପ ସେଠୀ, ଜୟରାମ କର୍କରିଆ, ଅଶୋକ ଘଡ଼ାଇ, ରଜନୀକାନ୍ତ ବଳିଆର ସିଂହ, ବରିଷ୍ଠ ଶିକ୍ଷକ ଧନୁର୍ଜୟ ଦୋରା, ଜଗଦୀଶ ନାୟକ, ପ୍ରଶାନ୍ତ ପ୍ରଧାନ, କୈଳାସ ଶବର, ସାମାଜିକ କର୍ମୀ ବିଜୟ ଉଲାକା, ହାଡ଼ିପା ଗୌଡ଼, ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଶବରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ରଜନୀକାନ୍ତ ବଳିଆର ସିଂ ପରିଚାଳନା କରିଥଲେ।

# ଧନଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ


ଶୁଭଖୁଣ୍ଟି ସ୍ଥାପନ ସମୟରେ ପୂଜାର୍ଚ୍ଚନା କରାଯାଉଛି।

କଲ୍ୟାଣସିଂହପୁର,୩୧।୧୦
(ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ସଦରରେ ମା' ଧନଲକ୍ଷ୍ମୀଙ୍କ ପୂଜା ପାଇଁ ଶୁକ୍ରବାର ସକାଳ ୯ ଟାରେ ପୂଜାପାଠ କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜାରେ କର୍ତ୍ତା ଭାବେ ଜିଲା ପରିଷଦ ସଦସ୍ୟ ବି. ଭି. ପ୍ରସାଦ ରାଓ ଏବଂ ପୁରୋହିତ ବିପିନ ମିଶ୍ର (ଲାରା ) ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଆସନ୍ତା ୨୬ ତାରିଖ ଅପରାହ୍ନ ୪ ଟାରେ କଳସ ଯାତ୍ରା ଅନୁଷ୍ଠିତ ହେବ । ୨୭ରେ ମା' ଧନଲକ୍ଷ୍ମୀଙ୍କ ପ୍ରାଣପ୍ରତିଷ୍ଠା ପୂଜା ଅନୁଷ୍ଠିତ ହେବ । ଡିସେମ୍ବର ୪ ସନ୍ଧ୍ୟା ୬ଟା ୩୦ରେ ୩ ହଜାର ୧ ଦୀପଯଜ୍ଞ ଏବଂ ୧ ହଜାର ଭକ୍ତଙ୍କ ପାଇଁ ଖେଚୁଡ଼ି ଭୋଗ ହେବ ବୋଲି ସୂଚନା ଦିଆଯାଇଛି। ସେହିପରି ଡିସେମ୍ବର ୬ରେ ୩ ହଜାର ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯିବ ବୋଲି ହନୁମାନ ଜଙ୍ଗସନ କ୍ଲବ୍‌ର ସଭାପତି କୈଳାସ ଆଚାରୀ କହିଛନ୍ତି। ଏଥର ପୂଜାର ମୁଖ୍ୟ ଆକର୍ଷଣ ସାଜିବ ଅପେରା ଯାତ୍ରା ସମ୍ରାଟ ପୃଥ୍ୱୀ ରାଜ୍ । ଶୁଭଖୁଣ୍ଟି ସ୍ଥାପନ ଅବସରରେ ହନୁମାନ ଜଙ୍ଗସନ କ୍ଲବ୍‌ର ଉପସଭାପତି କାମାକ୍ଷା ପ୍ରସାଦ ପାଢ଼ୀ, ସମ୍ପାଦକ ଜି. କୀରଣ କୁମାର, କୋଷାଧ୍ୟକ୍ଷ ବାବୁ ଗୌଡ଼ , କାଳିଆ ବଲଭାଇ, କନେଇ ପାତ୍ର, ପରମେଶ୍ୱର ପୂଜାରୀ, ରାହୁଲ ପ୍ରଧାନୀ, ସରୋଜ ସାହୁ , ସିଧୁ ମିଶ୍ର, ଅନିଲ ଆଚାରୀଙ୍କ ସହ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

## କର୍ମୀ ଚୟନକୁ ନେଇ ଅସନ୍ତୋଷ

କଲ୍ୟାଣସିଂହପୁର,୩୧।୧୦
(ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲାର କଲ୍ୟାଣସିଂହପୁର ବ୍ଲକ୍ ଅଧୀନ ସୁନାଖଣ୍ଡି ପଞ୍ଚାୟତର ପାଲିଗାଁରେ ଅଙ୍ଗନୱାଡ଼ି କର୍ମୀ ଚୟନକୁ ନେଇ ଅସନ୍ତୋଷ ଦେଖାଦେଇଛି। ନିଜ ଗାଁରେ ଶିକ୍ଷିତ ଯୁବତୀ ଥିବା ସତ୍ତ୍ୱେ ଅନ୍ୟ ଗାଁ ଯୁବତୀଙ୍କୁ ନିଯୁକ୍ତି ଦେଇଥିବାରୁ ଗାଁଲୋକେ ଅସନ୍ତୋଷ ପ୍ରକାଶ କରି ଶୁକ୍ରବାର ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ନିଯୁକ୍ତି ପାଇଥିବା କର୍ମୀ ପ୍ରଥମ ଦିନରେ ପହଞ୍ଚିବା ପରେ କେନ୍ଦ୍ରରେ ତାଲା ପଡ଼ିଥିବା ଦେଖି ଫେରିଯାଇଥିଲେ। ନିରପେକ୍ଷ ଭାବେ ଚୟନ ପ୍ରକ୍ରିୟା ହୋଇ ନ ଥିବାରୁ ଗାଁଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ଶିଶୁ ବିକାଶ ଅଧିକାରୀ ମମତାରାଣୀ ଦାସଙ୍କୁ ଯୋଗାଯୋଗ କରିବାରୁ ଆଇନ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯାଇଛି। କିନ୍ତୁ ଗାଁ ଲୋକେ ଏହାକୁ ମାନିବାକୁ ନାରାଜ ବୋଲି ସେ କହିଛନ୍ତି । ଯେଉଁଦିନ ପର୍ଯ୍ୟନ୍ତ ନିଜ ଗାଁର ଝିଅକୁ ନିଯୁକ୍ତି ଦିଆଯିବ ନାହିଁ, ସେ ପର୍ଯ୍ୟନ୍ତ କେନ୍ଦ୍ରରୁ ତାଲା ଖୋଲା ଯିବନାହିଁ ବୋଲି ଗାଁ ଲୋକେ କହିଛନ୍ତି। ଆବଶ୍ୟକ ସ୍ଥଳେ ନ୍ୟାୟ ପାଇଁ ରାଜାରାସ୍ତାକୁ ଓହ୍ଲାଇବାକୁ ପଛେଇବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।


ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଧାରଣାରେ ବସିଛନ୍ତି।

# ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର

ରାୟଗଡ଼ା,୩୧।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରକ୍ତଭଣ୍ଡାରଠାରେ ରକ୍ତ ଆବଶ୍ୟକତା ପୂରଣ କରିବାକୁ ବଜରଙ୍ଗ ଦଳ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା ବଜରଙ୍ଗ ଦଳର ସଦସ୍ୟମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ସହ ସଂଯୋଜକ ଶସ୍ୟଜ୍ୟୋତି ବେହେରା, ନଗର ସଂଯୋଜକ ଶଙ୍କର ବେହେରା, ନଗର ବଳ ଉପାସନା ପ୍ରମୁଖ ଗଣେଶ ବେହେରା, ବିଶ୍ୱହିନ୍ଦୁ ପରିଷଦ ସଭାପତି ଡ.ବାବୁରାଓ ମହାନ୍ତି, ବିଶ୍ୱହିନ୍ଦୁ ପରିଷଦ ଉପସଭାପତି ଆନନ୍ଦ ରାଓ, ସତ୍‌ସଙ୍ଗ ପ୍ରମୁଖ ସୁଶାନ୍ତ ପ୍ରଧାନ, ସମ୍ପାଦକ କୁନା ରମେଶ, ସହ ସମ୍ପାଦକ ଗୋପୀ ନାଥ ବ୍ରହ୍ମା, ପ୍ରାନ୍ତ ଉପ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ଦୁର୍ଗା ବାହିନୀ ଜିଲା ସଂଯୋଜିକା ଆଶା ଭନିସିକା, ଅବଦୁଲ କଲାମ ଫାଉଣ୍ଡେଶନ ପ୍ରତିଷ୍ଠାତା ବୋଗିଲି ରାଜେଶ, କିରଣ କଣ୍ଡାଗିରି, ରାଜେନ୍ଦ୍ର ବେହେରା, ବିଶ୍ୱଭୂଷଣ ପଟ୍ଟନାୟକଙ୍କ ସହ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।


ରାୟଗଡାରେ ପୂଜା ପାଉଥିବା ମା'କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ପାଇଁ ନିଆଯାଉଛି।
(ଫଟୋ- ଆଶିଷ ରଞ୍ଜନ ପଣ୍ଡା)

# ଗାୟତ୍ରୀ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ

ଗୁଣପୁର,୩୧।୧୦
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ରେଗାଡ଼ାସ୍ଥିତ ଗାୟତ୍ରୀ ବୈଷୟିକ ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ସାଧାରଣ ସଭା ଓ ରାଷ୍ଟ୍ରୀୟ ଏକତା ପାଇଁ ଫାର୍ମାସୀ, ନର୍ସିଂ, ଡିଏମ୍‌ଆଲ୍‌ଟି , ଏମ୍‌ସିଏ, ବିସିଏ, ଏମ୍‌ବିଏ ଛାତ୍ରୀଛାତ୍ର ସଂକଳ୍ପ ନେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ମନୋରଞ୍ଜନ ପାଣିଗ୍ରାହୀ, ପ୍ରିନ୍ସିପାଲ ଡ. କାହ୍ନୁ ଚରଣ, ପ୍ରଫେସର ମାନସ ସାମଲ, ପ୍ରଫେସର ସମର୍ଜିତ କର ଛାତ୍ରୀଛାତ୍ରଙ୍କୁ ନିଜ ନିଜ ବିଭାଗରେ ରାଷ୍ଟ୍ରୀୟ ଏକତା ସମ୍ପର୍କିତ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ କୋଟେଶ୍ୱର ରାଓ ଏବଂ ଛାତ୍ର ମଙ୍ଗଳ ଅଧିକାରୀ ରାଜୀବ ପଣ୍ଡା ସଞ୍ଚାଳନ କରିଥିବାବେଳେ ଅନୁଷ୍ଠାନର ଅଧ୍ୟକ୍ଷ ଅକ୍ଷୟ ଦାଶ ଓ ସମ୍ପାଦକ ସଞ୍ଜୟ ସାହୁ ଶୁଭେଚ୍ଛା ଜଣାଇଥିଲେ ।



କଲେଜ କର୍ତ୍ତୃପକ୍ଷ, ଛାତ୍ରୀଛାତ୍ର ଶପଥପାଠ କରୁଛନ୍ତି।

# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼

ମୁନିଗୁଡ଼ା/ ଗୁଡ଼ାରି,୩୧।୧୦ (ନନ୍ଦ କିଶୋର ପଟ୍ଟନାୟକ/ ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ପୋଲିସ ପ୍ରଶାସନ ତରଫରୁ ବିଭିନ୍ନ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମରେ ଶେଷରେ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଏକ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ସର୍ବଶ୍ରେଷ୍ଠ ୧୧ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ।

ସେହିପରି ଗୁଡ଼ାରି ପୋଲିସ ପକ୍ଷରୁ



ମୁନିଗୁଡା ପୋଲିସ ପ୍ରଶାସନ ତରଫରୁ ବାହାରିଥିବା ମାରାଥନ ।

ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କ ନେତୃତ୍ୱ ଓ ଏସ୍‌ଆଇ ବିକାଶ ଦେବନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ଗଣଦୌଡ଼ରେ ଅତିଥିଭାବେ ମୁନିଗୁଡା ତହସିଲଦାରସ୍ମ.ଅନୁରାଧା,ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗଣଦୌଡ଼ ପୋଲିସ ଷ୍ଟେଶନ ପରିସରରୁ ଆରମ୍ଭ ହୋଇ ହୁକୁମତୋଳା ଶିବମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଗଣଦୌଡ଼ରେ ମୁନିଗୁଡ଼ାର ଯୁବଗୋଷ୍ଠୀ, ସାମାଜିକ କାର୍ଯ୍ୟକର୍ତ୍ତା, ବ୍ୟବସାୟୀ, ଗଣମାଧ୍ୟମ ପ୍ରତିନିଧି, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯୁବକ ସଂଘର ସଦସ୍ୟ ଓ ପୋଲିସ କର୍ମଚାରୀ ଭାଗ ନେଇଥିଲେ। ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଥାନା ପରିସରରୁ ଗଣଦୌଡ଼ ବାହାରି ସ୍ଥାନୀୟ ଡିଗ୍ରୀ କଲେଜ ଛକ ଅତିକ୍ରମ କରିବା ପରେ ସିରିଗୁଡ଼ା ଛକ ଦେଇ ପୁନର୍ବାର ଥାନା ପରିସରକୁ ଆସିଥିଲା। ଗଣଦୌଡ଼ରେ ଥାନାର ସମସ୍ତ ପୋଲିସ ଅଧିକାରୀ, କର୍ମଚାରୀ, ହୋମ୍‌ଗାର୍ଡ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ, ସ୍ଥାନୀୟ ପ୍ରେସ ୟୁନିୟନ ସଦସ୍ୟ, ବୁଦ୍ଧିଜୀବୀ, ସରକାରୀ କର୍ମଚାରୀ ଓ ସହର ବାସିନ୍ଦା ଭାଗ ନେଇଥିଲେ। ପରେ ଥାନା ଅଧିକାରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିବା ସହ ଭାରତ ପ୍ରତି ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ।


ଗୁଡ଼ାରିରେ ବାହାରିଥିବା ଗଣଦୌଡ଼।

# ଗାନ୍ଧୀନଗରରେ ଅଷ୍ଟପ୍ରହରୀ ନାମଯଜ୍ଞ

ଗୁଡାରି, ୩୧।୧୦ (ପ୍ରମୋଦ କୁମାର ପତି )

ଅଁଳା ନବମୀ ଉପଲକ୍ଷେ ଗୁଡାରି ସହରର ଗାନ୍ଧୀନଗରର ୨ଟି ସ୍ଥାନରେ ଶୁକ୍ରବାର ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ରାଧେଶ୍ୟାମ ସଙ୍କୀର୍ତ୍ତନ ମଣ୍ଡଳୀ ଏବଂ ଶ୍ରୀ ନିତାଇ ଗୌରୀ ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ପୃଥକ ସ୍ଥାନରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ହୋଇଥିଲା। ଶନିବାର ନଗର ସଂକୀର୍ତ୍ତନ ହେବା ସହ ଅପରାହ୍ନରେ ଦଧିହାଣ୍ଡି ଭଙ୍ଗାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। କାର୍ତ୍ତିକ ମାସ ହୋଇଥିବାରୁ ଉଭୟ ସ୍ଥାନରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ଅଁଳା ନବମୀରେ ମନ୍ଦିରରେ ଭିଡ଼, ଭକ୍ତିମୟ ପରିବେଶ


ସଂକୀର୍ତ୍ତନ ଦଳ ସାହି ପରିକ୍ରମା କରୁଛି।

ଗୁଣପୁର,୩୧।୧୦( ପ୍ରଦୀପ କୁମାର ପାଢ଼ୀ)

କାର୍ତ୍ତିକ ମାସ ଅଁଳା ନବମୀ ଅବସରରେ ରାୟଗଡ଼ା ଜିଲା ଗୁଣପୁର ସହରର ବିଭିନ୍ନ ମନ୍ଦିରରେ ନାମଯଜ୍ଞ ସହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତମାନେ ରାଧାକୃଷ୍ଣ ମନ୍ଦିରକୁ ଯାଇ ରାଧାପାଦ ଦର୍ଶନକରିଥିଲେ। ସବୁଆଡ଼େ ଭକ୍ତିମୟ ପରିବେଶ ହୋଇଥିଲା। ଚଳିତ ବର୍ଷ ଜଗନ୍ନାଥ ମନ୍ଦିରରେ ଶୁକ୍ରବାରଠାରୁ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଉପଖଣ୍ଡର ବିଭିନ୍ନ ସ୍ଥାନରୁ ସଂକୀର୍ତ୍ତନ ମଣ୍ଡଳୀ ଆସି ଏଥିରେ ଭାଗ ନେଉଛନ୍ତି। ଗୁରୁବାର ରାତ୍ରରୁ ଅନ୍ନଯଜ୍ଞ ଆରମ୍ଭ ହୋଇଛି। ମନ୍ଦିର କମିଟି କାର୍ଯ୍ୟକାରୀ ସଭାପତି ଡ. ସୂର୍ଯ୍ୟନାରାୟଣ ପଣ୍ଡା, ତ୍ରିପତି ମହାନ୍ତି, ଫକିର ନାୟକ, ଗଜା ପାଳ, ଜିତେନ୍ଦ୍ର ନାୟକ, ସନ୍ତୋଷ ପଣ୍ଡା, ଉମା ଦାସ, ମିଲି ପାଢ଼ୀ, ତାଗୁଡ୍ଡୁ ଭେଙ୍କଟରାଓ, ରବି ପଣ୍ଡା, ବାପି ପଣ୍ଡା, କୁଜା ଶବର, ଟୁଟୁ କାର୍ଜି, ଲିଟ୍ଟୁ, କୁନା ଶବର, ଅର୍ଜୁନ ଶବର, ଜଗନ୍ନାଥ ଶବର ପ୍ରମୁଖ ଆଧ୍ୟାତ୍ମିକ କାର୍ଯ୍ୟରେ ସେବା କରୁଥିବା ଦେଖିବାକୁ ମିଳିଛି।

ସେହିପରି ସେଫାଳି ପାହାଡ଼ସ୍ଥିତ ରାମେଶ୍ୱର ମନ୍ଦିରଠାରେ ଚଳିତ ବର୍ଷ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି । ଭୋରରୁ ଅଷ୍ଟପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନରେ ସହରସାରା କୃଷ୍ଣ ନାମ ପ୍ରକମ୍ପିତ ହୋଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ରାମେଶ୍ୱର ମନ୍ଦିର ପୂଜା କମିଟିର ସଭାପତି ନୁନୁ ପାଢ଼ୀ, ସମ୍ପାଦକ କମଳାକାନ୍ତ ଖୁଣ୍ଟିଆ , ପ୍ରେମାଂଶୁ ରଥ, ଅଜିତ ପଣ୍ଡା, ଜଗଦୀଶ ପାତ୍ର, ମୁନା ପାଢ଼ୀ, ରାଧାକୃଷ୍ଣ ପଣ୍ଡା, କୈଳାସ ପାଣିଗ୍ରାହୀ, ଡମ୍ବରୁ ନାୟକ, ଦଣ୍ଡପାଣି ସାହୁ, ଅନନ୍ତ ପଣ୍ଡା, ଗୋପୀନାଥ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଓଡ଼ିଆଣୀ ବେଶରେ ରାଧାରାଣୀଙ୍କ ଦର୍ଶନ

ପଦ୍ମପୁର/ ଟିକିରି,୩୧।୧୦ (ପ୍ରଶାନ୍ତ କୁମାର କର/ ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା ପଦ୍ମପୁରର ଗିରିଧାରୀ, ଗୋପୀନାଥ, ବୃନ୍ଦାବନ ଚନ୍ଦ୍ର ଓ ଶ୍ରୀ ଯୁଗଳକିଶୋର ମହାପ୍ରଭୁଙ୍କ ମଠରେ ଶୁକ୍ରବାର ଅଁଳା ନବମୀ ଉପଲକ୍ଷେ ଓଡ଼ିଆଣୀ ବେଶରେ ଦର୍ଶନ ଦେଇଛନ୍ତି ମା' ରାଧାରାଣୀ। ମା' ରାଧାଙ୍କ ପାଦ ଦର୍ଶନ ନିମନ୍ତେ ସକାଳୁ ଭକ୍ତଙ୍କ ଭିଡ଼ ଜମିଥିଲା। ସେହିପରି ଅଁଳା ନବମୀ ଉପଲକ୍ଷେ ମହିଳାମାନେ ଅଁଳାଗଛ ମୂଳରେ ମୁରୁଜ ପକାଇ ଚୁଡ଼ି, ଲୁଗା ଓ ସିନ୍ଦୂର ଲଗାଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ପଦ୍ମପୁର ଭାଗବତ ଟୁଙ୍ଗି ପରିସରରେ ରାଧାପାଦ ଦର୍ଶନ ସହ ଗୀତା ଯଜ୍ଞ ହୋଇଥିଲା। ସବୁ ମଠ ମନ୍ଦିରରେ ସନ୍ଧ୍ୟା ଆରତି ଦର୍ଶନ ପାଇଁ ଲୋକଙ୍କ ଭିଡ଼ ଜମିଥିଲା।

ସେହିପରି କାଶୀପୁର ଓ ଟିକିରି ଜଗନ୍ନାଥ ମନ୍ଦିରରେ ଅଁଳା ନବମୀ ଅବସରରେ ରାଧାପାଦ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା । ମନ୍ଦିରରେ ଭୋରରୁ ସମସ୍ତ ନୀତିକାନ୍ତି ଶେଷ ପରେ ଭକ୍ତମାନେ ରାଧାପାଦ ଦର୍ଶନ କରିଥିଲେ। ମହିଳାମାନେ ପ୍ରାତଃକାଳରୁ ଉଠି ଅଁଳା ବୃକ୍ଷମୂଳେ ଧୂପ, ଦୀପ,ଫୁଲ ଦେଇ ପୂଜା କରିଥିଲେ। ପୂଜା ସାରି ଭକ୍ତମାନେ ଜଗନ୍ନାଥ ମନ୍ଦିର ପରିସରରେ ମା' ରାଧାରାଣୀଙ୍କ ପାଦ ଦର୍ଶନ କରିଥିଲେ।


କାଶୀପୁରରେ ରାଧାକୃଷ୍ଣଙ୍କୁ ସଜ୍ଜିତ କରାଯାଇଛି ।


ପଦ୍ମପୁରରେ ମହିଳାମାନେ ଅଁଳା ବୃକ୍ଷ ପୂଜା କରୁଛନ୍ତି।

# ଭାଇଚାରାର ବାର୍ତ୍ତା ଦେଲା ଏକତା ଦୌଡ଼

**ନବରଙ୍ଗପୁର,୩୧।୧୦(ସଦାଶିବ ପ୍ରହରାଜ)**

ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମତିଥି ଓ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ଏକତା ଦୌଡ଼ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର, ଯୁବକ ସଂଘ, ବୁଦ୍ଧିଜୀବୀ, ପ୍ରଶାସନିକ ଅଧିକାରୀ ପ୍ରମୁଖ ଭାଗ ନେଇଥିଲେ। ସମସ୍ତ ଧର୍ମର ଏକତାକୁ ନେଇ ଆମ ଦେଶ ପ୍ରଗତି ପଥରେ ଆଗେଇଚାଲିଛି ବୋଲି ମତ ପ୍ରକାଶ ପାଇଥିଲା। ଭାଇଚାରା ଏବଂ ଏକତାର ବାର୍ତ୍ତା ଦିଆଯାଇଥିଲା। ଦେଶର ଏକତା ଓ ଅଖଣ୍ଡତାକୁ ନେଇ ଶପଥ ପାଠ କରାଯାଇଛି।

ଜିଲାସ୍ତରୀୟ ଏକତା ଦୌଡ଼ କାର୍ଯ୍ୟକ୍ରମ ସଦାଶିବ ତ୍ରିପାଠୀ ପାର୍କଠାରୁ ଆରମ୍ଭହୋଇ ପୋଲିସ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା।



ଜିଲାପାଳ ଓ ଏସ୍‌ପି ଏକତା ଦୌଡ଼ର ଶୁଭାରମ୍ଭ କରୁଛନ୍ତି।

ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଏକତା ଦୌଡ଼ର ଶୁଭାରମ୍ଭ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ୍, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଉପ ଅଧୀକ୍ଷକ କୃଷ୍ଣଚନ୍ଦ୍ର ଭତରା, ନବରଙ୍ଗପୁର ଥାନାଧିକାରୀ ସମ୍ବିତ ବେହେରା, ଡିଆଇପିଆର୍‌ଓ ମନୋଜ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ସୁଶାନ୍ତ ନାୟକ, ସମୀର ପାତ୍ର, ଅତିରିକ୍ତ ମଙ୍ଗଳ ଅଧିକାରୀ ଭରତ ସାହୁ ଏବଂ ଜିଲା କ୍ରୀଡ଼ା ସଂଘର ସହ ସମ୍ପାଦକ ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଦୌଡ଼ ଶେଷରେ ପୋଲିସ ପଡ଼ିଆରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ସବୁ ଧର୍ମର ଗୁରୁମାନେ

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ

ଅତିଥିଭାବେ ଯୋଗଦେଇଥିଲେ। ରାଜ ପୁରୋହିତ ନରସିଂହ ତ୍ରିପାଠୀ, ନବରଙ୍ଗପୁର ଜାମା ମସ୍‌ଜିଦର ମହମ୍ମଦ ରାଜା, ରେଭ୍ ବାବଲିନ ବିଷୋୟୀ ପ୍ରମୁଖ ଭାଇଚାରା ଏବଂ ଏକତାର ସନ୍ଦେଶ ଦେଇଥିଲେ। ବୁଦ୍ଧିଜୀବୀ କୁଞ୍ଜବିହାରୀ ଦାସ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମନୋଜ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ସହକାରୀ ଜିଲାପାଳ ଆଶୁତୋଷ ପାତ୍ର, ବିନାୟକ ଖାଡ଼ଙ୍ଗା, ଶିବଶଙ୍କର ପାଢ଼ୀ, ସମୀର ପତ୍ର, ଅବକାରୀ ନିରୀକ୍ଷକ ଦିଲ୍ଲୀପ ରଥ, ନିରଞ୍ଜନ ନାୟକ ସମେତ ପୋଲିସ ପ୍ରଶାସନର କର୍ମକର୍ତ୍ତା ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼



ପାପାଡ଼ାହାଣ୍ଡିରେ ଆୟୋଜିତ ଗଣଦୌଡ଼।

**ନବରଙ୍ଗପୁର/ଡାବୁଗାଁ/ ପାପଡ଼ାହାଣ୍ଡି/ କୋଡ଼ିଙ୍ଗା/ ତେନ୍ତୁଲିଖୁଣ୍ଟି /ଝରିଗାଁ, ୩୧।୧୦ (ସଦାଶିବ ପ୍ରହରାଜ/ପ୍ରଜ୍ଞାରଞ୍ଜନ ପରିଡ଼ା/ ସ୍ୱପ୍ନଜିତ ପଟ୍ଟନାୟକ/ ସମରେନ୍ଦ୍ର ପଟ୍ଟନାୟକ/ଚିଦାନନ୍ଦ ସାହୁ/ କିଶୋର ମଣ୍ଡଳ)**

ନବରଙ୍ଗପୁରସ୍ଥିତ ୧୨ତମ ବଟାଲିଅନ୍ ସିଆର୍‌ପିଏଫ୍ ପକ୍ଷରୁ ଗଣ ଦୌଡ଼ କରାଯାଇଛି। କମାଣ୍ଡାଣ୍ଟ ଏନ୍.କେ.କେ. ପ୍ରସାଦ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମସ୍ତ ୧୨ ବି.ଏନ୍. ସି.ଆର୍.ପି.ଏଫ୍ ଯବାନମାନେ ଏକତାର ଶପଥ ଗ୍ରହଣ କରିଥିଲେ। ସିଆର୍‌ପିଏଫ୍ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୃଷ୍ଟିକୋଣକୁ ଅନୁସରଣ କରି ଭାରତର ସୁରକ୍ଷା, ଏକତା ଓ ଅଖଣ୍ଡତା ରକ୍ଷାରେ ପ୍ରତିବଦ୍ଧ ରହିବ ବୋଲି କମାଣ୍ଡାଣ୍ଟ ମତ ଦେଇଥିଲେ। ଏହି ଅବସରରେ ଡେପୁଟି କମାଣ୍ଡାଣ୍ଟ ରାଜେଶ କୁମାର ସୋଲଙ୍କି, ରାଜୀଭ କୁମାର, ଅବ୍ଦୁଲ ଖାଦର, ମହେଶ କୁମାର ଝାକର, ପ୍ରମୋଦ କୁମାର ସୋନୋୱାଲ, ରାମ କୈଲାଶ ଯାଦବ ଓ ସମସ୍ତ ଯବାନ ଉପସ୍ଥିତ ଥିଲେ।

ଡାବୁଗାଁ ଥାନାରୁ ଶୁକ୍ରବାର ସକାଳ ୭ଟାରେ ଏହି ଏକତା ଦୌଡ଼ କରାଯାଇ କନ୍ୟାଶ୍ରମ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପୋଲିସ ପକ୍ଷରୁ ଦୌଡ଼ରେ ସାମିଲ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଛି। ଏଥିରେ ଏସ୍‌ଆଇ ବିକ୍ରମ କିଶୋର ସାହୁ ଓ ଚନ୍ଦନ ସାହୁ, ଏଏସ୍‌ଆଇ ଗୋପାଳ କୃଷ୍ଣ ହାଲୱା ଓ ଚନ୍ଦ୍ରଶେଖର ହଜାରୀ, ହାବିଲଦାର ଶିବଶଙ୍କର ଭଞ୍ଜଙ୍କ ସହ କନେଷ୍ଟବଳ ଏବଂ ଓଏପିଏଫ୍, ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ, ସରକାରୀ ନୂତନ ଉଚ୍ଚ ବିଦ୍ୟାଳୟ ଛାତ୍ର, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନୌଜ କୁମାର ମହାପାତ୍ର, କ୍ରୀଡା ଶିକ୍ଷକ ହେମନ୍ତ ସାମଲ, ଶିକ୍ଷକ ଶେଖରଚନ୍ଦ୍ର ସାହୁ ଓ ନନ୍ଦୀ କିଶୋର ଭୋଇ ପ୍ରମୁଖଙ୍କ ସହ ବୁଦ୍ଧିଜୀବୀ ସାମିଲ ଥିଲେ।

ପାପଡ଼ାହାଣ୍ଡି ବସ୍‌ଷ୍ଟାଣ୍ଡ ଛକରୁ ଏହି ଦୌଡ଼ର ଶୁଭାରମ୍ଭ କରାଯାଇଥିଲା। ସେଠାରୁ ନୀଳକଣ୍ଠେଶ୍ୱର ମନ୍ଦିର ଯାଇ ପୁଣି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଦୌଡ଼ ଆୟୋଜନ କରାଯାଇଥିଲା। ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକରଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା,ଏସ୍‌ଆଇ ସନ୍ତୋଷ ମାଝୀଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ, ଅବକାରୀ ଅଧିକାରୀ ସମୀର ସ୍ୱାଇଁ, ଅଗ୍ନିଶମ ଅଧିକାରୀ ଦୂରାଦକ୍ଷ ବାଘ ଓ ଜନ ସାଧାରଣ ଯୋଗ ଦେଇଥିଲେ।

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗାରେ ଏକତା ଦିବସ ଉପଲକ୍ଷେ କୋଡିଙ୍ଗା ଥାନାଧିକାରୀ ଯୁଗୋଳ ଶବରଙ୍କ ପୌରହିତରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ କରାଯାଇଛି। କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ସ୍ଥାନୀୟ ପୋଲିସ ବିଭାଗୀୟ ଅଧିକାରୀ ସମେତ ବଣିକ ସଂଘ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ, ଆଇନଜୀବୀ ପ୍ରସନ୍ନ ନାଏକ ବାବୁଲି ବାଘ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି କୋଷାଗୁମୁଡ଼ାଠାରେ ମଧ୍ୟ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ତେନ୍ତୁଳିଖୁଣ୍ଟି ଓ ଇନ୍ଦ୍ରାବତୀ ପୋଲିସ ପକ୍ଷରୁ ଆଇଆଇସି ପ୍ରଣବ ଟୁଡୁଙ୍କ ନେତୃତ୍ୱରେ ଇନ୍ଦ୍ରାବତୀ ଛକ କୁର୍ମାକୋଟ ଠାରୁ ଉଦୟପୁର ପର୍ଯ୍ୟନ୍ତ ଏକ ଗଣଦୌଡ଼ କରାଯାଇଛି। ପୋଲିସ କର୍ମଚାରୀ ଓ ପିଏମ ଶ୍ରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ଯୁକ୍ତ ୨ ଛାତ୍ରୀ ଛାତ୍ର ଏହି ଏକତା ଦୌଡ଼ରେ ସାମିଲ ହୋଇଥିଲେ। ଏଥିରେ ଏସ୍‌ଆଇ ମହେନ୍ଦ୍ର କୀର୍ଷାନୀ, ଏଏସ୍‌ଆଇ ଭରତ ମାଝୀ, କନଷ୍ଟେବଳ ବିଦ୍ୟା ମାଳି, ଟୁନା ବାବୁ, ହୋମଗାର୍ଡ, ସମସ୍ତ କର୍ମଚାରୀ ଶିକ୍ଷକ ପଦୁ ସିଂ ହିଆଲ, ଲୋମ୍ବୁ, ଗୋପାଳ ଓ ପିଙ୍କୁ ସମସ୍ତେ ଏକତାର ବାର୍ତ୍ତା ପ୍ରଦାନ କରିଥିଲେ।

ଝରିଗାଁ ପୋଲିସ୍ ପକ୍ଷରୁ ଝରିଗାଁ ଥାନାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ପୋଲିସ କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରେ ଥାନାଧିକାରୀ ପ୍ରଦୀପ କୁମାର ଶବରଙ୍କ ସଭାପତିତ୍ୱରେ ଏକ ବୈଠକ କରାଯାଇଥିଲା। ବ୍ଲକର କେଡେଜଣଙ୍କୁ ବରିଷ୍ଠ ନାଗରିକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୭ ଜଣ ବରିଷ୍ଠ ନାଗରିକଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ମହେଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ୨ ଶିକ୍ଷକଙ୍କ ବଦଳି

**ଝରିଗାଁ, ୩୧।୧୦(କିଶୋର ମଣ୍ଡଳ)**

ଝରିଗାଁ ବ୍ଲକ ଫୁପୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଦିବାସୀ ଛାତ୍ରୀଛାତ୍ର ଓ ତାଙ୍କ ପରିବାର ଆର୍ଥିକ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଥିଲା। ଖବର ପ୍ରକାଶ ପରେ ଏଡିଇଓ ପ୍ରକାଶ ଚନ୍ଦ୍ର ମହାଲିକ ଏବଂ ଝରିଗାଁ ବିଇଓ ରଶ୍ମିତା ନେତମ ଫୁପୁଗାଁ ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରି ଡିଇଓଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଜିଲାପାଳଙ୍କ ଆଦେଶ କ୍ରମେ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ ମାଝୀଙ୍କୁ ରାଇଘର ବ୍ଲକର ଫୁଟାନାଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଫୁପୁଗାଁ

## ନାମଲେଖା ବାବଦକୁ ଅଧିକ ଟଙ୍କା ନିଆଯାଉଥିବା ଅଭିଯୋଗ ଘଟଣା

ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୋଗେନ୍ଦ୍ର ସୋରିଙ୍କୁ ରାଇଘର ବ୍ଲକ ଡୁରୁଡିହ ହାଇସ୍କୁଲକୁ ବଦଳି କରାଯାଇଛି। ବିଜୟ ମାଝୀଙ୍କ ବଦଳି ପରେ ତାଙ୍କରି ସ୍ଥାନରେ ରାଇଘର ବ୍ଲକ ବୁଟାଗୁଡ଼ା ଉଚ୍ଚ ବିଦ୍ୟାଳୟର ଅଭିରାମ ଲେଙ୍କାଙ୍କୁ ଫୁପୁଗାଁକୁ ସ୍ଥାନାନ୍ତର କରାଯାଇଛି। ବାଣ୍ଡଆଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅରୁଣ ମଣ୍ଡଳଙ୍କୁ ମଧ୍ୟ ଫୁପୁଗାଁକୁ ବଦଳି କରାଯାଇଛି।

# ଚତୁର୍ଦ୍ଧାମୂରତିଙ୍କୁ ଲାଗିହେଲା ୫୬ ଭୋଗ



ଠାକୁରଙ୍କ ପାଖରେ ବଢ଼ାଯାଇଥିବା ଛପନ ଭୋଗ।

**ଉମରକୋଟ, ୩୧।୧୦(ସନ୍ତୋଷ ଶତପଥୀ)**

ଅଁଳା ନବମୀ ଅବସରରେ ଉମରକୋଟ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ଛପନ ଭୋଗ ଲାଗି କରାଯାଇଛି। କାର୍ତ୍ତିକ ଏକ ଧର୍ମ ମାସ। ଜଗନ୍ନାଥ ମିଷ୍ଟାନ୍ନ ପ୍ରିୟ ହୋଇଥିବାରୁ ତାଙ୍କୁ ଛପନ ପ୍ରକାର ମିଠା ପ୍ରସ୍ତୁତ କରି ଭୋଗ ଦେବାର ପରମ୍ପରା ରହିଛି ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ତେଣୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଛପନ ପ୍ରକାର ଭୋଗ ପୂଜା କରାଯାଇଛି। ସେଥି ମଧ୍ୟରୁ ଛେନା ପୋଡ଼,ରସଗୋଲା, ଚମଚମ, ରସ ମଲେଇ, ଜିଲାପି ଏହିପରି ଛପନ ପ୍ରକାର ମିଠା ପ୍ରସ୍ତୁତ କରାଯାଇ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ ନିକଟରେ ପୂଜା କରାଯାଇଛି। ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ଭିଡ ଲାଗିଥିଲା। ରାଜପୁରୋହିତ ଗୌରହରି ମିଶ୍ର, ଲାଲୁ ମିଶ୍ର, ଲୋକନାଥ ମିଶ୍ର, କୃଷ୍ଣଚନ୍ଦ୍ର ଦାସଙ୍କ ସହାୟତାରେ ସନ୍ଧ୍ୟା ଆଳତି, ପୂଜା ପରେ ଆକାଶ ଦୀପ ଚଢ଼ା ଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

# ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

**ନବରଙ୍ଗପୁର,୩୧।୧୦(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା କଂଗ୍ରେସ କମିଟିତରଫର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ ୪୧ତମ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଛି। ଜିଲା କଂଗ୍ରେସ ସଭାନେତ୍ରୀ ଡକ୍ଟର ଲିପିକା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡ଼ାମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇନ୍ଦିରା ଗାନ୍ଧୀ ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀ ସମ୍ପ୍ରଦାୟକୁ ଅତି ଭଲ ପାଉଥିଲେ। ଅବିଭକ୍ତ କୋରାପୁଟ ଜିଲାର ଉମରକୋଟରେ ତାଙ୍କ ଶେଷ ସମ୍ବୋଧନ ଥିଲା। ଏଣୁ ଇନ୍ଦିରା ଗାନ୍ଧୀ ଙ୍କୁ ଅବିଭକ୍ତ କୋରାପୁଟ ଜିଲାରେ ମାଁ ବୋଲି ଗ୍ରହଣ କରାଯାଏ ବୋଲି ସେ ମତ ରଖିଥିଲେ। ପୂର୍ବତନ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ବିଧାୟକ ସଦନ ନାୟକ ଯୋଗଦେଇ ଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ନାରୀ ନେତ୍ରୀ ପି. ନାଗା ରତ୍ନମ, ଦିଲୀପ ବେହେରା, ଜି. ସାଇ ରାଜୁ, ବୃନ୍ଦାବନ ତ୍ରିପାଠୀ, ତୋଫାନ ଷଡ଼ଙ୍ଗୀ, ସଞ୍ଜୀବ ବିଷୋୟୀ, ଶିବରାମ ରାଜୁ, ତମ୍ଭୁ ଦାସ ପନକା, କୃଷ୍ଣ ମାଝୀ, ପ୍ରହ୍ଲାଦ ହିଆଲ, ଉଷ୍ମା ବାନୋ, ପବିତ୍ର ଗରଡ଼ା, ଶଙ୍କର ସେଠୀ, ବାବୁଲି ବାଘ, ଆକବର ବାବ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ପିସିସି ସମ୍ପାଦକ କ୍ଷେମରାଜ୍ ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାପଡ଼ାହାଣ୍ଡି ବ୍ଲକ୍ ସଭାପତି ଯାକିର ହୁସେନ ଧନ୍ୟବାଦ୍ ଅର୍ପଣ କରିଥିଲେ।



ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀ।

# ସାଇବର ସୁରକ୍ଷା ପାଇଁ ସଚେତନତା ଜରୁରୀ

**କାଲିମେଲା, ୩୧।୧୦(ଜୀବନ କୃଷ୍ଣ ଦାସ )**

ମାଲକାନଗିରି ଜିଲା କାଲିମେଲା ଥାନା ପୋଲିସ ପକ୍ଷରୁ କାଙ୍ଗୁରୁକୋଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟରଠାରେ ସାଇବର ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କାଲିମେଲା ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସଆଇ ବିଜୟ କୁମାର ମାଝୀ, ଏଏସ୍‌ଆଇ ପଦ୍ମସିନି ବେହେରା, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ମହନ୍ତ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ବର୍ତ୍ତମାନର ସାଇବର ଠକେଇରେ ଲୋକେ ଡିଜିଟାଲ ଆରେଷ୍ଟ, ନିବେଶ ଓ ଟ୍ରେଡିଂ ଠକେଇ, ପାର୍ସଲ, କଷ୍ଟମ ଠକେଇ, ନକଲି ଋଣ/ତତ୍କାଳ କ୍ରେଡିଟ ଆପ, ନକଲି ପରିଚୟ ଓ ଓଟିପି, ଚାକିରି ଓ ଘରୁ କାମ କରିବାର ଠକେଇ, ଇ କମର୍ସ ରିଫଣ୍ଡ/ଅଫର ଆଦି ଠକେଇର ଶିକାର ହେଉଥିବା ଅଭିଯୋଗ ହେଉଛି। ଏଥିପାଇଁ ସାଧାରଣ ଲୋକଙ୍କ ସହ ଛାତ୍ରୀଛାତ୍ର କିପରି ସାଇବର ଠକେଇର ଶିକାର ନ ହେବେ ସେଥିପାଇଁ ବିଭିନ୍ନ ପ୍ରକାରର ପ୍ରତିକାର ବ୍ୟବସ୍ଥା ଗ୍ରହଣ ସମ୍ପର୍କରେ ଅବଗତ କରାଇଥିଲେ । ଏଥିପାଇଁ ନିଜେ ସଚେତନ ହେବା ସହ ନିଜ ପାଖ ପଡ଼ୋଶୀଙ୍କୁ ମଧ୍ୟ ସଚେତନ କରାଇବା ଏବଂ ସାଇବର କ୍ରାଇମ ଟୋଲ ଫ୍ରି ନଂ ୧୯୩୦ର ଉପଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ ।

# ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ତେନ୍ତୁଲିଖୁଣ୍ଟି, ୩୧।୧୦(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଖାତିଗୁଡ଼ା ଥାନା ଉଷୁରିପଦର ଗ୍ରାମର ଡମ୍ବୁ ପୂଜାରି (୨୯) ଇନ୍ଦ୍ରାବତୀ ନଦୀ ଉଷୁରିପଦର ଡ଼ଙ୍ଗାଘାଟରେ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ଅଗ୍ନିଶମବାହିନୀ ମୃତଦେହ ଉଦ୍ଧାର କରିଥିଲେ। ଖାତିଗୁଡା ପୋଲିସ ୫/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟାସଦେବ ଜାନି ଅଧିକ ତଦନ୍ତ କରୁଛନ୍ତି।

# ପରିବେଷଣ ହେବ ନୂତନ ମଣ୍ଡେଇ ସଙ୍ଗୀତ, ୫ଦିନ ଅହୋରାତ୍ର ନାଟକ

**ନବରଙ୍ଗପୁର,୩୧।୧୦ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ମଣ୍ଡେଇ ମହୋତ୍ସବ ୨୦୨୫ ସାଂସ୍କୃତିକ ଦଳ ଚୟନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୧୨ ରୁ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମଣ୍ଡେଇର ମୁଖ୍ୟ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଆଲୋଚନା କରାଯାଇଥିଲା। କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଏହି ବୈଠକ କରାଯାଇଥିଲା। ନୂତନଭାବେ ପ୍ରସ୍ତୁତକରି ମଣ୍ଡେଇ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯିବାକୁ ନିଷ୍ପତ୍ତି ହୋଇଛି।

ମଣ୍ଡେଇ ମହୋତ୍ସବର ୩ ଦିନ ଜିଲା ଓ ଜିଲା ବାହାରରୁ ଆମନ୍ତ୍ରିତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ

## ମଣ୍ଡେଇ ସାଂସ୍କୃତିକ ଦଳ ଚୟନ କମିଟି ବୈଠକ

କରାଯିବ। ବ୍ଲକ୍‌ରୁ ଶ୍ରେଷ୍ଠ ଦଳ ବାଛି ସାଂସ୍କୃତିକ ଦଳ ଚୟନ କମିଟି ନିକଟକୁ ପଠାଇବାକୁ କୁହାଯାଇଛି। ଏହି ମହୋତ୍ସବର ମୁଖ୍ୟ ୩ ଦିନରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଓ ପୁରୀ ଜିଲାର ଲୋକନୃତ୍ୟ ଏବଂ ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, କର୍ନାଟକ, ଆସାମ ଓ କେରଳ ପ୍ରମୁଖ ରାଜ୍ୟର ପାରମ୍ପରିକ ନୃତ୍ୟଦଳ ଭାଗନେବେ। ମଣ୍ଡେଇ ମହୋତ୍ସବରେ ଅହୋରାତ୍ର ନାଟକ ୫ ଦିନ ପରିବେଷଣ ପାଇଁ ସମସ୍ତ ଦାୟିତ୍ୱ ଜିଲା କଳା ସଂସ୍କୃତି ସଂଘ ଉପ ସଭାପତି କାର୍ତ୍ତିକ ଭତ୍ରାଙ୍କୁ ଦିଆଯାଇଛି। ଉକ୍ତ ବୈଠକକୁ ଆବାହକ ତଥା ଜିଲା ସଂସ୍କୃତି ଅଧିକାରୀ ଘାସିରାମ ହରିଜନ ପରିଚାଳନା କରିଥିଲେ। ସାଂସ୍କୃତିକ ଦଳ ଚୟନ କମିଟିର ଅନ୍ୟ ସଦସ୍ୟ ଭାବେ ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ଜିଲା ଜରୁରିକାଳୀନ ବିଭାଗ ପ୍ରୋଗ୍ରାମ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଅନ୍ୟ ବରିଷ୍ଠ ଅଭିନେତା, ନୃତ୍ୟଗୁରୁ, ସଙ୍ଗୀତ ଗୁରୁ ମନୋଜ ପଟ୍ଟନାୟକ, ଦୁର୍ଗା ପାଢ଼ୀ, ସୁରେଶ ମିଶ୍ର, ଶମ୍ଭୁ ହୋତା, ଦିଲ୍ଲୀପ ହୋତା, ଦେବଦାସ ମହାକୁଡ଼, ରାଜେନ୍ଦ୍ର ନାଥ ଦୁଲାରି, ଅଶୋକ ମହନ୍ତ, କାର୍ତ୍ତିକ ଭତ୍ରା, ବାଲାଜୀ କିଶୋର ରାୟ, ଟି. ନିବେଦିତା, ଫାଲ୍‌ଗୁନୀ ପାତ୍ର, କାଳୀକିଙ୍କର ପଟ୍ଟନାୟକ, ଯୁଗଳ କିଶୋର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସଂସ୍କୃତି କାର୍ଯ୍ୟାଳୟ କନିଷ୍ଠ ସହାୟକ ଆତ୍ମପ୍ରକାଶ ସାହୁ ଏବଂ ସହଯୋଗୀ କର୍ମଚାରୀ ଏ. ସନ୍ତୋଷ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ଆଲୋଚନା ଚାଲିଛି।

# ସୁରଭି ମଞ୍ଚରେ ଶିଶୁ କଳାକାରଙ୍କ ପ୍ରତିଭା ପ୍ରଦର୍ଶନ

**ନବରଙ୍ଗପୁର/ଝରିଗାଁ/ଡାବୁଗାଁ/ ତେନ୍ତୁଲିଖୁଣ୍ଟି, ୩୧।୧୦ (ସଦାଶିବ ପ୍ରହରାଜ/ କିଶୋର ଚନ୍ଦ୍ର ମଣ୍ଡଳ/ ପ୍ରଜ୍ଞାରଞ୍ଜନ ପରିଡ଼ା/ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର କରାଯାଇଛି। ୧୧ଟି କ୍ଲଷ୍ଟରରୁ ୩୩୬ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା, ସି.ଆର.ସି.ସି ଓ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ର ଜିଲାସ୍ତରୀୟ ସୁରଭିରେ ଭାଗ ନେବେ। ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଏଡିଇଓ କେଶବ ମେହେର, ଶ୍ରୀକାନ୍ତ ଜାନୀ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ସୌରା ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନମିତା ଘଡେଇ ଓ ଏବିଇଓ ସୁରେନ୍ଦ୍ର ନାୟକ ପରିଚାଳନାରେ ସହଯୋଗ କରିଥିଲେ।

ଝରିଗାଁ ବ୍ଲକ୍‌ସ୍ତରୀୟ ଛୋଟାଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ଝରିଗାଁ ବିଇଓ ରଶ୍ମିତା ନେତମ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରଭାନୁ



ଝରିଗାଁରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନାୟକ, ବିଧାୟକଙ୍କ ପ୍ରତିନିଧି ଗଣପତି ସାହୁ, ସରପଞ୍ଚ ଜୟମଣି ଗଣ୍ଡ, ଜିଲା ପରିଷଦ ସଭ୍ୟ ଯମୁନା ଗଣ୍ଡ, ଏବିଇଓ ଦଶରଥ ଗଣ୍ଡ, ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୋହିଣୀ ତପସ୍ୱିନୀ ହଜାରେ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ୍‌ର ୨୦ଟି କ୍ଲଷ୍ଟରର ବିଦ୍ୟାଳୟରୁ ବିଭିନ୍ନ ବିଭାଗରେ ମୋଟ ୪ଶହ ଜଣ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କ୍ଲଷ୍ଟରର ସିଆର୍‌ସିସି ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ।

ଡାବୁଗାଁ ବ୍ଲକ୍ ସରକାରୀ ନୂତନ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟ ଶୁକ୍ରବାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନୌଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୁରଭି କାର୍ଯ୍ୟକ୍ରମ କରାଯାଇଛି। ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ ଓ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଡଙ୍ଗରିଗୁଡ଼ା ସରପଞ୍ଚ ରାମ ଗଣ୍ଡ, ବିଜେଡି ଯୁବନେତା ବବୁଲ ତ୍ରିପାଠୀ, ଭାଜପା କର୍ମୀ ନରେଶ କୁମାର ସିଂ, ନରୁ ସିଂ, ବିଡିଓ ଶରତ ମାଝୀ, ବିଇଓ ରଶ୍ମିତା ନେତାମ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ସହ ଶିକ୍ଷା ଅଧିକାରୀ ଭଗବାନ ମାଝୀ, ସହ ଶିକ୍ଷା ଅଧିକାରୀ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟ ଧନ ସିଂ ଭତ୍ରା ମୁଖ୍ୟ ଅତିଥି ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ତେନ୍ତୁଳିଖୁଣ୍ଟିସ୍ଥିତ ପିଏମ୍‌ଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଇଓ ସୁଦୀପ୍ତ ଦାସଙ୍କ ସଭାପତିତ୍ୱ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆନନ୍ଦ କୁମାର ଭତ୍ରାଙ୍କ ତତ୍ତ୍ୱାବଧାନରେ ସୁରଭି କାର୍ଯ୍ୟକ୍ରମ କରାଯାଇଛି। ରାୟଗଡ଼ା ଜିଲା କାଶୀପୁର ବିଇଓ ଉମାର ସିଂ ନାୟକ, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, କାଶୀପୁର ଏବିଇଓ ପବିତ୍ର ମୋହନ ନାୟକ, ଅବସରପ୍ରାପ୍ତ ଏବିଇଓ ରମେଶ ଟାକ୍ରୀ, ମୋହନ ମଧୁସୂଦନ ବାଗ ଅତିଥିଭାବେ ଯୋଗ ଦେଇଥିଲେ। ଏବିଇଓ ପ୍ରଫୁଲ୍ଲ ପଟ୍ଟନାୟକ ଓ କୁଳ ରଞ୍ଜନ ସୁନା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବେ।

**ଉଠାଦୋକାନ ଉଚ୍ଛେଦକଲା ପୌରପାଳିକା**

ଜୟପୁର,(ପବନ ପାଣିଗ୍ରାହୀ)- ଜୟପୁର ମୁଖ୍ୟ ରାସ୍ତାର ପୋଲିସ ଫାଣ୍ଡି ଓ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରିଥିବା ଉଠାଦୋକାନୀଙ୍କ ଦୋକାନକୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ସ୍ଥାନୀୟ ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆକାବରମ ଶସ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ଅମିନ ଶୁଭସ୍ମିତା ଜେନା, ପରିମଳ ନିରୀକ୍ଷକ ଭୁବୁନି ହାଲବା, ସତ୍ୟନାରାୟଣ ପାତ୍ର ଓ ଟାଉନ ପୋଲିସ ଉଚ୍ଛେଦ କରିଥିଲେ।

## ସଂକ୍ଷେପରେ

### ରାଷ୍ଟ୍ରୀୟ ଏକତା ଦିବସରେ ଶୋଭାଯାତ୍ରା

ଜୟପୁର,୩୧।୧୦(ପବନ ପାଣିଗ୍ରାହୀ)

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଜୟପୁର ଟାଉନ ପୋଲିସ ପକ୍ଷରୁ ଏକ ଶୋଭାଯାତ୍ରା ଶୁକ୍ରବାର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଟାଉନ ଥାନାରୁ ଶୋଭାଯାତ୍ରା ବାହାରି ରାଜନଅର ଦେଇ ପୁଣି ଟାଉନ ଥାନାରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ପାର୍ଥ କଶ୍ୟପ ଯୋଗଦେଇଥିଲେ। ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସହ ଅନ୍ୟ ପୋଲିସ କର୍ମଚାରୀ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ସାଇବର ସୁରକ୍ଷା ସଚେତନତା

ନନ୍ଦପୁର, ୩୧।୧୦(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ଥାନା ପୋଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର, ଥାନା ଅଞ୍ଚଳବାସୀଙ୍କୁ ମୋବାଇଲ ବ୍ୟବହାର ସମୟରେ ନିଜ ସହ ଅନ୍ୟକୁ ସଚେତନ କରି ସୁରକ୍ଷିତ ରହିବାକୁ କୁହାଯାଇଥିଲା। ନନ୍ଦପୁର ଥାନାଧିକାରୀ ମମତା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣଦୌଡ଼ କରାଯାଇଥିଲା। ଏଥିରେ ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ନନ୍ଦପୁର ବାସିନ୍ଦା, ପୋଲିସ କର୍ମଚାରୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଦସ୍ୟ ଓ ଛାତ୍ରୀଛାତ୍ରଙ୍କୁ ଦିନକୁ ଦିନ ବୃଦ୍ଧି ପାଉଥିବା ସାଇବର ଅପରାଧ ଓ ଏଥିରୁ ବର୍ତ୍ତିବା ଉପାୟ ସମ୍ପର୍କରେ ସୂଚନା ଦେଇଥିଲେ। ଗଣଦୌଡ଼ ନନ୍ଦପୁର ବସଷ୍ଟାଣ୍ଡଠାରୁ ବ୍ଲକ କାର୍ଯ୍ୟାଳୟ ଯାଏ ହୋଇଥିଲା। ପୂର୍ବାହ୍ନରେ ନନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୋଲିସ ବିଭାଗ ଦ୍ୱାରା ସଚେତନ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ସ୍ତରରେ ସାଇବର ସଚେତନ ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା, ଗଣଦୌଡ଼, ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଏସ୍‌ଆଇ ବେବୋବର ସାହୁ, ଦୀପ୍ତିମୟୀ ଧାରୁଆ, ଏଏସ୍‌ଆଇ ଗୁପ୍ତେଶ୍ୱର ଗଡଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଥାନାର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

### ତେଜରାତି ଦୋକାନରେ ଚଢ଼ାଉ

କୋରାପୁଟ,୩୧।୧୦(ଅମିତାଭ ବେହେରା)

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ଦାମନଯୋଡ଼ି ପୋଲିସ ଓ ସଦର ଅବକାରୀ ଟିମ୍ ମିଳିତ ଭାବେ ମାଥାଲପୁଟ ବଜାରର ବିଭିନ୍ନ ତେଜରାତି ଦୋକାନରେ ଶୁକ୍ରବାର ଚଢ଼ାଉ କରିଛି। ବିପୁଳ ପରିମାଣର ତମାଖୁ ଜାତୀୟ ଦ୍ରବ୍ୟ ଜବତ କରାଯାଇଛି। ଦୋକାନଗୁଡ଼ିକରେ ବେଆଇନ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭବାନୀ ଶଙ୍କର ପ୍ରସାଦ ମିଶ୍ର, ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ, ଡ୍ରଗ ଇନ୍ସପେକ୍ଟର ନକ୍ଷତ୍ର ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ୯ ଦୋକାନୀଙ୍କଠାରୁ ୧୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

# ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧି ବିକାଶଧାରା ଆଗକୁ ନେବା ଲକ୍ଷ୍ୟ

**ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଏକତା ଦୌଡ଼**

କୋରାପୁଟ,୩୧।୧୦ (ଅମିତାଭ ବେହେରା)


ଜିଲାପାଳ ମନୋଜ ସତ୍ୟବାନ ମହାଜନ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ସ୍ଥାନୀୟ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଏକତା ଦୌଡ଼ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସବୁଜ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। କୋରାପୁଟ ସ୍ପୋର୍ଟସ କମ୍ପ୍ଲେସଠାରୁ କରାଯାଇ ଜଗନ୍ନାଥ ମନ୍ଦିର ଯାଏ ମାରାଥନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜର ସମସ୍ତ ବର୍ଗର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧି ଏହାର ବିକାଶକୁ ସମସ୍ତେ ଆଗକୁ ନେବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ କୋରାପୁଟ ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଜିଲା ଭାଜପା ସଭାପତି ଶିବ ମୁଦୁଲି, ଅତିରିକ୍ତ ଜିଲାପାଳ ତପନ ନାୟକ, ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଛକରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ରାଜ୍ୟସ୍ତରୀୟ ସ୍କାଏ ମାର୍ଶାଲ ଆର୍ଟରେ କୋରାପୁଟକୁ ୭ ପଦକ



୪ ବିଜେତା।

କୋରାପୁଟ,୩୧।୧୦(ଅମିତାଭ ବେହେରା)

ଝାରସୁଗୁଡ଼ାରେ ଆୟୋଜିତ ୨୦ତମ ରାଜ୍ୟସ୍ତରୀୟ ସ୍କାଏ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ କୋରାପୁଟ ଜିଲାର ୪ ପ୍ରତିଯୋଗୀ ଅଂଶଗ୍ରହଣ କରି ୭ ପଦକ ହାସଲ କରିଛନ୍ତି। ବାଳିକା ବିଭାଗରେ କୁନ୍ଦ ମାଝୀ କେ ୩ରେ ସ୍ୱର୍ଣ୍ଣ ଓ ମିକ୍ସ କେ ୧ରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ବିଭାଗରେ କୃଷ୍ଣଚନ୍ଦ୍ର ନାୟକ କେ-୪ରେ ରୌପ୍ୟ ପଦକ, କେ-୧ରେ ରୌପ୍ୟ ପଦକ, ଏକଲଭ୍ୟା ହିଆଲ କେ-୧ରେ ରୌପ୍ୟ ପଦକ ଓ କେ-୧ରେ ରୌପ୍ୟ ଏବଂ ଯୋଗେଶ୍ୱର ବେହେରା କେ-୩ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଜଣାପଡ଼ିଛି। ହନୁମାନ ସ୍ପୋର୍ଟିଂ ଓ ଏକାଡେମୀ ଅଫ୍ ମାର୍ଶାଲ ଆର୍ଟର ସମ୍ପାଦକ ଏକାଦଶୀ ବେହେରା ଓଡ଼ିଶା ସ୍କାଏ ଆସୋସିଏଶନର ସମ୍ପାଦକ ଏସ୍.ସଲାଲୁଦିନ ଓ ଆୟୋଜକ ସୁଶାନ୍ତ ଗୁପ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। କୋଚ୍ କେ.ଜଗଦୀଶ ରାଓଙ୍କୁ ମଧ୍ୟ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ୧୦ ଘଣ୍ଟା କାର୍ଯ୍ୟ ସମୟକୁ ଏଆଇଟିୟୁସିର ବିରୋଧ

**ଯୁଗ୍ମ ଶ୍ରମ କମିଶନରଙ୍କୁ ଦାବିପତ୍ର**

ଜୟପୁର,୩୧।୧୦(ପବନ ପାଣିଗ୍ରାହୀ)

ଜୟପୁର ଶ୍ରମିକ କର୍ମଚାରୀ ଭବନରେ ଏଆଇଟିୟୁସିର ୧୦୬ ତମ ପ୍ରତିଷ୍ଠା ଦିବସ ଅବସରରେ ୧୦ ଘଣ୍ଟା କାର୍ଯ୍ୟ ସମୟକୁ ବିରୋଧକରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ଲାଲ୍ ପତାକାକୁ ବରିଷ୍ଠ ଶ୍ରମିକ ନେତା ଯୁଧିଷ୍ଠିର ରାଉଳ ଉତ୍ତୋଳନ କରିଥିଲେ। କର୍ମୀମାନେ ଏକ ଶୋଭାଯାତ୍ରାରେ ଜୟପୁର ସହର ପରିକ୍ରମା ପରେ ଯୁଗ୍ମ ଶ୍ରମ କମିଶନର ବୃନ୍ଦାବନ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜେପିର ଡବଲ ଇଞ୍ଜିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୈନିକ କାର୍ଯ୍ୟ ନିର୍ଘଣ୍ଟ ସମୟ ଧାର୍ଯ୍ୟ ୮ ଘଣ୍ଟାକୁ ବଢ଼ାଇ ୧୦ ଘଣ୍ଟା କରିବା, ମହିଳା ଶ୍ରମିକ କର୍ମଚାରୀମାନେ ବ୍ୟବସାୟ ପ୍ରତିଷ୍ଠାନ, ଅଫିସ ଦପ୍ତରରେ ରାତିରେ ମଧ୍ୟ କାମ କରିପାରିବେ ବୋଲି ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ରକ୍ତକ୍ଷୟୀ ସଂଗ୍ରାମ ପରେ ୮ ଘଣ୍ଟା କାର୍ଯ୍ୟ ସମୟ ଧାର୍ଯ୍ୟ ହୋଇଛି। ଏହାକୁ କର୍ପୋରେଟ୍ ଜଗତର ସ୍ୱାର୍ଥ ଏବଂ ତାପରେ ୧୦ ଘଣ୍ଟା କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା କରୁଛନ୍ତି। ପୂର୍ବରୁ ବଡ଼ କମ୍ପାନୀର ମାଲିକମାନେ କର୍ମଚାରୀମାନଙ୍କୁ ୧୨ ଘଣ୍ଟା କାମ କରିବାକୁ ଯୁକ୍ତି ମଧ୍ୟ ବାଢ଼ିଥିଲେ। ଏଆଇଟିୟୁସି ସମେତ ଦେଶର ଶ୍ରମିକ ସଙ୍ଗଠନଗୁଡ଼ିକ ଏହାର ବିରୋଧ କରିଛନ୍ତି। ବେକାରି ସମସ୍ୟା ବୃଦ୍ଧିପାଉଥିବା, ଆଉଟସୋର୍ସିଂ, ଠିକାରେ କାମ ଚାଲୁଥିବା ବେଳେ କାର୍ଯ୍ୟ ସମୟ ନ ବଢ଼ାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ କୁହାଯାଇଛି। କାର୍ଯ୍ୟ ନିର୍ଘଣ୍ଟ ସମୟ କମ୍ କରି ଦୈନିକ ୬ ଘଣ୍ଟା କରିବା ପାଇଁ ଦାବି କରାଯାଇଛି। ରାଜ୍ୟରେ ମହିଳାମାନେ ସୁରକ୍ଷିତ ନ ଥିବା ବେଳେ ଅଫିସ୍ ଓ ବ୍ୟବସାୟ ପ୍ରତିଷ୍ଠାନରେ ରାତିରେ କାମ କରିବା ଆଇନ ଆଣିବା କଥାକୁ ମଧ୍ୟ ବିରୋଧକରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଶ୍ରମ କମିଶନର ସେଠୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର ନ କଲେ ଡିସେମ୍ବର ୩,୪ ଓ ୫ରେ ଭୁବନେଶ୍ୱରରେ ସମୂହ ଧାରଣା ଦିଆଯିବ ବୋଲି ଏଆଇଟିୟୁସି ରାଜ୍ୟ କମିଟି ସଭ୍ୟ ପ୍ରମୋଦ କୁମାର ପ୍ରକାଶ କରିଛନ୍ତି। ଦିବାସିଂ ସହ କାଗଜକଳ ଶ୍ରମିକମାନଙ୍କ ଲେବର କାର୍ଡ ଓ ଅନ୍ୟ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ବିକ୍ଷୋଭକୁ ଉତ୍ତମ ମଲ୍ଲିକ, ରାମକୃଷ୍ଣ ଦାସ, ସୁଦର୍ଶନ ବିଷୋୟୀ,ବସନ୍ତ ବେହେରା,ତମ୍ପୁଣି ପାତ୍ର, ଶାନ୍ତିମଣି ଖରା, ପ୍ରମିଳା ଭୂମିଆ ଓ ନନ୍ଦ କୁମାର ପ୍ରମୁଖ ନେତୃତ୍ୱ ନେଇ ଶୃଙ୍ଖଳାର ସହ ସମାପ୍ତ କରିଥିଲେ।



ଏଆଇଟିୟୁସିର କର୍ମୀମାନେ ଶୋଭାଯାତ୍ରା କରୁଛନ୍ତି।

# ଶିବିରରୁ ୧୫ ୟୁନିଟ୍ ରକ୍ତ ସଂଗ୍ରହ

ଜୟପୁର,୩୧।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରେ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତରତ୍ନ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଏହି ଶିବିର ଆୟୋଜନ ହୋଇଥିଲା। ଜିଲା ସଭାପତି ରୂପକ ତୁରୁକଙ୍କ ସହ କଂଗ୍ରେସ ନେତାମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହା ପରେ ଶିବିରରେ କଂଗ୍ରେସର ନେତା ଓ କର୍ମୀମାନେ ରକ୍ତଦାନ କରିଥିଲେ। ଶିବିରରୁ ୧୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ୨ରୁ କୋରାପୁଟରେ ଟି-୨୦ ଅଲ୍ ଓଡ଼ିଶା କ୍ରିକେଟ ମ୍ୟାଚ ଆରମ୍ଭ




କୋରାପୁଟ,୩୧।୧୦(ଅମିତାଭ ବେହେରା)

ନଭେମ୍ବର ୨ରୁ କୋରାପୁଟରେ ଟି-୨୦ ଅଲ ଓଡିଶା କ୍ରିକେଟ ମ୍ୟାଚ ଆରମ୍ଭ ହେବା ନେଇ ସ୍ଥାନୀୟ ପ୍ରେସ କ୍ଲବ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବାର ଆସୋସିଏଶନର ସଭାପତି ପ୍ରଭାତ ମହାପାତ୍ର ଶୁକ୍ରବାର ସୂଚନା ଦେଇଛନ୍ତି। କୋରାପୁଟ ବାର ଆସୋସିଏଶନ ପକ୍ଷରୁ ପ୍ରଥମଥର ଆୟୋଜିତ ରାଜ୍ୟସ୍ତରୀୟ ମ୍ୟାଚରେ ୧୬ ଟିମ୍ ଅଂଶଗ୍ରହଣ କରିବେ। ଏହି କ୍ରିକେଟ ମ୍ୟାଚ୍ କୋରାପୁଟ ଷ୍ଟାଡିୟମରେ ଆସନ୍ତା ୨ରୁ ଆରମ୍ଭ ହୋଇ ୯ରେ ଶେଷ ହେବ ବୋଲି ସୂଚନା ଦିଆଯାଇଛି। ଜିଲା ଜଜ୍ଜ କ୍ରିକେଟ ପ୍ରତିଯୋଗିତା ଶୁଭାରମ୍ଭ କରିବେ। ଦୈନିକ ୨ ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ମ୍ୟାଚ ନକ୍‌ଆଉଟ ମ୍ୟାଚ ହେବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ କୋରାପୁଟ ବାର ଆସୋସିଏଶନର ସମ୍ପାଦକ ସୁନୀଲ କୁମାର ଜେନା, ଉପସଭାପତି କୃଷ୍ଣ ସିଂ, କୋଷାଧ୍ୟକ୍ଷ କାମାକ୍ଷୀ ପ୍ରସାଦ ମାଝୀ ଓ ବରିଷ୍ଠ ଆଇନଜୀବୀ ଅଶୋକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ଗଣଦୌଡ଼



ମାରାଥନରେ ସାମିଲ ହୋଇଥିବା ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ।

ସୁନାବେଡ଼ା/ସେମିଳିଗୁଡ଼ା,୩୧।୧୦ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଓଡ଼ିଶା ପୋଲିସ ଆହ୍ୱାନକ୍ରମେ ସୁନାବେଡ଼ା ଓ ସେମିଳିଗୁଡ଼ା ପୋଲିସ ପକ୍ଷରୁ ଏକ ମିନି ମାରାଥନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନାବେଡ଼ା ଓ ସେମିଳିଗୁଡ଼ା ସହରର ଶତାଧିକ ଜନସାଧାରଣ ଓ ଏକାଧିକ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ। ୨୬ ନଂ. ଜାତୀୟ ରାଜପଥ ସେମିଳିଗୁଡ଼ା ଟ୍ରାଫିକ୍ ଛକ ନିକଟରୁ ମାରାଥନ ଆରମ୍ଭ ହୋଇ ସୁନାବେଡ଼ା ପୌର ପରିଷଦ ନିକଟ ଟ୍ରାଫିକ୍ ଛକରେ ଶେଷ ହୋଇଥିଲା। ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ପ୍ରଶାସନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର,ସୁନାବେଡ଼ା ଥାନାଧିକାରୀ ସୁଷମା କୁହଁର, ସେମିଳିଗୁଡ଼ା ଥାନାଧିକାରୀ ଅନିତା କୁଜୁର ଓ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ ପାଳିତ

ଜୟପୁର,୩୧।୧୦(ପବନ ପାଣିଗ୍ରାହୀ)


କାର୍ଯ୍ୟକ୍ରମରେ ଉପସ୍ଥିତ ଉତ୍କଳ ସମ୍ମିଳନୀ ଜିଲା ଶାଖାର ସଦସ୍ୟମାନେ।

କୋରାପୁଟ ଉତ୍କଳ ସମ୍ମିଳନୀ ଜିଲା ଶାଖା ପକ୍ଷରୁ ଜୟପୁର ଖାଲସାହିସ୍ଥିତ ବକ୍ସିପତ୍ର ପାର୍କ ପରିସରରେ ପୂର୍ବତନ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୨ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଛି। ପୂର୍ବତନ ମନ୍ତ୍ରୀ ବକ୍ସିପାତ୍ର ଉତ୍କଳ ସମ୍ମିଳନୀ ରାଜ୍ୟ ଶାଖାର ସଭାପତି ଥିଲେ। ତାଙ୍କ ପୁତ୍ର ଭୃଗୁ ବକ୍ସିପାତ୍ର ରାଜ୍ୟ ସ୍ତରରେ ଜୟନ୍ତୀ ପାଳନ କରିଆସୁଛନ୍ତି। ଚଳିତ ବର୍ଷ ପୌର ପରିଷଦ ଦ୍ୱାରା ନିର୍ମିତ ପ୍ରତିମୂର୍ତ୍ତି ନିକଟରେ ମଧ୍ୟ ଜୟନ୍ତୀ ଉତ୍ସବ ପାଳନ କରିଛନ୍ତି। ଉତ୍କଳ ସମ୍ମିଳନୀ ପକ୍ଷରୁ ବିନୋଦ ମହାପାତ୍ର,ଦେବେନ୍ଦ୍ର ବାହିନୀପତି, ମଦନ ମୋହନ ନାୟକ,ନବୀନ ମାଦଳା, ରାଜେନ୍ଦ୍ର ଗୌଡ, ସାନ୍ତନୁ ପାଣିଗ୍ରାହୀ, ଶୁଭେନ୍ଦୁ ବ୍ରହ୍ମା, ସୂର୍ଯ୍ୟନାରାୟଣ ରଥ, ମିନକେତନ ପରିଚ୍ଛା, କୃଷ୍ଣ ହୋତା, ଶିଳ୍ପା ପାଣି, ଚନ୍ଦ୍ରକାନ୍ତ ସୁତାର, ନୃସିଂହ ଚୌଧୁରୀ, ରବି ନାୟକ, ତରୁଣ କୁମାର ମହାପାତ୍ର, ରାଧାମୋହନ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ରମାକାନ୍ତ ରାଉଳ, ଶିବ ପଟ୍ଟନାୟକ ଓ ରାମନାଥ ପାଣିଗ୍ରାହୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ଲାଞ୍ଚ ନେବା, ଦେବା ଦଣ୍ଡନୀୟ ଅପରାଧ



ଦୁର୍ନୀତି ନିବାରଣ ନେଇ ସ୍ୱତନ୍ତ୍ର ଗ୍ରାମସଭାରେ ଅଧିକାରୀ ଓ ଅନ୍ୟମାନେ।

ଡାବୁଗାଁ, ୩୧।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜବାଗୁଡ଼ା ଓ ଜୁନାପାଣି ପଞ୍ଚାୟତ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଡିଏସ୍‌ପି ଜୟଶ୍ରୀ ପ୍ରଧାନ ଯୋଗ ଦେଇଥିଲେ। ଲାଞ୍ଚ ଦେବା ଓ ନେବା ଏକ ଦଣ୍ଡନୀୟ ଅପରାଧ ବୋଲି ସେ କହିଥିଲେ। କେହି ଲାଞ୍ଚ ଭାଗିଲେ ଦୁର୍ନୀତି ନିବାରଣ ବିଭାଗକୁ ଜଣାଇବାକୁ କହିଥିଲେ। ଏଥିରେ ବିଭାଗୀୟ ଇନ୍ସପେକ୍ଟର ଭୀମସେନ ପୂଜାରୀ, ଏଏସ୍‌ଆଇ ସଞ୍ଜୟ ସାହୁ, ଜବାଗୁଡ଼ା ସରପଞ୍ଚ ଗୋମତୀ ଭତ୍ରା ଓ ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଜବାଗୁଡା ପଞ୍ଚାୟତ ନିର୍ବାହୀ ଅଧିକାରୀ କାମିନୀ ହରିଜନ ଓ ଜୁନାପାଣି ପଞ୍ଚାୟତ ନିର୍ବାହୀ ଅଧିକାରୀ ରୂପାଲୀ ମଣ୍ଡଳ, ଜବାଗୁଡା ଜିଆର୍‌ଏସ୍ ପଦ୍ମାବତୀ ମାଝି, ଜୁନାପାଣି ଏଡିଇଓ ତୁଳାରାମ ଭତ୍ରା, ୨ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନୱାଡି କର୍ମୀ ଗ୍ରାମବାସୀ ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

କୁନ୍ଦୁରା,୩୧।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଶ୍ରୀଅରବିନ୍ଦ ଶିକ୍ଷା ନିକେତନରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି କୋଟପାଡ଼ ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଆଚାର୍ଯ୍ୟ, ଗୋଷ୍ଠୀ ଶିକ୍ଷାଧିକାରୀ ରଘୁନାଥ ପାଙ୍ଗୀ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ,ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପପେୟା ବେହେରା, ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ସେଠୀ, ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜ ପାଢ଼ୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ସମ୍ପାଦକ କେ. କିଷ୍ଟାମୋହନ ରାଓ, ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରିତାରାଣୀ କରନ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୁଗଳ କିଶୋର ପାତ୍ର ଓ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦୀପ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୯ ଆଞ୍ଚଳିକ ସାଧନ କେନ୍ଦ୍ରରୁ ବିଭିନ୍ନ ବର୍ଗରୁ ପ୍ରାୟ ୧୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦଯାପନୀରେ କୁନ୍ଦୁରା ବ୍ଲକ ଅଧ୍ୟକ୍ଷ ତରଣୀସେନ ବିଷୋୟୀ, ନବରଙ୍ଗପୁର ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, ସ୍ଥାନୀୟ ସରପଞ୍ଚ ଲବ ପରଜା, ସମିତିସଭ୍ୟ ଦାମୋଦର ଗଣ୍ଡା ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତାର ବିଚାରକ ଭାବେ ନିରଞ୍ଜନ ପାଣିଗ୍ରାହୀ,ମହମ୍ମଦ ସାରିଫ ଓ ଲାଲୁ ମିଶ୍ର ଯୋଗଦେଇଥିଲେ। ଶିକ୍ଷକ ଅଶୋକ ମହାରଣା ଓ ଅରବିନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଅଂଶ ଗ୍ରହଣ କରିବେ।



ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଅବଦୁଲ କଲାମ ଆୱାର୍ଡ ଲୋଭ ଦେଖାଇ ଠକେଇ

**ସରପଞ୍ଚଙ୍କଠାରୁ ୧,୬୦,୦୦୦ ଟଙ୍କା ଠକିଲେ ଦୁର୍ବୃତ୍ତ**

ନନ୍ଦପୁର,୩୧।୧୦(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧୀନ ବିଲାପୁଟ ପଞ୍ଚାୟତ ସରପଞ୍ଚ ରାଜେଶ ଲେନ୍ଦୁଙ୍କୁ ଅବଦୁଲ କାଲାମ ଆୱାର୍ଡର ଲୋଭ ଦେଖାଇ ସାଇବର ଠକ ୧ ଲକ୍ଷ ୬୦ ହଜାର ଟଙ୍କା ଠକିନେଇଛନ୍ତି। ଏ ନେଇ ସରପଞ୍ଚ ଥାନାରେ ଅଭିଯୋଗ କରିବା ପରେ ତାଙ୍କ ଆକାଉଣ୍ଟକୁ ଅଦାଲତର ନିର୍ଦ୍ଦେଶ ନେଇ ଫ୍ରିଜ କରାଯାଇଥିବା ଜଣାପଡ଼ିଛି। କିନ୍ତୁ ମାମଲା ରୁଜୁର ୨୨ ଦିନ ପରେ ମଧ୍ୟ ପ୍ରଲୋଭନକାରୀ ଓ ଟଙ୍କା ଯାଇଥିବା ଆକାଉଣ୍ଟଧାରୀଙ୍କୁ ଚିହ୍ନଟ କରିପାରୁନି ପୋଲିସ।

ସୂଚନାନୁଯାୟୀ, ବିଲାପୁଟ ପଞ୍ଚାୟତ ପିଇଓ ଜୟରାମ ଜାରସିଂ ୭।୯।୨୦୨୫ରେ ସରପଞ୍ଚ ଲେନ୍ଦୁଙ୍କୁ ଆମ ପଞ୍ଚାୟତ ରାଜ୍ୟ ସ୍ତରରେ ପୁରସ୍କୃତ ହେବ ବୋଲି ଫୋନ ଯୋଗେ ସୂଚନା ମିଳିଥିବା କହିଥିଲେ। ଏ ନେଇ କଟକ ରେଡିଓ ଷ୍ଟେଶନରୁ ଜଣେ କର୍ମଚାରୀ ଫୋନ ମାଧ୍ୟମରେ ଆପଣଙ୍କ ଇଣ୍ଟରଭ୍ୟୁ ନେବେ ଓ ଆପଣ କଥା ହୋଇଯିବେ ବୋଲି କହିଥିଲେ। ଏହାକୁ ଶୁଣି ସରପଞ୍ଚ ଖୁସି ହୋଇ ଫୋନ କଲ୍‌କୁ ଅପେକ୍ଷା କରିଥିଲେ। ଅଧଘଣ୍ଟା ପରେ ଫୋନ ଆସି ଜଣେ ବ୍ୟକ୍ତି ନିଜକୁ କଟକ ରେଡିଓ ଷ୍ଟେଶନର ଉପସ୍ଥାପକ ସ୍ମୃତି ରଞ୍ଜନ ଡାକୁଆ ବୋଲି ପରିଚୟ ଦେଇଥିଲେ। ଆପଣଙ୍କ ଭଲ କାମ ଯୋଗୁ ପଞ୍ଚାୟତକୁ ଅବଦୁଲ କଲାମ ଆୱାର୍ଡ ମିଳିବାକୁ ଯାଉଛି। ଆପଣଙ୍କ ସମେତ ରାଜ୍ୟର ୧୫ ପଞ୍ଚାୟତର ସରପଞ୍ଚ ଓ କିଛି ଶିକ୍ଷାବିତ୍ ଏହି ଆୱାର୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆୟୋଜକ ଭୁବନେଶ୍ୱରସ୍ଥିତ ଗାୟତ୍ରୀ ଏଣ୍ଟରପ୍ରାଇଜେସ ଦ୍ୱାରା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ନିଜ ଓ ପଞ୍ଚାୟତ ବିଷୟରେ କିଛି ସୂଚନା ଦିଅନ୍ତୁ ବୋଲି କହିଥିଲେ। କଥାରେ ବିଶ୍ୱାସ କରେଇବାକୁ ବ୍ୟକ୍ତି ଜଣକ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ଅପରାଜିତା ଷଡ଼ଙ୍ଗୀ ଓ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ରେଡିଓ ଇଣ୍ଟରଭ୍ୟୁ ବାର୍ତ୍ତାଳାପ ଶୁଣିବାକୁ ଓ ପେପର କଟିଂ ପଢିବାକୁ ପଠାଇ ଥିଲେ। ପଞ୍ଚାୟତ ସ୍ତରରେ ରାଜ୍ୟ ସ୍ତରୀୟ ଅଧିକାରୀ ଯାଇ ମାନପତ୍ର, ଉପହାର ଉପଢୌକନ ଓ ପଞ୍ଚାୟତକୁ ଆର୍ଥିକ ଅନୁଦାନ ପ୍ରଦାନ କରିବେ ବୋଲି କହିଥିଲେ। ରାଜ୍ୟସ୍ତର କାର୍ଯ୍ୟକ୍ରମରେ ଆର୍ଥିକ ପୁରସ୍କାର ୩ ଲକ୍ଷ ୧୦ ହଜାର ଟଙ୍କା ମିଳିବ। ଏଥିପାଇଁ ଆପଣଙ୍କ ସହମତି, ପ୍ରୋସେସିଂ ଫି ଓ ଅନ୍ୟ ବାବଦକୁ ଅଗ୍ରୀମ ଆକାରରେ ପୁରସ୍କାର ରାଶିର ଅର୍ଦ୍ଧଭାଗ ଜମା କରିବାକୁ ପଡ଼ିବ ବୋଲି କହି ସରପଞ୍ଚ ଲେନ୍ଦୁଙ୍କୁ ଆକାଉଣ୍ଟ ନମ୍ବର୍ ପଠାଇଥିଲେ। ସରପଞ୍ଚ ପର୍ଯ୍ୟାୟ କ୍ରମେ ଧାର ଉଧାର କରି ୧ ଲକ୍ଷ ୬୦ ହଜାର ଟଙ୍କା "ବ୍ୟାଙ୍କ୍ ଅଫ ମହାରାଷ୍ଟ୍ରର ଆକାଉଣ୍ଟ ନମ୍ବର୍ ୬୦୫୪୩୬୫୮୪୬୫ ଆଇଏଫ୍‌ଏସସି କୋଡ ଏମଏଏଚବି ୦୦୦୧୧୮୨"ରେ ପଠାଇଥିଲେ। କିନ୍ତୁ ଆୱାର୍ଡ ମିଳିବା ତାରିଖ ପାଖେଇ ଆସୁଥିବା ବେଳକୁ ଅଧିକ ଟଙ୍କା ମାଗୁଥିବା ଦେଖି ସରପଞ୍ଚ ସନ୍ଦେହ କରି କୋରାପୁଟ ସାଇବର ଥାନାରେ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। କିନ୍ତୁ ସାଇବର ଥାନାରେ ମାମଲା ରୁଜୁ ପାଇଁ ୨ ଲକ୍ଷ ଟଙ୍କା ଠକେଇ ସର୍ବନିମ୍ନ ଥିବାରୁ ତାଙ୍କୁ ସ୍ଥାନୀୟ ଥାନାରେ ଏତଲା ଦେବାକୁ ପରାମର୍ଶ ଦିଆଯାଇଥିଲା। ସରପଞ୍ଚ ମାଛକୁଣ୍ଡ ଥାନାରେ ଲିଖିତ ଏତଲା ଦେଇଥିଲେ। ଥାନାଧିକାରୀ ମଧୁସୂଦନ ଭୋଇ ମାଛକୁଣ୍ଡ ଥାନା କେସ ନଂ ୫୮/୨୫ରେ ମାମଲା ରୁଜୁ କରି ତଦନ୍ତ ଦାୟିତ୍ୱ ନିଜେ ନେଇଥିଲେ। ପ୍ରାରମ୍ଭିକ ତଦନ୍ତରୁ ଆୱାର୍ଡ ଲୋଭ ଦେଖାଇ ପ୍ରଲୋଭିତ କରିଥିବା ବ୍ୟକ୍ତି ଜଣେ ଥିବା ଜଣାପଡ଼ିଥିଲା। ଟଙ୍କା ଯାଇଥିବା ଆକାଉଣ୍ଟ ଅନ୍ୟ ଜଣେ ବ୍ୟକ୍ତି ମିଷ୍ଟର ଭେନିରାମଙ୍କ ନାଁରେ ଥିବା ଜଣାପଡ଼ିଥିଲା। ଆକାଉଣ୍ଟରେ ଥିବା ଟଙ୍କାକୁ ହୋଲ୍ଡ କରି ରଖିବାକୁ ଅଦାଲତର ସହାୟତା ଲୋଡ଼ିଥିଲେ। ଅଦାଲତର ନିର୍ଦ୍ଦେଶ ମୁତାବକ ଆକାଉଣ୍ଟ ହୋଲ୍ଡ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଭୋଇ ସୂଚନା ଦେଇଛନ୍ତି। ଟଙ୍କା ଫେରି ପାଇ ନ ଥିବା ଓ ଟଙ୍କା ପାଇଥିବା ବ୍ୟକ୍ତି ଚିହ୍ନଟ ହୋଇ ନ ଥିବା ନେଇ ସରପଞ୍ଚ ଲେନ୍ଦୁ ଚିନ୍ତାରେ ଥିବା କହିଛନ୍ତି। ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟି ତଦନ୍ତ ତ୍ୱରିତ କରିବାକୁ ଅନୁରୋଧ କରିବେ ବୋଲି କହିଛନ୍ତି।


ସରପଞ୍ଚ ରାଜେଶ ଲେନ୍ଦୁ।




# ଆଜିଠାରୁ ଖୋଲିବ 'ସୁଭଦ୍ରା' ପୋର୍ଟାଲ

ଭୁବନେଶ୍ୱର,୩୧।୧୦(ସୁଚିସ୍ମିତା ସାହୁ)

■ ୨୧ ବର୍ଷ ହୋଇଥିଲେ କରିପାରିବେ ଆବେଦନ
■ ନୂଆପଡ଼ା ବ୍ୟତୀତ ରାଜ୍ୟର ସମସ୍ତ ଜିଲାରେ ଖୋଲିବ ପୋର୍ଟାଲ

'ସୁଭଦ୍ରା' ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଲାଗି ନଭେମ୍ବର ୧ ଶନିବାରଠାରୁ ପୋର୍ଟାଲ ଖୋଲିବ। ଏହି ପୋର୍ଟାଲ ମାଧ୍ୟମରେ ୨୦ ବର୍ଷ ପୂରି ୨୧ ଚାଲୁଥିବା ଯୁବତୀମାନେ ସୁଭଦ୍ରା ସହାୟତା ପାଇଁ ଆବେଦନ କରିପାରିବେ। ଏଥିସହ ଯେଉଁମାନେ ପୂର୍ବରୁ ଆବେଦନ କରିପାରି ନାହାନ୍ତି, ସେମାନେ ମଧ୍ୟ ସୁଯୋଗ ପାଇବେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ନୂଆପଡ଼ା ଜିଲାକୁ ଛାଡି ଅନ୍ୟ ସମସ୍ତ ଅଞ୍ଚଳର ମହିଳା ଆବେଦନ କରିପାରିବେ। ନୂଆ ହିତାଧିକାରୀ ଆସନ୍ତା ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା କିସ୍ତି ପାଇବେ। ସେହିଦିନ ଚତୁର୍ଥ କିସ୍ତି ମିଳିବା ସହିତ ନୂଆ ଆବେଦନକାରୀଙ୍କୁ ମଧ୍ୟ କିସ୍ତି ବଣ୍ଟନ କରାଯିବ। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରଠାରେ ସୁଭଦ୍ରା ଏକତା ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ପୂର୍ବରୁ ମାର୍ଚ୍ଚ ୩୧ରେ ପ୍ରଥମ ପର୍ଯ୍ୟାୟ ସୁଭଦ୍ରା ଆବେଦନକୁ ବନ୍ଦ କରାଯାଇଥିଲା। ସେବେଠାରୁ ପୋର୍ଟାଲ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ମାର୍ଚ୍ଚ ୩୧ ପରେ ଯେଉଁମାନଙ୍କୁ ୨୧ ବର୍ଷ ହୋଇଯାଇଥିଲା ସେମାନେ ଆଉ ଆବେଦନ କରିପାରି ନ ଥିଲେ। ସେହିପରି ଯେଉଁମାନେ କୌଣସି କାରଣ ଯୋଗୁ ଆବେଦନ କରିପାରି ନାହାନ୍ତି ସେମାନେ ମଧ୍ୟ ଆବେଦନ କରିପାରିବେ। ସେଥିପାଇଁ ସୁଭଦ୍ରା ପୋର୍ଟାଲକୁ ପୁଣିଥରେ ଖୋଲାଯାଉଛି। ଏତଦ୍ବ୍ୟତୀତ ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ଭାବେ ପଞ୍ଜୀକରଣ କରାଯାଇପାରିବ। ଏଥିପାଇଁ ଆଧାର ନମ୍ବର ଓ ଆଧାର ସହ ଲିଙ୍କ୍ ଥିବା ମୋବାଇଲ ନମ୍ବର ପ୍ରଦାନ କରି ଜଣେ ହିତାଧିକାରୀ ଆବେଦନ କରିପାରିବେ। ସୁଭଦ୍ରା ନିୟମାବଳୀ ଅନୁଯାୟୀ ଯୋଗ୍ୟ ବିବେଚିତ ସମସ୍ତ ଆବେଦନକାରୀଙ୍କୁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଦୁଇଟି କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ନୂଆପଡ଼ା: ଏବେ ବି ନାହିଁ ନେଟ୍‌ୱର୍କ

ନୂଆପଡ଼ା,୩୧।୧୦(ମକାରୁ ବେମାଲ)



ଦେଶ ଏବେ ବିକାଶ ପଥରେ ଅଗ୍ରସର ହେଉଛି। ଭାରତ ଆତ୍ମନିର୍ଭର ହେବା ନେଇ କେନ୍ଦ୍ର ସରକାର କହୁଛନ୍ତି। ହେଲେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଏକାଧିକ ଗାଁରେ ମୋବାଇଲ ଫୋନ୍ ନେଟ୍‌ୱର୍କ ମୂଳରୁ ନାହିଁ। ଯଦି ନେଟୱର୍କ ନ ଥିବ ତେବେ ଜଣେ ମୋବାଇଲ ଫୋନ୍ ବ୍ୟବହାର କରିପାରିବ ନାହିଁ। ଏଥିରୁ ସେଠାକାର ଲୋକଙ୍କ ସମସ୍ୟା କେତେ ଜଟିଳ ହୋଇଥିବ ତାହା ସହଜେ ଅନୁମେୟ। ନୂଆପଡ଼ା ସଦର ବ୍ଲକ ଅନ୍ତର୍ଗତ କାଦୋମେରୀ ଗ୍ରାମ ପଞ୍ଚାୟତର କୋଦାଢାପ ଗାଁରେ ମୋବାଇଲ ନେଟ୍‌ୱର୍କ ଉପଲବ୍ଧ ନ ଥିବାବେଳେ ଆମେ ସେଠାରେ ଉପନିର୍ବାଚନ ସ୍ଥିତି ସମ୍ପର୍କରେ ବୁଝିବାକୁ ଯାଇଥିଲୁ। ନିର୍ବାଚନ କଥା ପଚାରିବାବେଳେ ସେହି ଗାଁର ବହୁ ଯୁବତୀ ଓ ଯୁବକ ଆମକୁ ଘେରିଯାଇ କହିଥିଲେ, ଆଜ୍ଞା ନେତାମାନେ ଯେମିତି ଆସି ନିଜ ସ୍ୱାର୍ଥପୂରଣ ପାଇଁ ବାକଚାତୁରି କଥା କହିଦେଇ ଯାଉଛନ୍ତି, ବର୍ତ୍ତମାନ ସମୟରେ ଗଣମାଧ୍ୟମ ଯଦି ନିଜ ଦାୟିତ୍ୱ ଭୁଲିଯାଏ, ତେବେ ଦେଶର ଅବସ୍ଥା ରସାତଳଗାମୀ ହେବାକୁ ଆଉ ବେଶିଦିନ ଲାଗିବ ନାହିଁ। ଏହି କ୍ରମରେ ନୂଆପଡ଼ା ବ୍ଲକ ଅନ୍ତର୍ଗତ କେନ୍ଦୁବାହାରା ପଞ୍ଚାୟତର ସିରଗିଡ଼ି, ଭଇଷାଦରା ଓ କେରମେଲି ପଞ୍ଚାୟତର କାଙ୍ଗେରମେଞ୍ଜି, ଗୋଲାବନ୍ଧ, ମାରାଗୁଡା ଆଦି ଗାଁକୁ ଯାଇ ନେଟ୍‌ୱର୍କ ବିଷୟରେ ବୁଝିଥିଲୁ। କେରମେଲିର ଲିଙ୍ଗରାଜ ମାଝୀ କହୁନ୍ତି, ଏଠାରେ ସୁବିଧା କହିଲେ କିଛି ନାହିଁ। ସବୁଠୁ ଦୁଃଖର ବିଷୟ ଏଠାରେ ମୋବାଇଲ ନେଟ୍‌ୱର୍କ ନାହିଁ। ଆମପିଲା ପାଠ ପଢ଼ିପାରୁନି। ସରକାର ବିଭିନ୍ନ ଜରୁରିକାଳୀନ ସେବା ପାଇଁ ଟୋଲଫ୍ରି ନମ୍ବର ଜାରି କରୁଛନ୍ତି। ଥରେ ଚିନ୍ତା କରନ୍ତୁ, ଏହି ଗାଁରେ ଦୁର୍ଭାଗ୍ୟବଶତଃ ଯଦି କାହା ଘରେ ନିଆଁ ଲାଗିଯାଏ, ଯଦି କାହାର କିଛି ହଠାତ୍ ଦେହ ଅସୁସ୍ଥ ହୋଇପଡ଼େ, ମୋବାଇଲ ନେଟୱର୍କ ବିନା ଆମ ଗାଁ ଲୋକ କ'ଣ କରିପାରିବେ। କେନ୍ଦୁବାହାରା ଓ କେରମେଲି ପଞ୍ଚାୟତର ହିତାଧିକାରୀମାନେ ରାଶନ ସାମଗ୍ରୀ ଆଣିବା ପାଇଁ ଯାଇ ହଟହଟା ହେଉଛନ୍ତି। ପଞ୍ଚାୟତ କର୍ମଚାରୀମାନେ ପାହାଡ଼ିଆ କିମ୍ବା ଢିପ ସ୍ଥାନକୁ ଯାଇ ନେଟ୍‌ୱର୍କ ସର୍ଚ୍ଚ କରୁଛନ୍ତି, ଯେଉଁଠାରେ ନେଟ୍‌ୱର୍କ ଆସେ ସେଠାରେ ରହି ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ନେଇଥାନ୍ତି। ପାହାଡ଼ ଉପରେ ହିତାଧିକାରୀମାନେ ଫିଙ୍ଗର ପ୍ରିଣ୍ଟ ଦେଇ ପଞ୍ଚାୟତକୁ ଯାଇ ଚାଉଳ ନେଇଥାନ୍ତି।

# ଭଉଣୀଘରେ ସାପକାମୁଡ଼ାରେ ଭାଇଙ୍କ ମୃତ୍ୟୁ

ପାଟଣା,୩୧।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ପିପିଳିଆ ଗ୍ରାମରେ ଭଉଣୀ ଘରେ ରହୁଥିବା ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସାନଜାମୁପଶି ଗ୍ରାମର ବିକ୍ରମ ମୁଣ୍ଡାଙ୍କ ପୁଅ ନରୋତ୍ତମ। ସେ ପିପିଳିଆରେ ଭଉଣୀ ବର୍ଷାରାଣୀ ମୁଣ୍ଡାଙ୍କ ଘରେ ରହି ପାଠ ପଢୁଥିଲେ। ବୁଧବାର ରାତିରେ ସେ ତଳେ ଶୋଇଥିବା ବେଳେ ତାଙ୍କୁ ବିଷଧର ସର୍ପ କାମୁଡ଼ି ଦେଇଥିଲା। ପ୍ରଥମେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ପାଟଣା ଥାନାରେ ଏକ ମାମଲା(ନଂ.୩୪/୨୫)ରୁଜୁ କରାଯାଇଛି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଳ କହିଛନ୍ତି।

# ବିଜେଡି ନେତାଙ୍କ ଭଡ଼ାଘରେ ନିର୍ବାଚନ ଅଧିକାରୀଙ୍କ ଚଢ଼ାଉ

**ନୂଆପଡ଼ା ଉପନିର୍ବାଚନ**

## ଅଧିକାରୀଙ୍କ କାର୍‌କୁ ଘେରି ସ୍ଲୋଗାନ ଦେଲେ ବିଜେଡି ନେତା

ନୂଆପଡ଼ା,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)


ବିଜେଡି ନେତାମାନେ ଖରିଆର ରୋଡ୍‌ସ୍ଥିତ ପ୍ରୀତିରଞ୍ଜନ ଘଡେଇଙ୍କ ଭଡାଘରେ ଚଢ଼ାଉ କରିଥିବା ଅଧିକାରୀଙ୍କୁ ଘେରାଉ କରିଛନ୍ତି।

ନୂଆପଡ଼ା ଉପନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଜୋର ଧରୁଥିବାବେଳେ କିଛି ଘଟଣା ରାଜନୈତିକ ସ୍ଥିତିକୁ ଉଷ୍ମ କରିଦେଉଛି। ଶୁକ୍ରବାର ପୂର୍ବାହ୍ନରେ ଜଣେ ନିର୍ବାଚନ ଅଧିକାରୀ (ଏସ୍‌ଏସ୍‌ଟି) ନିଜକୁ ମାଜିଷ୍ଟ୍ରେଟ୍ କହି ଖରିଆର ରୋଡ୍‌ଠାରେ ବିଜେଡି ନେତା ପ୍ରୀତିରଞ୍ଜନ ଘଡେଇଙ୍କ ଭଡା ଘରେ ଅତର୍କିତ ଚଢାଉ କରିଥିଲେ। ବନ୍ଧୁକଧାରୀ ପୋଲିସଙ୍କ ଉପସ୍ଥିତିରେ ଅଧିକାରୀ ଜଣକ ଉକ୍ତ ଘରକୁ ପଶି ଯାଞ୍ଚ କରିଥିଲେ। ସେଇ ଘରେ ଥିବା ଜଣେ ଯୁବକ ଆକାଶ ପଣ୍ଡା ଅଧିକାରୀଙ୍କୁ ଘରକୁ କାହିଁକି ପଶୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର କିଛି ସମୟ ପରେ ସେଠାରେ କିଛି ବିଜେଡି ନେତା ପହଞ୍ଚିଥିଲେ। ସେଇ ବିଜେଡି ନେତା ଓ ସମର୍ଥକମାନେ ସମ୍ପୃକ୍ତ ଅଧିକାରୀଙ୍କୁ ଘେରି ଯାଇ କାହା ନିର୍ଦ୍ଦେଶରେ ଏବଂ କେଉଁ ସର୍ଚ୍ଚ ଅର୍ଡର ବଳରେ ସେମାନେ ପୋଲିସ ଧରି ଘରକୁ ପଶିଲେ ବୋଲି ପ୍ରଶ୍ନ କରିଥିଲେ। ଅଧିକାରୀ ଜଣକ କୁଆଡେ କହିଥିଲେ ଯେ, ସେଇ ଘରେ କଳା ଟଙ୍କା ରହିଥିବା ତାଙ୍କ ପାଖକୁ ଫୋନ୍ ଆସିଥିଲା। ଏଭଳି ଫୋନ୍ କଲ ପାଇବା ପରେ ସେ ଯାଞ୍ଚ କରିବାକୁ ଆସିଛନ୍ତି। ଅଧିକାରୀ ଜଣକ ଏଭଳି କହିବା ପରେ ବିଜେଡି ନେତାମାନେ ରାଗିଯାଇ ସର୍ଚ୍ଚ ଅର୍ଡର ଦେଖାଇବାକୁ କହିଥିଲେ। ସର୍ଚ୍ଚ ଅର୍ଡର ନ ଦେଖାଇ ଯାଞ୍ଚ କରିଥିବାରୁ ସେଠାରେ ବିଜେଡି ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସର୍ଚ୍ଚ ଅର୍ଡର ନ ଦେବା ଯାଏ କିମ୍ବା କ୍ଷମା ନ ମାଗିବା ଯାଏ ସେମାନେ ତାଙ୍କୁ ସେଠାରୁ ଛାଡିବେ ନାହିଁ କହି ତାଙ୍କ କାର୍ ସମ୍ମୁଖରେ ଘେରିଯାଇଥିଲେ। ସେଠାରେ ବିଜେଡି ନେତାମାନେ ଭାଜପା ସରକାର ଓ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଭାଜପା ସରକାର ପ୍ରଶାସନିକ କଳ ଓ ନିର୍ବାଚନ ଅଧିକାରୀଙ୍କୁ ଅସ୍ତ୍ର କରି ବିରୋଧୀଙ୍କ ଉପରେ ଚାପ ପକାଉଛି ବୋଲି କହିଥିଲେ। ସେଠାରେ ବିଜେଡି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବିଜେଡି ନେତା ରାଜେଶ ନିଗମ, ରାଜୁ ଚୌହାନ, ଅନନ୍ତ ନାରାୟଣ ଜେନା, ସଞ୍ଜୟ କୁମାର ସେଠୀ, ଆକାଶ ପଣ୍ଡା, ବଲାଙ୍ଗୀର ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ଲେଙ୍କା ସାହୁ, ବିଭୂତି ମିଶ୍ର, ଚିରାଗ ସିଂଦେଓ ପ୍ରମୁଖ ଅଧିକାରୀଙ୍କୁ ଘେରିଯାଇ ପ୍ରଶ୍ନ କରିଥିଲେ। ଭୋଗରାଇ ବିଧାୟକ ଦାସ ଏହି ଘଟଣାକୁ ନିନ୍ଦା କରିବା ସହ ଭାଜପା ପ୍ରଶାସନକୁ ଧରି ଏଭଳି ଚାପ ପକାଉଛି ବୋଲି ଅଭିଯୋଗ କରିଥିଲେ। ପୂର୍ବାହ୍ନରେ ବିଜେଡି ଜିଲାପାଳ ଅଫିସ ଘେରାଉ କରି ଜିଲାପାଳ ଏବଂ ଏସପିଙ୍କ ବଦଳି ଦାବି କରିବା ପରେ ପ୍ରଶାସନ ଏଠାକୁ ଆସି ଏଭଳି କାଣ୍ଡ କରିଛି ବୋଲି କହିଥିଲେ। ପୋଲିସ ବିଜେଡି ବିକ୍ଷୋଭକାରୀଙ୍କୁ ହଟାଇବା ପରେ ସେଇ ସ୍ଥାନରୁ ଅଧିକାରୀଙ୍କ କାର ବାହାରିଥିଲା। ଏହି ଘଟଣା ପରେ ନୂଆପଡା ଉପନିର୍ବାଚନ ଦିନକୁ ଦିନ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେଉଥିବା ଆଲୋଚନା ହେଉଛି।

**ଅପରାଧ**

# ଦୁଇ ସେନା କର୍ମଚାରୀଙ୍କୁ ଆଜୀବନ କାରାଦଣ୍ଡ

## ସ୍କୁଲ ବସ୍ ଭିତରେ ୪ବର୍ଷର ଶିଶୁକନ୍ୟାଙ୍କୁ ଯୌନ ଶୋଷଣ ମାମଲା

### ପୀଡ଼ିତାଙ୍କୁ ସାଢେ ୧୦ ଲକ୍ଷ ଦେବାକୁ ନିର୍ଦ୍ଦେଶ


ଅଭିଯୁକ୍ତ ୨ ସେନା କର୍ମଚାରୀ।

ବ୍ରହ୍ମପୁର, ୩୧।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳରେ ଥିବା ଆର୍ମି ଏଡି କଲେଜ ପରିସରରେ ଗତ ଜାନୁଆରୀ ମାସରେ ଏକ ଲଜ୍ଜାଜନକ ଘଟଣା ଘଟିଥିଲା। ଏକ ବସ୍ ଭିତରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ୨ଜଣ ସେନା କର୍ମଚାରୀ ଯୌନ ଶୋଷଣ କରିଥିଲେ। ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ମାମଲାର ବୃତ୍ତାନ୍ତ ରାୟ ଘଟଣାର ୧୦ ମାସରେ ଶୁଣାଣି କରି ସମ୍ପୃକ୍ତ ବସ୍‌ରେ କାର୍ଯ୍ୟରତ ଦୁଇ ଜଣ ସେନା କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗୁଜରାଟ ମେହେସନା ଜିଲା ସତଲାସନର ମୂଳନିବାସୀ ଭୂଟେଦିଆ ଜଏସ କୁମାର (୩୦) ଓ ଦେଓଗଡ଼ ଜିଲା ବରକୋଟ ଥାନା ଅନ୍ତର୍ଗତ ବାଇଧର ଗାଁର ହସେଲଦାର ମୁଣ୍ଡା (୩୭)। ଜଏସ କୁମାର ଗୋପାଳପୁର ଆର୍ମି ଏଡି କଲେଜରେ ହାବିଲଦାର ଭାବେ କାର୍ଯ୍ୟ କରୁଥିବା ବେଳେ ହସେଲଦାର ଆର୍ମି ଏଡିକଲେଜର ନାୟକ ରୂପେ କାର୍ଯ୍ୟ କରୁଥିଲେ। ଜଜ୍ ପ୍ରତ୍ୟେକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୧୦ ହାଜର ଲେଖାଏ ଜରିମାନା ଦେବାକୁ ଶୁଣାଣିରେ ଉଲ୍ଲେଖ କରିଛନ୍ତି। ଉଭୟ ଅଭିଯୁକ୍ତଙ୍କଠାରୁ ଆଦାୟ ୨୦ ହଜାର ଜରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ ୨ ଅଭିଯୁକ୍ତ ୬ମାସ ଲେଖାଏ ଅଧିକ ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଜଜ୍ ପୀଡ଼ିତାଙ୍କୁ ସାଢେ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗତ ଜାନୁଆରୀ ୨ ତାରିଖରେ ଗୋପାଳପୁର ଥାନା ଅନ୍ତର୍ଗତ ଆର୍ମି ଏଡି କଲେଜ ପରିସରରେ ଥିବା ଏକ ଇଂଲିଶ ମାଧ୍ୟମ ସ୍କୁଲରେ ପଢୁଥିବା ଜଣେ ୪ବର୍ଷର ଶିଶୁକନ୍ୟାଙ୍କୁ ଭୟଭୀତ କରି ଏକ ସ୍କୁଲ ବସ୍ ଭିତରେ ଯୌନ ଶୋଷଣ କରାଯାଇଥିଲା। ପୀଡ଼ିତା ଛାତ୍ରୀଙ୍କ ଚିତ୍କାର ଶୁଣି ବସ୍‌ଷ୍ଟପ୍ ନିକଟରେ ଅପେକ୍ଷା କରିଥିବା ତାଙ୍କ ଜେଜେ ମା' ବସ୍ ଭିତରକୁ ଯାଇ ତାଙ୍କ ନାତୁଣୀଙ୍କୁ ଏଭଳି ଲଜ୍ଜାଜନକ ଅବସ୍ଥାରେ ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ତାଙ୍କ ବୋହୂ ଓ ପରେ ପୁଅଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ଏନେଇ ଜାନୁଆରୀ ୩ ତାରିଖରେ ଗୋପାଳପୁର ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ପୀଡ଼ିତାଙ୍କ ବୟାନକୁ ଆଧାରକରି ନଂ. ୦୨/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଉକ୍ତ ବସ୍‌ରେ ଡ୍ରାଇଭର ଥିବା ଜଏସ କୁମାର ଓ ହେଲ୍‌ପର ହସେଲଦାରଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହେବା ପରେ ଉଭୟଙ୍କୁ ଗତ ଜାନୁଆରୀ ୪ ତାରିଖରେ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଥିଲା। ତଦନ୍ତକାରୀ ଅଧିକାରୀ ତଥା ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡା ଏନେଇ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବିଚାରାଧୀନ ବନ୍ଦୀ ଭାବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ଏଫ୍‌ଏମ୍‌ଟି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପା ଦାଶଙ୍କ ମେଡିକାଲ ରିପୋର୍ଟ ଓ ସମସ୍ତ ପ୍ରମାଣକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ମୋଟରସାଇକେଲ ଡିକି ଭାଙ୍ଗି ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୁଟ୍

ଗୁଡଭେଲା,୩୧।୧୦
(ମନୋଜ କୁମାର ଜୈନ)

ଶୁକ୍ରବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ବଲାଙ୍ଗୀର ଜିଲା ତୁଷୁରା ସହରର ମୁଖ୍ୟ ଛକଠାରେ ଥିବା ଏକ ଫ୍ୟାନ୍ସି ଦୋକାନ ଆଗରେ ଥୁଆ ହୋଇଥିବା ବାଇକ୍ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ପ୍ରାୟ ୫ ଲକ୍ଷ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ତୁଷୁରା ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛି।

ପ୍ରକାଶ ଯେ, ତୁଷୁରା ଏନ୍‌ଏସି ଅଧୀନ ନଅଗାଁ କଲୋନୀର ରିଙ୍କୁ ଷଡ଼ଙ୍ଗୀ ଓ ସାଧୁରାମ ଷଡ଼ଙ୍ଗୀ ତୁଷୁରା ଷ୍ଟେଟବ୍ୟାଙ୍କରୁ ୫ ଲକ୍ଷ ୧୦ ହଜାର ଟଙ୍କା ଉଠାଣ କରିଥିଲେ। ଉକ୍ତ ଟଙ୍କାକୁ ବାଇକ୍ ଡିକିରେ ରଖି ସେମାନେ ବ୍ୟାଙ୍କଠାରୁ ମାତ୍ର ଏକ କିଲୋମିଟର ଦୂରରେ ଥିବା ଉକ୍ତ ଫ୍ୟାନ୍ସି ଦୋକାନ ଆଗରେ ଗାଡି ରଖି କିଛି କିଣିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଘଟଣାର ତଦନ୍ତ ଚାଲିଛି, ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତୁଷୁରା ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି।

# ବଳାତ୍କାର ଉଦ୍ୟମ ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ

ଛେଣ୍ଡିପଦା,୩୧।୧୦ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଫାଷ୍ଟ ଟ୍ରାକ୍ କୋର୍ଟରେ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତ କଣିହାଁ ଥାନା ତେଲିସିଙ୍ଗା ଗାଁର ସନ୍ତୋଷ କୁମାର ନାଏକଙ୍କୁ ଶୁକ୍ରବାର ୫ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୬ ଜୁଲାଇ ୨୦୧୪ରେ ସମ୍ପୃକ୍ତା ନାବାଳିକା ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ୨୭ ତାରିଖରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୪୧/୧୪ରେ ମାମଲା ରୁଜୁ କରି ତତ୍କାଳୀନ ଥାନା ଅଧିକାରୀ ଓ ଏସ୍‌ଆଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ସନ୍ତୋଷଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିଲେ। ଏହି ମାମଲାକୁ ସହକାରୀ ଓକିଲ ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

# ୮୦୦ ଟଙ୍କା ଲାଞ୍ଚ ମାମଲାରେ ୨ ବର୍ଷ ଜେଲ

ବନ୍ତଲା,୩୧।୧୦ (ସୁଶିତ ସାହୁ)

୮ ଶହ ଟଙ୍କା ଲାଞ୍ଚ ନେବା ମାମଲାରେ ଅନୁଗୋଳ ବ୍ଲକ କୁମୁରିସିଂହାର ପୂର୍ବତନ ରାଜସ୍ୱ ନିରୀକ୍ଷକ ଗୁଣନିଧି ନାୟକଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ସୂଚନା ଅନୁଯାୟୀ, ୨୦୧୩ ମାର୍ଚ୍ଚ ୧୫ରେ ଏକ ମ୍ୟୁଟେଶନ କେସ୍‌ର ଯାଞ୍ଚ କରି ରିପୋର୍ଟ ପଠାଇବା ପାଇଁ ପୂର୍ବତନ ରାଜସ୍ୱ ନିରୀକ୍ଷକ ନାୟକ ଅଞ୍ଜନା ବେହେରାଙ୍କ ପୁଅଙ୍କଠାରୁ ୧୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଅଧିକାରୀମାନେ ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କୁ ୮ଶହ ଟଙ୍କା ଲାଞ୍ଚ ନେବା ବେଳେ ଧରିଥିଲେ। ମାମଲାର ଶୁଣାଣି କରି ଅନୁଗୋଳର ସ୍ୱତନ୍ତ୍ର ବିଚାରପତି ରାଜଲକ୍ଷ୍ମୀ ପଟ୍ଟନାୟକ ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ଦେଇଥିଲେ ବୋଲି ସରକାରୀ ଓକିଲ ଅଶ୍ୱିନୀ କୁମାର ମଲ୍ଲିକ କହିଛନ୍ତି।

# ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ

## ଛୁଟି ମଞ୍ଜୁର ପାଇଁ ନେଉଥିଲେ ଲାଞ୍ଚ

ଫୁଲବାଣୀ/ଦାରିଙ୍ଗବାଡ଼ି, ୩୧।୧୦(ରାକେଶ କୁମାର ରାଉତ/ଅରୁଣ ସାହୁ)


କୁମରମଣି ମଳିକ

ଜଣେ ମହିଳା ରୋଷେୟା ତଥା ଆଟେଣ୍ଡାଣ୍ଟଙ୍କ ଛୁଟି ମଞ୍ଜୁର କରିବା ପାଇଁ ଲାଞ୍ଚ ନେଇ ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କୁ ଫୁଲବାଣୀ ଭିଜିଲାନ୍ସ ଟିମ୍ ଗିରଫ କରିଛି। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ୍ ବୁଢ଼ାଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମହିଳା ରୋଷେୟା ତଥା ଆଟେଣ୍ଡାଣ୍ଟ ସୁରେଖା ପ୍ରଧାନ(୩୧)ଙ୍କ ଛୁଟି ମଞ୍ଜୁର କରିବା ପାଇଁ ପ୍ରଧାନଶିକ୍ଷକ କୁମରମଣି ମଳିକ ଅର୍ଥ ଦାବି କରିଆସୁଥିଲେ। ଏଥିପାଇଁ ସେ ବାରମ୍ବାର ଫୋନରେ ମଧ୍ୟ ଅର୍ଥ ଦାବି କରୁଥିଲେ। ଏହାର ପ୍ରମାଣକୁ ସୁରେଖା ନିଜ ମୋବାଇଲ କଲ୍ ରେକର୍ଡରେ ରଖି ସେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ।

ପ୍ରଧାନଶିକ୍ଷକ ନିଜ ଫୋନ୍ ପେ'ରେ ଏହି ଅର୍ଥ ଦାବି କରିଥିଲେ। ଦାବି ମୁତାବକ ଅଭିଯୋଗକାରୀ ସୁରେଖା ପ୍ରଧାନଶିକ୍ଷକଙ୍କୁ ନିଜ ଫୋନ ପେ'ରୁ ୪ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ଡିଏସ୍‌ପି ହେମନ୍ତ ମହାନ୍ତିଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ କାବୁ କରିଥିଲା। ଏହି ସମୟରେ ତାଙ୍କଠାରୁ ଲାଞ୍ଚ ଗ୍ରହଣ କରିଥିବା ମୋବାଇଲ ଫୋନ ଓ ଅନ୍ୟ ଆବଶ୍ୟକ ପ୍ରମାଣ ଜବତ କରାଯାଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ୧୬/୨୫ ମାମଲା ରୁଜୁ କରାଯାଇ ଅଧିକା ତଦନ୍ତ ଜାରି ଥିବା ଭିଜିଲାନ୍ସ ଡିଏସ୍‌ପି ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟଟି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ପଛୁଆବର୍ଗ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଛି।

# ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଝାରବନ୍ଧ, ୩୧।୧୦(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ଥାନା ବୈତାଲି ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ରୁକଧର ସେଠ(୪୫)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ତାଙ୍କୁ କେହି ଧାରୁଆ ଅସ୍ତ୍ରରେ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଝାରବନ୍ଧ ଥାନାରେ କେସ୍ ନଂ. ୧୪୪/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ଅନୁସାରେ, ରୁକଧର ପ୍ରତିଦିନ ପରି ଶୁକ୍ରବାର ଭୋର ୪ଟାରେ ନିକଟସ୍ଥ ଅଙ୍ଗ ନଦୀକୁ ଯାଇ ଆଉ ଫେରି ନ ଥିଲେ। ସକାଳ ୮ଟା ପର୍ଯ୍ୟନ୍ତ ନ ଫେରିବାରୁ ଘର ଲୋକେ ନଦୀକୁ ଆସି ଖୋଜାଖୋଜି କରିଥିଲେ। ସେଠାରେ ଗଦା ହୋଇଥିବା ବାଲି ଉପରେ ରକ୍ତ ଛିଟା ଏବଂ ଗାମୁଛା ପଡ଼ିଥିବା ଦେଖିବାକୁ ପାଇଥିଲେ। ବହୁତ ଖୋଜାଖୋଜି କରିବା ପରେ ରକ୍ତ ପଡ଼ିଥିବା ସ୍ଥାନରୁ ପ୍ରାୟ ୨ ଶହ ମିଟର ଦୂରରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଝାରବନ୍ଧ ପୋଲିସକୁ ଜଣାଇଥିଲେ।

# ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ: ପ୍ରଧାନ ଶିକ୍ଷକଙ୍କୁ ଜେଲ

ସମ୍ବଲପୁର,୩୧।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଧୁଡ଼ିପାଲି ଗ୍ରାମରେ ଥିବା ଆବାସିକ ପ୍ରାଥମିକ ବିଦ୍ୟାଳୟର ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ପ୍ରଧାନ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ବିଚାରପତି। ଏହି ମାମଲାର ବିଚାର କରି ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ୧୨ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣର ତର୍ଜମା କରି ଶୁକ୍ରବାର ତାଙ୍କ ରାୟରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ବେଦବ୍ୟାସ ପଟେଲ(୬୨)ଙ୍କୁ ୮ପୋକ୍‌ସୋ ଆଇନରେ ୪ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୬ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପୀଡ଼ିତାଙ୍କୁ କ୍ଷତିପୂରଣ ସ୍ୱରୂପ ଆବଶ୍ୟକ ବିଚାର ପୂର୍ବକ ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ସେନାପତି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ପୀଡ଼ିତା ଛାତ୍ରୀ(୧୨) ବିଦ୍ୟାଳୟରେ ରହି ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ତେବେ ସେ ଅସୁସ୍ଥ ହେବାରୁ ନିଜ ଘର ଝାରପୁର ଗ୍ରାମକୁ ଚାଲିଯାଇ ଚିକିତ୍ସିତ ହୋଇଥିଲେ। ସେ ସୁସ୍ଥ ହେବା ପରେ ପୁଣି ବିଦ୍ୟାଳୟକୁ ଫେରିଥିଲେ। ପ୍ରଧାନ ଶିକ୍ଷକ ବେଦବ୍ୟାସ ତାଙ୍କୁ ଚିକିତ୍ସା ପାଇଁ ଇଞ୍ଜେକ୍ସନ ନେବାକୁ ପଡ଼ିବ ବୋଲି କହି ଗତ ୨୦୧୮ ଫେବୃଆରୀ ୧୭ରେ ବିଦ୍ୟାଳୟରୁ ତାଙ୍କ ବାଇକ୍‌ରେ ବସାଇ ଡାକ୍ତରଖାନା ଅଭିମୁଖେ ବାହାରିଥିଲେ। ମାତ୍ର ଡାକ୍ତରଖାନାକୁ ନ ଯାଇ ସେ ବାଟରେ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏହାର ପ୍ରତିରୋଧ କରି କାନ୍ଦିବାରୁ ସେ ଛାତ୍ରୀଙ୍କୁ ଆଣି ତାଙ୍କ ଘର ନିକଟରେ ଛାଡ଼ି ଦେଇ ସେଠାରୁ ଫେରାର୍ ହୋଇଯାଇଥିଲେ। ଛାତ୍ରୀ ଜଣକ ଘରକୁ ଆସି ପରିବାର ଲୋକଙ୍କୁ ସବୁକଥା କହିଥିଲେ। ତାଙ୍କଠାରୁ ସବୁକଥା ଶୁଣି ତା'ପରଦିନ ଅର୍ଥାତ ଫେବୃଆରୀ ୧୮ରେ ପରିବାର ଲୋକେ ଛାତ୍ରୀଙ୍କୁ ସାଙ୍ଗରେ ନେଇ କୁଚିଣ୍ଡା ଥାନାରେ ଏତଲା ଦେଇଥିଲେ। ଛାତ୍ରୀଙ୍କ ବୟାନ ଓ ତାଙ୍କ ପିତାଙ୍କ ଏତଲା କ୍ରମେ ଏକ ମାମଲା (ନଂ. ୪୯/୨୦୧୮) ରୁଜୁ ହୋଇଥିଲା। ପୋଲିସ ତଦନ୍ତକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୮ ଏପ୍ରିଲ୍ ୩୦ରେ ପୋଲିସର ଚାର୍ଜଶିଟ୍ ଦାଖଲ ପରେ ପୋକ୍‌ସୋ ଅଦାଲତରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇ ଶୁକ୍ରବାର ଏହାର ରାୟ ପ୍ରକାଶ ପାଇଛି।

# ରାଜା ଚକ୍ର, ସୁଶାନ୍ତଙ୍କ ଜାମିନ ଆବେଦନ ଖାରଜ

## ଗନ୍ଧମାର୍ଦ୍ଧନ ଲୋଡିଂ ଟ୍ରାନ୍ସପୋର୍ଟିଂ ଦୁର୍ନୀତି ମାମଲା

କଟକ,୩୧।୧୦(କାର୍ତ୍ତିକ ସାହୁ)

କେନ୍ଦୁଝରସ୍ଥିତ ଗନ୍ଧମାର୍ଦ୍ଧନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲିମିଟେଡ୍‌ରେ ଆର୍ଥିକ ଦୁର୍ନୀତି ମାମଲାରେ ଗିରଫ ମୁଖ୍ୟ ଅଭିଯୁକ୍ତ ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଏବଂ ଅନ୍ୟତମ ଅଭିଯୁକ୍ତ ସୁଶାନ୍ତ କୁମାର ସାମଲଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ଅପରାଧ ଗୁରୁତର ଦୃଷ୍ଟିରୁ ଜାମିନ ଆବେଦନକୁ ଖାରଜ କରିଦେଇଥିବା ରାୟରେ ଦର୍ଶାଇଛନ୍ତି।

ସୂଚନାନୁସାରେ, ଗନ୍ଧମାର୍ଦ୍ଧନ ଲୋଡିଂ ଏଜେନ୍ସି ଏବଂ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ସଂସ୍ଥା କେନ୍ଦୁଝର ଜିଲାରେ ଖଣିଖାଦାନ ଅଞ୍ଚଳର ବିକାଶ ପାଇଁ ଗଠିତ ହୋଇଥିଲା। କେତେକ ବ୍ୟକ୍ତି ବିକାଶ ନାମରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଆତ୍ମସାତ କରୁଥିବା ଇକୋନୋମିକ ଅଫେନ୍ସ ୱିଙ୍ଗ (ଇଓଡବ୍ଲ୍ୟୁ)ରେ ଅଭିଯୋଗ ହୋଇଥିଲା। ୨୦୧୭-୧୮ରୁ ୨୦୨୩-୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଗନ୍ଧମାର୍ଦ୍ଧନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲି. ୧୮୫ କୋଟି ଟଙ୍କା ଲାଭ କରିଥିବା ଖାତାରେ ଦର୍ଶାଇଥିଲେ। ୨୦୧୨-୧୩ରୁ ୨୦୨୪ ପର୍ଯ୍ୟନ୍ତ ସୋସାଇଟିର କୌଣସି ଅଡିଟ କରାଯାଇନାହିଁ। ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ପାଇଁ ସଂସ୍ଥା ପକ୍ଷରୁ ୩୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ମାତ୍ର ସେଥିରେ କୌଣସି ଅର୍ଥ ଖର୍ଚ୍ଚ ହୋଇ ନ ଥିବା ୨ ଜଣ ବିଡିଓ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ ସୋସାଇଟିର ଗାଡ଼ି ବଦଳରେ ରାଜା ଚକ୍ରଙ୍କ ନିଜ ଗାଡ଼ି, ମେସିନେରି ବ୍ୟବହାର କରି ସେଥିରେ ୯.୧ କୋଟି ଟଙ୍କାର ତେଲ ପକାଇବା ବାବଦରେ ତାଙ୍କ ନାମରେ ଥିବା ମା' କାଳୀ ପେଟ୍ରୋଲ ପମ୍ପକୁ ଏହି ଟଙ୍କା ପ୍ରଦାନ କରିଛି ଗନ୍ଧମାର୍ଦ୍ଧନ ଏଜେନ୍ସି। ସେହିପରି ବିଭିନ୍ନ ଗାଁ ଲୋକଙ୍କ ମୁହଁକୁ ଚୁପ କରି ସମର୍ଥନ ପାଇବା ପାଇଁ ସଂସ୍ଥା ପକ୍ଷରୁ ଗତ ୪ ବର୍ଷରେ ୩୩ କୋଟି ଟଙ୍କା ବଣ୍ଟନ କରାଯାଇଛି। ଶ୍ରମିକଙ୍କୁ ଦେୟ ଓ ଲୋଡିଂ ଖର୍ଚ୍ଚ ପାଇଁ ୭୪ କୋଟି ଟଙ୍କା ଦିଆଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ମାମଲାରେ ରାଜା ଚକ୍ର ଏବଂ ତାଙ୍କ ସ୍ତ୍ରୀ ରୂପାଲି ପଟ୍ଟନାୟକଙ୍କ ନାଁରେ ଥିବା ୨ଟି ଯାତ୍ରୀବାହୀ ଗାଡ଼ି, ୪୦ଟି ହାଇୱା ଗାଡ଼ିକୁ ଇଓଡବ୍ଲ୍ୟୁ ଜବତ କରିଛି। ଏଥିସହ ରାଜା ଚକ୍ରଙ୍କ ୨ଟି ସ୍କ୍ରିନିଂ ପ୍ଲାଣ୍ଟକୁ ମଧ୍ୟ ଜବତ କରାଯାଇଛି। ତେବେ ରାଜା ଚକ୍ର ଓ ତାଙ୍କ ସହଯୋଗୀ ଗିରଫ ହୋଇ ଏବେ ଜେଲରେ ଥିବାବେଳେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

# ଜଳ ସମ୍ପଦ ବିଭାଗକୁ ଆହୁରି ଦକ୍ଷ, ସ୍ମାର୍ଟ କରାଯିବ



ଭୁବନେଶ୍ୱର,୩୧।୧୦(ସୁନିତ୍ ମିଶ୍ର)

- ରାଜ୍ୟର ହାଇଡ୍ରୋଲୋଜିକାଲ ତଥ୍ୟ ଅନୁଧ୍ୟାନକଲେ ମୁଖ୍ୟମନ୍ତ୍ରୀ
- କର୍ମଚାରୀଙ୍କୁ ଅଧିକ ପ୍ରତିବଦ୍ଧତାର ସହ କାମ କରିବାକୁ ପରାମର୍ଶ ଦେଲେ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ପୂର୍ବାହ୍ନରେ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ପରିଦର୍ଶନ କରି ବିଭାଗର ବିସ୍ତୃତ କାର୍ଯ୍ୟାବଳୀ ସମ୍ପର୍କରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗରେ ପହଞ୍ଚି ପ୍ରଥମେ ଅଷ୍ଟମ ମହଲାସ୍ଥିତ ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ର ଯାଇ ସେଠାରେ ଥିବା ରାଜ୍ୟର ବିଭିନ୍ନ ଜଳଭଣ୍ଡାର ଓ ନଦୀଗୁଡ଼ିକରେ ଜଳ ସ୍ଥିତି ଅନୁଧ୍ୟାନ କରିବା ସହ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବୁଝିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ଜଳ ବିଜ୍ଞାନ କେନ୍ଦ୍ରର ତଥ୍ୟ ଅନୁଯାୟୀ ଯଥାସମୟ ଭିତ୍ତିରେ ରାଜ୍ୟରେ ଜଳ ପରିଚାଳନା କରାଯାଇଥାଏ। ଏହାପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉପବିଭାଗ ପରିଦର୍ଶନକରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତକରି କହିଥିଲେ, ରାଜ୍ୟ ସରକାରଙ୍କ ଲକ୍ଷ୍ୟ ପୂରଣ ପାଇଁ ଆପଣମାନେ ଆହୁରି ପ୍ରତିବଦ୍ଧତାର ସହ କାମ କରନ୍ତୁ।

ପରିଦର୍ଶନ ପରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିସହ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବାକୁ ଆମେ ସୁନିଶ୍ଚିତ କରୁଛୁ। ଏହାକୁ ଦୃଷ୍ଟିରେ ରଖି ବିଭାଗକୁ ଆହୁରି ଦକ୍ଷ ଓ ସ୍ମାର୍ଟ କାର୍ଯ୍ୟାଳୟରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ କଲେଜରେ ଉତ୍ତେଜନା

## ପୀଡ଼ିତାଙ୍କ ବୟାନ ରେକର୍ଡ, ଅଧ୍ୟାପକ ଗିରଫ

ରାୟଗଡ଼ା,୩୧।୧୦ (ଆଶିଷ ରଞ୍ଜନ ପଣ୍ଡା)



ଏସ୍‌ଡିପିଓ ଗୌରହରି ସାହୁ ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା ସହରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ (ୟୁଜିଏମ୍‌ଆଇଟି) କଲେଜର ଅଧ୍ୟାପକ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଶୁକ୍ରବାର କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀଛାତ୍ର ଅନୁଷ୍ଠାନ ଆଗରେ ଧାରଣାରେ ବସିବା ସହ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଛାତ୍ରୀ ଜଣକ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ବୟାନ ରେକର୍ଡ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଧ୍ୟାପକ ପ୍ରଦୀପ ତ୍ରିପାଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରାୟଗଡ଼ା ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଡିପ୍ଲୋମା ପ୍ରଥମ ସେମିଷ୍ଟରର ଜଣେ ଛାତ୍ରୀଙ୍କୁ ଗଣିତ ବିଭାଗ ଅଧ୍ୟାପକ ପ୍ରଦୀପ ତ୍ରିପାଠୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଛାତ୍ରୀ ଜଣକ ଗତ ୨୫ ତାରିଖରେ କଲେଜ ଅଧକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ କଲେଜ ଇଣ୍ଟରନାଲ କମିଟି ଯାଞ୍ଚ କରିଥିଲେ ହେଁ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ମାର୍କ କାଟିଦେବା ନେଇ ଧମକ ଦିଆଯାଇଥିବା ଛାତ୍ରୀ ଜଣକ କହିଛନ୍ତି। ପୂର୍ବରୁ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ହୋଇଥିବା ନେଇ ଅନୁଷ୍ଠାନର ଛାତ୍ରୀଛାତ୍ର କହିଛନ୍ତି। ତେଣୁ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଛାତ୍ରୀଛାତ୍ର କଲେଜକୁ ଘେରାଉ କରିବା ସହ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଅନୁଷ୍ଠାନର ଫାଟକ ବନ୍ଦ କରି ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଅଟକ ରଖିଥିଲେ। ଏହାକୁ ନେଇ କଲେଜରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ କଲେଜରେ ପହଞ୍ଚିଥିଲେ ମଧ୍ୟ ଛାତ୍ରୀଛାତ୍ର ସେମାନଙ୍କୁ ଭିତରକୁ ଛାଡ଼ି ନ ଥିଲେ। ଏସ୍‌ଡିପିଓ ଗୌରହରି ସାହୁ, ଆଇଆଇସି ପ୍ରସନ୍ନ କୁମାର ବେହେରା ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଖବରପାଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବରିଷ୍ଠ କଂଗ୍ରେସ ନେତା ଦୁର୍ଗାପ୍ରସାଦ ପଣ୍ଡା ପହଞ୍ଚି ଭିତରକୁ ଯାଇ ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଆସି ଘଟଣାର ସମାଧାନ କରିବାକୁ ଛାତ୍ରୀଛାତ୍ର ଦାବି କରିଥିଲେ। ବିଭିନ୍ନ ରାଜନୈତିକ ଦଳ ଭାଜପା, ବିଜେଡି ନେତା କଲେଜରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଆଦିବାସୀ ନେତା ଗଙ୍ଗାଧର ପୁଆଲା, ରାୟଗଡ଼ା ବ୍ଲକ୍ ଉପାଧ୍ୟକ୍ଷ ହରପ୍ରସାଦ ହେପୃକାଙ୍କ ସହ ଆଦିବାସୀ ନେତା ଉପସ୍ଥିତ ରହି ପୀଡ଼ିତା ଛାତ୍ରୀଙ୍କୁ ସମର୍ଥନ ପୂର୍ବକ ଥାନାରେ ଏତଲା ଦେବାକୁ ଦାବି କରିଥିଲେ। ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ଛାତ୍ରୀ ଜଣକ ମା'ବାପାଙ୍କ ସହ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ କେସ୍ ନଂ. ୩୯୯/୨୫ରେ ମାମଲା ରୁଜୁ କରାଯାଇଛି।

ଅନ୍ୟପଟେ ଏହି ମାମଲାକୁ ଚାପିଦେବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟ କିଛି ଯୁବଗୋଷ୍ଠୀ ଚେଷ୍ଟା କରିଥିବା ଆଦିବାସୀ ନେତା ଗଙ୍ଗାଧର ପୁଆଲା ଓ ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା ଅଭିଯୋଗ କରିଛନ୍ତି। ତେବେ ଛାତ୍ରୀଛାତ୍ର ଧାରଣା ଦେବା ସମୟରେ ରିଂରୋଡ୍‌ରେ ଭିଡ଼ ଜମାଇବା କାରଣରୁ ଅଞ୍ଚଳବାସୀ ଓ ସ୍କୁଲ ଛାତ୍ରୀଛାତ୍ର ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ପୁଅର ଚିକିତ୍ସା ପାଇଁ ରାଶନ କାର୍ଡକୁ ବନ୍ଧକ ଦେଲେ ମା'

ସୋନପୁର,୩୧।୧୦ (ମୃତ୍ୟୁଞ୍ଜୟ ଶତପଥୀ)

- କ୍ରୀଡ଼ା ପ୍ରତିଯୋଗିତାବେଳେ ପଡ଼ିଯାଇ ଆହତ ହୋଇଥିଲେ
- କର୍ତ୍ତବ୍ୟରେ ଅବହେଳା ପାଇଁ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ନିଲମ୍ବିତ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଧୁରପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଚିକିତ୍ସା ପାଇଁ ତାଙ୍କ ମାଆ ରାଶନକାର୍ଡ଼ ବନ୍ଧକ ପକାଇ ଟଙ୍କା ଆଣିଥିବା ଆଲୋଚନା ହେଉଛି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। କ୍ରୀଡା ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ଆହତ ହୋଇଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ଛାତ୍ରଙ୍କ ମାଗଣା ଚିକିତ୍ସା ହୋଇଥିଲା। ଏହି ଘଟଣାରେ ସୁବର୍ଣ୍ଣପୁର ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ଭୋଇଙ୍କୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ମୀନାରାଣୀ ମଙ୍ଗଳ ଶୁକ୍ରବାର ନିଲମ୍ବନ କରିଛନ୍ତି। ଜିଲାପାଳ ଡ. ନୃପରାଜ ସାହୁଙ୍କୁ ନିର୍ଦ୍ଦେଶ କ୍ରମେ ଡିଇଓ ମଙ୍ଗଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡିଛି।

ସୂଚନା ଅନୁଯାୟୀ ଡୁଙ୍ଗୁରିପାଲି ବ୍ଲକର ଇଛାପୁରରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିନିକା ବ୍ଲକ ସିନ୍ଧୁରପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର କ୍ରିଷ୍ଣା ନାଏକ ଅଂଶଗ୍ରହଣ କରିଥିଲେ। ତେବେ ଉଚ୍ଚ ଡିଆଁ ବେଳେ ତଳେ ପଡି ଯାଇ କ୍ରିଷ୍ଣାଙ୍କ ହାତ ଭାଙ୍ଗି ଯାଇଥିଲା। ଏହି ଘଟଣାରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ଛାତ୍ର ପ୍ରତି ସମବେଦନା ଜଣାଇ ନ ଥିବା ଅଭିଯୋଗ ହୋଇଥିଲା। କ୍ରିଷ୍ଣାଙ୍କ ଚିକିତ୍ସା ପାଇଁ ପରିବାର ଲୋକ ଅସୁବିଧା ଭୋଗିଥିଲେ। ଏପରିକି କ୍ରିଷ୍ଣାଙ୍କ ଚିକିତ୍ସା ପାଇଁ ମା ପଦ୍ମିନୀ ନିଜର ରାଶନ କାର୍ଡକୁ ବନ୍ଧକ ଦେଇ ପ୍ରତିବଦଳରେ ଟଙ୍କା ଆଣିଥିବା ମଧ୍ୟ ଆଲୋଚନା ହୋଇଥିଲା। ଜିଲାପାଳଙ୍କ ହସ୍ତକ୍ଷେପ ପରେ କ୍ରିଷ୍ଣାଙ୍କ ମାଗଣା ଚିକିତ୍ସା ହୋଇଥିଲା। ତେଣୁ କର୍ତ୍ତବ୍ୟରେ ଅବହେଳା କାରଣରୁ ଜ୍ୟୋତିକାନ୍ତଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆ ଯାଇଥିବା ଜଣାପଡିଛି।

# ଭିନ୍ନକ୍ଷମ କଲେଜ ଛାତ୍ରୀଛାତ୍ର ପାଇବେ ଆବଶ୍ୟକ ପଢ଼ା ଉପକରଣ

## ଏସ୍‌ଏସ୍‌ଇପିଡି ପକ୍ଷରୁ ଜିଲାପାଳମାନଙ୍କୁ ତଥ୍ୟ ଦାଖଲ ନିର୍ଦ୍ଦେଶ

ଯାଜପୁର,୩୧।୧୦(ହର୍ଷବର୍ଦ୍ଧନ ବେହେରା)

ଉଚ୍ଚ ଶିକ୍ଷା ବିଭାଗ ଅଧୀନ ସରକାରୀ କଲେଜଗୁଡିକର ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ପଢ଼ା ଉପକରଣ ଯୋଗାଇ ଦିଆଯିବ। ହାଇକୋର୍ଟରେ ଏକ ସୋ-ମୋଟୋ ଡବ୍ଲ୍ୟୁପି(ସି) ନମ୍ବର ୨୧୪୦/୨୦୨୦ ମାମଲାର ବିଚାର କରି ଉପରୋକ୍ତ ପ୍ରସ୍ତାବ ଦେଇଥିଲେ। ଏହାପରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ(ଏସ୍‌ଏସ୍‌ଇପିଡି) ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଆବଶ୍ୟକ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ନିର୍ଦ୍ଦେଶରେ ଦର୍ଶାଯାଇଛି ଯେ, ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଯୋଜନା ଏସ୍‌ଏସ୍‌ଇପିଡି ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାର ଆଭିମୁଖ୍ୟ ହେଉଛି ସମାଜର ମୁଖ୍ୟସ୍ରୋତରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଆବଶ୍ୟକ ସମସ୍ତ ସେବା ଉପଲବ୍ଧ କରାଇବା। ଏହିକ୍ରମରେ ହାଇକୋର୍ଟ ମତ ଦେଇଛନ୍ତି ଯେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତବରୀ ବ୍ରେଲି ଟ୍ରାନ୍ସଲେଟର ସଫ୍ଟୱେର୍, ଅଡିଓ-ଭିଜୁଆଲ ଏଡ୍ସ, ସ୍କ୍ରିନ ରିଡର, ବ୍ରେଲି ଡିସପ୍ଲେ, ମ୍ୟାଗ୍ନିଫିକେସନ ସଫ୍ଟୱେର୍, ଆଡପ୍ଟିଭ କି-ବୋର୍ଡ ଏବଂ ମାଉସ, ସ୍ପିଚ-ଟ୍ୟାପ୍-ଟେକ୍ସଟ-ସଫ୍ଟୱେର୍, ଇ-ବୁକ୍ ଏବଂ ଅଡିଓ ବୁକ୍ ଭଳି କେତେକ ସ୍ୱତନ୍ତ୍ର ଉପକରଣ ଆବଶ୍ୟକ। ହାଇକୋର୍ଟଙ୍କ ଏହି ମତ ବିଭାଗର ସକ୍ରିୟ ବିଚାରାଧୀନ ରହିଛି। ତେଣୁ ଜିଲାପାଳମାନେ ଷ୍ଟକରେ ଉପଲବ୍ଧ ଥିବା ଉପରୋକ୍ତ ସ୍ୱତନ୍ତ୍ର ଉପକରଣଗୁଡ଼ିକୁ ସରକାରୀ କଲେଜଗୁଡ଼ିକୁ ପଠାଇବା ବ୍ୟବସ୍ଥା କରିବେ। ଯଦି ଷ୍ଟକରେ କୌଣସି ଏହି ଉପକରଣ ଉପଲବ୍ଧ ନାହିଁ, ତେବେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଆକଳନ କରି ରିପୋର୍ଟଦାଖଲ କଲେ ବିଭାଗ ପକ୍ଷରୁ ଶୀଘ୍ର କଲେଜରେ ପାଣ୍ଠି ଯୋଗାଇ ଦିଆଯିବ ବୋଲି ଏସ୍‌ଏସ୍‌ଇପିଡି ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଫୁଲବାଣୀ ଜେଲରେ ମାଷ୍ଟର ମାଇଣ୍ଡ ପିଣ୍ଟୁ

## ପୀତବାସ ପଣ୍ଡା ହତ୍ୟା ମାମଲା



ପିଣ୍ଟୁଙ୍କୁ ଜେଲ ଭିତରକୁ ନିଆଯାଉଛି।

ଫୁଲବାଣୀ,୩୧।୧୦ (ରାକେଶ କୁମାର ରାଉତ)

ଗଞ୍ଜାମ ଜିଲାର ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ମାଷ୍ଟର ମାଇଣ୍ଡ୍ ଶିବଶଙ୍କର ଓରଫ ପିଣ୍ଟୁ ଦାସଙ୍କୁ ଶୁକ୍ରବାର ଫୁଲବାଣୀ ମଣ୍ଡଳ କାରାଗାରକୁ ନିଆଯାଇଛି। ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର କୌଣସି ଜେଲରେ ତାଙ୍କ ପ୍ରତି ବିପଦ ଥିବା ଆଶଙ୍କା କରି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ତାଙ୍କୁ କଡା ସୁରକ୍ଷା ବଳୟରେ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ପିଣ୍ଟୁ ଫୁଲବାଣୀ ଆସିଥିବାରୁ ଜେଲର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଛି।

# ଦୌଡ଼ ଏକତା, ସମନ୍ୱୟ, ଦେଶପ୍ରେମର ପ୍ରତୀକ: ମୁଖ୍ୟମନ୍ତ୍ରୀ

## ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀରେ ରନ୍ ଫର୍ ୟୁନିଟି

ଭୁବନେଶ୍ୱର,୩୧।୧୦(ସୁନିତ୍ ମିଶ୍ର)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଏକତା ଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକତା, ଭାଇଚାରା ଓ ଦେଶପ୍ରେମ ଆମ ବିକଶିତ ଭାରତର ଶକ୍ତି। ଭିନ୍ନତାରେ ଏକତା ହେଉଛି ଭାରତର ଆତ୍ମା ଓ ଶକ୍ତି। ଜାତି, ଧର୍ମ, ଭାଷା, ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ। ସର୍ଦ୍ଦାର ପଟେଲଙ୍କ ଦୃଢ଼ ସଙ୍କଳ୍ପ, ଦୃଷ୍ଟିକୋଣ ବଳରେ ଆମେ ବର୍ତ୍ତମାନ ଭାରତକୁ 'ଏକ' ଦେଖୁଛୁ ବୋଲି ସେ କହିଥିଲେ। ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣକରି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇ କହିଛନ୍ତି, ଆମେ ସମସ୍ତେ ମିଳିମିଶି, ସଂଘବଦ୍ଧ ଭାବେ କାମକଲେ ଖୁବ୍‌ଶୀଘ୍ର ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବା। ଏହି ଦୌଡ଼ ହେଉଛି ସେହି ଏକତା, ସମନ୍ୱୟ ଓ ଦେଶପ୍ରେମର ପ୍ରତୀକ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୦୧୮ରେ ଗୁଜରାଟର କେଭାଡିଆଠାରେ ସର୍ଦ୍ଦାର ପଟେଲଙ୍କ ୧୮୨ ମିଟର ଉଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟି ଅନାବରଣ ହୋଇଥିଲା, ଯାହା ବିଶ୍ୱର ସର୍ବବୃହତ୍ ପ୍ରତିମା ଭାବେ ଭାରତୀୟ ଗୌରବର ପ୍ରତୀକ ହୋଇଉଠିଛି ବୋଲି ସେ କହିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇ କହିଥିଲେ, ଏହି ଦୌଡ଼ ମାଧ୍ୟମରେ ଆମେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନାକୁ ଜାଗ୍ରତ କରିବା ଓ ଏକ ସଶକ୍ତ ଭାରତ ଗଢ଼ିବାରେ ନିରନ୍ତର ଅଗ୍ରସର ହେବା ଆମ ସମସ୍ତଙ୍କ ଦାୟିତ୍ୱ। ଶେଷରେ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଧନ୍ୟବାଦ ଦେଇଥିଲେ।

# ମହିଳାମାନେ ଆତ୍ମନିର୍ଭରଶୀଳ, ସଶକ୍ତ ହେଲେ ହିଁ ସମୃଦ୍ଧ ରାଜ୍ୟ ଗଢ଼ିହେବ

## ସୁଭଦ୍ରା ଏକତା ପଦଯାତ୍ରା

ଭୁବନେଶ୍ୱର, ୩୧।୧୦(ସୁଚିସ୍ମିତା ସାହୁ)



ସୁଭଦ୍ରା ଏକତା ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀ ଓ ସୁଭଦ୍ରା ହିତାଧିକାରୀମାନେ।

ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର 'ସୁଭଦ୍ରା ଏକତା ପଦଯାତ୍ରା' ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନଠାରୁ ଆରମ୍ଭ ହୋଇ ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସ୍ୱାବଲମ୍ବୀ କରି ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନେ ଆତ୍ମନିର୍ଭରଶୀଳ ଓ ସଶକ୍ତ ହୋଇପାରିଲେ ଏକ ସମୃଦ୍ଧ ରାଜ୍ୟର ଭିତ୍ତି ପଡିବ। ରାଜ୍ୟ ସରକାରଙ୍କ ପ୍ରୟାସରେ 'ସୁଭଦ୍ରା ଯୋଜନା'ରେ ଅଦ୍ୟାବଧି ଏକ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମହିଳାମାନେ ବିକଶିତ ଭାରତ ଏବଂ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ହାସଲର ଏକ ମହତ୍ୱପୂର୍ଣ୍ଣ ଏବଂ ପ୍ରମୁଖ ମାଧ୍ୟମ, ଯାହା ଏହି ସୁଭଦ୍ରା ଏକତା ପଦଯାତ୍ରାରେ ପରିଲକ୍ଷିତ ହେଉଛି। ବିଭିନ୍ନ ସ୍ଥାନରୁ ମହିଳାମାନେ ଏକତ୍ରିତ ହୋଇ ପାରସ୍ପରିକ ଭାବବିନିମୟ ଓ ଅନୁଭୂତିର ଆଦାନପ୍ରଦାନ ଦ୍ୱାରା ଭିନ୍ନ ଏକ ସମ୍ପର୍କ ସ୍ଥାପନ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

ପଦଯାତ୍ରାରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାଶ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀମାନେ ଜାଣିବା ସହ ସେମାନଙ୍କ ପାଇଁ ରହିଥିବା ସୁବିଧାର ଲାଭ ନେବାକୁ କହିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ଓ ସାମାଜିକ କଲ୍ୟାଣ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ, ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏବଂ ସୁଭଦ୍ରା ଯୋଜନାର ହିତାଧିକାରୀ ପଦଯାତ୍ରାରେ ସାମିଲ ହୋଇଥିଲେ।

# ପୋଲିସ ଧକ୍କାରେ ବୃଦ୍ଧ ଗୁରୁତର

ବନ୍ତଳା,୩୧।୧୦(ସୁଶିତ ସାହୁ)



ଜବରଦଖଲ ଉଚ୍ଛେଦ ବେଳେ ପୋଲିସ ବୃଦ୍ଧଙ୍କୁ ଧକ୍କା ମାରୁଛି।



ସିମେଣ୍ଟ କଂକ୍ରିଟ୍ ରାସ୍ତାରେ ବୃଦ୍ଧ ଜଣକ ପଡ଼ିଯାଇଛନ୍ତି।

ଅନୁଗୋଳ ବ୍ଲକ ବଲାସିଂହା ପଞ୍ଚାୟତ ସୁରାବ ଗ୍ରାମରେ ଶୁକ୍ରବାର ଜବରଦଖଲ ଉଚ୍ଛେଦ ବେଳେ ସଦର ଥାନାର ଜଣେ ପୋଲିସ ଧକ୍କାରେ ବୃଦ୍ଧ ରାଜକିଶୋର ସାହୁ (୭୦) ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁଯାୟୀ, ରାଜକିଶୋର ଘରପାଖ ଏକ ସରକାରୀ ଜାଗାରେ ଘର କରିଛନ୍ତି। ତାଙ୍କ ଘର ପଛ ପଟେ ଜଣେ ବ୍ୟକ୍ତି ଜମି କିଣିଥିବା ବେଳେ ସେହି ଜମିକୁ ଯିବା ପାଇଁ ରାଜକିଶୋର ଦଖଲ କରିଥିବା ସରକାରୀ ଜାଗାରୁ ଘର ଉଚ୍ଛେଦ କରିବାକୁ ବେନ୍ତପୁର ରାଜସ୍ୱ ନିରୀକ୍ଷକ ଓ ଅନୁଗୋଳ ସଦର ପୋଲିସ ଗାଁରେ ପହଞ୍ଚିଥିଲେ। ସେମାନେ ମେଶିନ ଲଗାଇ ଘର ଭାଙ୍ଗିବାକୁ ଚେଷ୍ଟା କରିବା ବେଳେ ରାଜକିଶୋରଙ୍କ ପରିବାର ବିରୋଧ କରିଥିଲେ। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ରାଜକିଶୋରଙ୍କୁ ଧକ୍କା ଦେଇଥିଲେ। ଫଳରେ ରାଜକିଶୋର ସିମେଣ୍ଟ କଂକ୍ରିଟ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ତୁରନ୍ତ ପୋଲିସ କର୍ମଚାରୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆକ୍ରୋଶମୂଳକ ଭାବେ ଘର ଭାଙ୍ଗିବା ସହ ବୃଦ୍ଧ ବାପାଙ୍କୁ ପୋଲିସ ମାଡ଼ ମାରିଥିବା ରାଜକିଶୋରଙ୍କ ପୁଅ ପପୁନ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏପରି ଅଭିଯୋଗକୁ ସଦର ଥାନା ଆଇଆଇସି ମୃଣାଳ କାଲ ଖଣ୍ଡନ କରିଛନ୍ତି। ଏହା ମିଥ୍ୟା ଓ ଭିତ୍ତିହୀନ। ପୋଲିସ କେବଳ ଜବରଦଖଲ ସମ୍ମୁଖରୁ ତାଙ୍କୁ ହଟାଇ ଦେଇଥିଲା ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

# ୧୪୬ ବିଲିୟନ ଡଲାରରେ ପହଞ୍ଚିଛି ସୁନା ଚାହିଦା

ଭୁବନେଶ୍ୱର,୩୧।୧୦

୨୦୨୫ ୩ୟ ତ୍ରୈମାସିକରେ ସୁନା ଚାହିଦା (ଓଟିସି ସମେତ) ୧୩୧୩ ଟନ୍‌ରେ ଏବଂ ମୂଲ୍ୟ ଦୃଷ୍ଟିରୁ ୧୪୬ ବିଲିୟନ ଡଲାରରେ ପହଞ୍ଚିଛି। ଏହା ରେକର୍ଡ ଅନୁଯାୟୀ ସୁନା ଚାହିଦାର ସର୍ବୋଚ୍ଚ ତ୍ରୈମାସିକ ଥିଲା। ଏହି ତଥ୍ୟ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ୩ୟ ତ୍ରୈମାସିକ ୨୦୨୫ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍‌ସ ରିପୋର୍ଟରେ ଜଣାପଡ଼ିଛି । ଏହି ତ୍ରୈମାସିକରେ ନିବେଶ ଚାହିଦା ବୃଦ୍ଧି ପାଇ ୫୩୭ ଟନ୍‌ରେ ପହଞ୍ଚିଥିଲା ଏବଂ ମୋଟ ଶୁଦ୍ଧ ସୁନା ଚାହିଦାରେ ୫୫%ର ଯୋଗଦାନ ଦେଇଛି। ୩ୟ ତ୍ରୈମାସିକରେ ସୁନା ଇଟିଏଫ୍ ଅନ୍ତର୍ଜାତୀୟ ପ୍ରବାହ ସହ ଅଧିକ ୨୨୨ ଟନ୍ ବୃଦ୍ଧି ପାଇ ୨୬ ବିଲିୟନ ଡଲାରରେ ପହଞ୍ଚିଛି। ପ୍ରାୟ ସମସ୍ତ ବଜାରରେ ଅଭିବୃଦ୍ଧି ସହ ଗୋଲ୍ଡ ବାର୍ ଓ କଏନ ନିବେଶ ବାର୍ଷିକ ୧୭% ବୃଦ୍ଧି ହୋଇ ମୋଟ ୩୧୬ ଟନ୍ ରହିଛି, କିନ୍ତୁ ଏଥିରେ ଭାରତ (୯୨ ଟନ୍) ଓ ଚାଇନା (୭୪ ଟନ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଅନ୍ୟପକ୍ଷରେ ସୁନା ଅଳଙ୍କାର ଚାହିଦା, ଚଳିତ ବର୍ଷ ୫୦ଟି ରେକର୍ଡ ସୁନା ମୂଲ୍ୟ ବୃଦ୍ଧି ଯୋଗୁ ଚାପଗ୍ରସ୍ତ ହୋଇଥିଲା, ଯାହାର ୩ୟ ତ୍ରୈମାସିକରେ ବାର୍ଷିକ ଆଧାରରେ ୧୯% ହ୍ରାସ ପାଇଛି। ସୁନାର ଉଚ୍ଚ ଦର ସତ୍ତ୍ୱେ ୩ୟ ତ୍ରୈମାସିକରେ ମୋଟ ୨୨୦ ଟନ୍‌ର ଶୁଦ୍ଧ କ୍ରୟ ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କ୍ରୟ ବୃଦ୍ଧି ପାଇଛି। ଚଳିତ ବର୍ଷ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ଶୁଦ୍ଧ କ୍ରୟ ମୋଟ ୬୩୪ ଟନ ରହିଛି । ମୋଟ ସୁନା ଯୋଗାଣ ୧୩୧୩ ଟନ୍‌ର ଏକ ତ୍ରୈମାସିକ ରେକର୍ଡରେ ପହଞ୍ଚିଛି ଯାହା ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇଛି। ସୁନା ଖଣି ଉତ୍ପାଦ ବାର୍ଷିକ ଆଧାରରେ ୨% ବୃଦ୍ଧି ହୋଇ ୯୭୭ ଟନରେ ପହଞ୍ଚିଥିବା ବେଳେ ସୁନା ରିସାଇକ୍ଲିଂ ବାର୍ଷିକ ୬% ବୃଦ୍ଧି ହୋଇ ୩୪୪ ଟନ୍ ରହିଛି। ଉଚ୍ଚ ସୁନା ଦର ସତ୍ତ୍ୱେ ଏହା ଅପେକ୍ଷାକୃତ ସ୍ଥିର ରହିଛି। ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ୩ୟ ତ୍ରୈମାସିକରେ ସୁନା ମୂଲ୍ୟ ଆଉନ୍ସ ପିଛା ୪୦୦୦ ଡଲାର ଆଡ଼କୁ ବୃଦ୍ଧି ପାଇବା, ବର୍ଷ ସାରା ଏହାର ଚାହିଦାକୁ ଆଗକୁ ବଢ଼ାଉଥିବା କାରକଗୁଡିକର ଶକ୍ତି ଓ ସ୍ଥାୟିତ୍ୱକୁ ସୂଚିତ କରୁଛି। ବର୍ଦ୍ଧିତ ଭୂରାଜନୈତିକ ଉତ୍ତେଜନା, ଦୃଢ ମୁଦ୍ରାସ୍ଫୀତି ଚାପ ଓ ଅନ୍ତର୍ଜାତୀୟ ବାଣିଜ୍ୟ ନୀତିକୁ ନେଇ ରହିଥିବା ଅନିଶ୍ଚିତତା ଏହି ସୁରକ୍ଷିତ ସମ୍ପତ୍ତି ପାଇଁ ଚାହିଦା ବୃଦ୍ଧି କରିଛି । କାରଣ ନିବେଶକମାନେ ନିଜ ପୋର୍ଟଫୋଲିଓରେ ସ୍ଥିରତା ଆଣିବାକୁ ଚାହୁଁଛନ୍ତି। କ୍ରମାଗତ ଭାବେ ଦୁର୍ବଳ ହେଉଥିବା ୟୁଏସ୍ ଡଲାର, ନିମ୍ନ ସୁଧ ହାର ଆକାଂକ୍ଷା ଏବଂ ମୁଦ୍ରାସ୍ଫୀତି ଅସ୍ଥିରତାର ବିପଦ ନିବେଶ ଚାହିଦାକୁ ଆହୁରି ବୃଦ୍ଧି କରିପାରେ। ସୁନା ଚଳିତ ବର୍ଷ ଗୋଟିଏ ପରେ ଗୋଟିଏ ରେକର୍ଡ ସୃଷ୍ଟି କରିଛି ଏବଂ ବର୍ତ୍ତମାନର ପରିବେଶ ସୂଚାଉଛି ଯେ, ସୁନା ପାଇଁ ଅଧିକ ଲାଭ ସୃଷ୍ଟି ହୋଇପାରେ। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ଆଞ୍ଚଳିକ ସିଇଓ ସଚିନ୍ ଜୈନ କହିଛନ୍ତି, ୨୦୨୫ର ୩ୟ ତ୍ରୈମାସିକରେ ଭାରତର ମୋଟ ସୁନା ମୂଲ୍ୟ ୨୩% ବୃଦ୍ଧି ହୋଇ ୨୦୩,୨୪୦ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ସୁନା ଚାହିଦା ପରିମାଣ ୧୬%ର ହ୍ରାସ ପରିଲକ୍ଷିତକରି ୨୦୯.୪ ଟନ୍ ରହିଛି। ଉଚ୍ଚ ହାରାହାରି ମୂଲ୍ୟ ଦ୍ୱାରା ପରିଚାଳିତ ମୂଲ୍ୟରେ ଏହି ମଜଭୁତ ଅଭିବୃଦ୍ଧି ଏକ ସୁରକ୍ଷିତ ସମ୍ପତ୍ତି ଭାବେ ସୁନାର ସ୍ଥାୟୀ ଆକର୍ଷଣକୁ ଆହୁରି ସୁଦୃଢ଼ କରିଛି। ନିବେଶ ଚାହିଦା ପରିମାଣ ଦୃଷ୍ଟିରୁ ୨୦% ବୃଦ୍ଧି ହୋଇ ୯୧.୬ ଟନ ରହିଛି ଏବଂ ମୂଲ୍ୟ ଦୃଷ୍ଟିରୁ ୭୪% ବୃଦ୍ଧି ହୋଇ ୮୮୯୭୦ କୋଟି ଟଙ୍କା ରହିଛି।

# ଇନ୍‌ଫୋ ଭ୍ୟାଲିରେ ହେବ ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍

ଭୁବନେଶ୍ୱର,୩୧।୧୦ (ଅନୁରାଧା ମହାରଣା)


ଅଶ୍ୱିନୀ ବୈଷ୍ଣବ

ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଓଡ଼ିଶା ଆସିବେ। ଏହି ଅବସରରେ ଭୁବନେଶ୍ୱରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। ଭୁବନେଶ୍ୱରର ଇନ୍‌ଫୋ ଭ୍ୟାଲିରେ ନିର୍ମାଣ ହେବାକୁ ଥିବା ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍‌ର ଭୂମିପୂଜନ ସମାରୋହରେ ଯୋଗଦେବେ। 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜିଟାଲ ଇଣ୍ଡିଆ'ର ଦୃଷ୍ଟିକୋଣ ସହ ଏହି ପ୍ରକଳ୍ପ ଭାରତର ଅର୍ଦ୍ଧପରିବାହୀ ଉତ୍ପାଦନ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ଏହା ସହ ବୈଷ୍ଣବ ଭୁବନେଶ୍ୱରର ଲୋକସେବା ଭବନରେ ରେଳ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ

## ଆଜି ଭୂମିପୂଜା କରିବେ ଅଶ୍ୱିନୀ

ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ସାରା ରାଜ୍ୟରେ ରେଳ ଭିତ୍ତିଭୂମିକୁ ଆହୁରି ଉନ୍ନତ କରିବା ଏବଂ ସଂଯୋଗୀକରଣକୁ ଉନ୍ନତକରିବା ଏହି ଏମ୍‌ଓୟୁର ଲକ୍ଷ୍ୟ ରହିଛି। ପରେ ମନ୍ତ୍ରୀ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଚାଲିଥିବା ପୁନର୍ବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଭୁବନେଶ୍ୱର ରେଳଷ୍ଟେଶନ ପରିଦର୍ଶନ କରିବେ।

# କନ୍ଦରପୁରରେ କାନାରା ବ୍ୟାଙ୍କ ଶାଖା ଉଦ୍‌ଘାଟିତ

କଟକ ସଦର,୩୧।୧୦(ସୁଶାନ୍ତ କୁମାର ଜେନା)


ବ୍ୟାଙ୍କ ଶାଖା ଉଦ୍‌ଘାଟନ ସମାରୋହରେ ମଞ୍ଚାସୀନ ଅତିଥି।

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କଟକ-ପାରାଦୀପ ରାସ୍ତାର କନ୍ଦରପୁରଠାରେ କାନାରା ବ୍ୟାଙ୍କର ଏକ ଶାଖା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଶାଖାକୁ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏବଂ ବ୍ୟାଙ୍କର ଓଡ଼ିଶା ମୁଖ୍ୟ ଜଗଦୀଶ ଚନ୍ଦ୍ର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ମଣ୍ଡଳ ପ୍ରବନ୍ଧକ ତାପସ ରଞ୍ଜନ ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଆଞ୍ଚଳିକ ପରିଚାଳକ ଆକିଲା ଟି, କନ୍ଦରପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ, ବୈଜୟନ୍ତୀ ଜେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ସରପଞ୍ଚ ରାକେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଲୋକେ ନୂଆ ଆକାଉଣ୍ଟ ଖୋଲିଥିଲେ।

## 'ମାଇଁ ଭାରତ'ରେ ଯୋଡ଼ି ହେଲେଣି ୨ କୋଟି ଯୁବପିଢ଼ି

ଭୁବନେଶ୍ୱର,୩୧।୧୦

ଦେଶର ଯୁବକମାନଙ୍କୁ ସଶକ୍ତ କରି ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଯୋଗଦାନ ନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ମାଇଁ ଭାରତ ପ୍ଲାଟଫର୍ମ ଏକ ଅନନ୍ୟ ଉଦ୍ୟମ ରୂପେ ଉଭା ହୋଇଛି। ଆରମ୍ଭର ଦୁଇ ବର୍ଷରୁ କମ ସମୟ ମଧ୍ୟରେ ମାଇଁ ଭାରତ ୨ କୋଟିରୁ ଅଧିକ ଯୁବକ ଏବଂ ୧.୨୦ ଲକ୍ଷରୁ ଅଧିକ ସହଯୋଗୀ ସଂସ୍ଥାକୁ ଯୋଡ଼ି ଦେଶର ସବୁଠାରୁ ବଡ଼ ଡିଜିଟାଲ ପ୍ଲାଟଫର୍ମରେ ପରିଣତ ହୋଇଛି। ବର୍ତ୍ତମାନ ଏହି ପ୍ଲାଟଫର୍ମରେ ୧୪.୫ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ଅବସର ଉପଲବ୍ଧ। ଏହା ୧୬,୦୦୦ରୁ ଅଧିକ ଯୁବ କ୍ଲବ ସଦସ୍ୟ ଏବଂ ୬୦,୦୦୦ରୁ ଅଧିକ ସଂସ୍ଥାଗତ ସହଯୋଗୀଙ୍କୁ ଯୋଡୁଛି। ଏଥିରେ ସରକାରୀ ସଂସ୍ଥା, ବିଦ୍ୟାଳୟ-ମହାବିଦ୍ୟାଳୟ ଏବଂ ଅନେକ ବେସରକାରୀ ସଂଗଠନ (ଏନଜିଓ) ସାମିଲ ଅଛି। ଚଳିତ ମାସ ଆରମ୍ଭରେ କେନ୍ଦ୍ର ସରକାର ମାଇଁ ଭାରତ ମୋବାଇଲ ଆପ ଲଞ୍ଚ କରିଛନ୍ତି। ଏହି ଆପ ପୋର୍ଟାଲରେ ସବୁ ବିଶେଷତ୍ୱ ସ୍ମାର୍ଟଫୋନରେ ଉପଲବ୍ଧ ହେଉଛି।

# ବାଲାଜୀ ମାର୍ବଲ୍‌ସ ରେ' ଶେରା ଟାଇଲସ ମେଗା ଶୋ'ରୁମ୍ ଉଦ୍‌ଘାଟିତ

କଟକ,୩୧।୧୦(କାର୍ତ୍ତିକ ସାହୁ)




୧୯୯୭ ମସିହାରୁ ସମଗ୍ର ଓଡ଼ିଶାରେ ଘରେ ଘରେ କାନ୍ଥ ଓ ଚଟାଣରେ ବିଛା ଯାଇଥିବା ରେ' ଶେରା କମ୍ପାନୀର ଟାଇଲସ ଓ ମାର୍ବଲ୍‌ସ ବହୁ ସୁନାମ ଅର୍ଜନ କରିପାରିଛି। ଏହି ଅବସରରେ ବିଡାନାସୀ ସିଡିଏ ରୋଡଠାରେ ରେ' ଶେରା କମ୍ପାନୀର ନୂତନ ଆଉଟ ଲେଟ ମେସର୍ସ ବାଲାଜୀ ମାର୍ବଲ୍‌ସ ଉଦ୍‌ଘାଟିତ ହୋଇଯାଇଛି। ପାଞ୍ଚ ହଜାର ବର୍ଗ ଫୁଟ ପରମିତ ଜାଗାରେ ଏହି ଟାଇଲ ଶୋ' ରୁମ୍‌ରେ ବିଭିନ୍ନ ଭେରାଇଟିର ଚଟାଣ କାନ୍ଥ ଟାଇଲ ମାର୍ବଲ୍‌ସ ଏବଂ ଗ୍ରାନାଇଟ ଆଦି ମହଜୁଦ ରହିଛି। ଉଦ୍‌ଘାଟନ ଉତ୍ସବରେ ରେ' ଶେରା କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଦିପେଶ ପଟେଲ ଓ ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ନାରାୟଣ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ରେ' ଟାଇଲସ ମାର୍ବଲ ଏବଂ ଗ୍ରାନାଇଟ ସମସ୍ତ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ଇତ୍ୟା ରଞ୍ଜନ ସ୍ୱାଇଁ ଓ କୋ ପ୍ରୋପାଇଟର ନରେଶ ପଣ୍ଡା କହିଛନ୍ତି। କମ୍ପାନୀର କର୍ମଚାରୀ ସୁରେଶ କୁମାର ସାହୁ, ସୁଶାନ୍ତ କୁମାର ପାଢ଼ୀ, ସୁଦର୍ଶନ ପାଢ଼ୀ, ସରୋଜ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ସ୍ୱାଇଁ, ପ୍ରମୋଦ କୁମାର ବେହେରା, ରମେଶ ପଣ୍ଡା, ରଶ୍ମିତା ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ।

# ହୋଣ୍ଡା ଆକ୍ଟିଭାର ୩୫ ନିୟୁତ ଗ୍ରାହକ

ଭୁବନେଶ୍ୱର,୩୧।୧୦

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ(ଏଚ୍‌ଏମ୍‌ଏସ୍‌ଆଇ) ଆକ୍ଟିଭାର ୧୧୦, ଆକ୍ଟିଭା ୧୨୫ ଏବଂ ଆକ୍ଟିଭା-ଆଇର ଗ୍ରାହକ ସଂଖ୍ୟା ୩୫ ନିୟୁତରେ ପହଞ୍ଚିଛି। ମେଟ୍ରୋଠାରୁ ନେଇ ଛୋଟ ସହର ପର୍ଯ୍ୟନ୍ତ ଆକ୍ଟିଭାର ଉପସ୍ଥିତି ବାସ୍ତବରେ ସାରା ଭାରତରେ ରହିଛି। ୨୦୦୧ରେ ଏହା ବଜାର ପ୍ରବେଶ କରିବା ପରଠାରୁ ଦୁଇଚକିଆ ରୂପାନ୍ତରଣ କ୍ଷେତ୍ରରେ କେନ୍ଦ୍ରବିନ୍ଦୁ ହୋଇଛି ଏବଂ ଏହା ବିବିଧ ଜନସାଧାରଣଙ୍କ ମଧ୍ୟରେ ଚାଳକମାନଙ୍କ ପାଇଁ ଭରସାଯୋଗ୍ୟ ଓ ସୁଲଭ ଗମନାଗମନ ମାଧ୍ୟମ ପାଲଟିଛି। ଏଚ୍‌ଏମ୍‌ଏସ୍‌ଆଇର ଅଭିବୃଦ୍ଧି କ୍ଷେତ୍ରରେ ମଜଭୁତ ଅବଦାନ ରଖୁଥିବା ଆକ୍ଟିଭା ଭାରତୀୟ ଦୁଇଚକିଆ ବଜାରରେ ଏହି ବ୍ରାଣ୍ଡର ଉପସ୍ଥିତିରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ପ୍ରଥମ ୧୦ ନିୟୁତ ଗ୍ରାହକ ୨୦୧୫ ସୁଦ୍ଧା ହାସଲ କରାଯାଇଥିବାବେଳେ ୨୦ ନିୟୁତ ଗ୍ରାହକ ୨୦୧୮ରେ ଏବଂ ଏବେ ୩୫ ନିୟୁତ ଗ୍ରାହକ ୨୦୨୫ରେ ଯୋଡ଼ିହୋଇଛନ୍ତି ।

# କଗ୍ନିଜାଣ୍ଟର ରାଜସ୍ୱରେ ୭.୪% ବୃଦ୍ଧି

ଭୁବନେଶ୍ୱର,୩୧।୧୦

କଗ୍ନିଜାଣ୍ଟ (ନାସ୍‌ଡାକ୍: ସିଟିଏସ୍‌ଏଚ୍) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏଥିରେ କଗ୍ନିଜାଣ୍ଟର ରାଜସ୍ୱ ବାର୍ଷିକ ଆଧାରରେ ୭.୪% ଏବଂ କ୍ରମିକ ଭାବେ (ସ୍ଥିର ମୁଦ୍ରାରେ ୨.୮%) ୩.୨% ବୃଦ୍ଧି ହୋଇ ୫.୪୨ ବିଲିୟନ ଡଲାର ରହିଛି । ଅପରେଟିଂ ମାର୍ଜିନ ୧୬.୦% ରହିଛି ଯାହା ବାର୍ଷିକ ଭିତ୍ତିରେ ୧୪୦ ବେସିସ୍ ପଏଣ୍ଟ ବୃଦ୍ଧି ହୋଇଛି। ଏହାଛଡ଼ା ଆଡ୍‌ଜଷ୍ଟେଡ୍ ଅପରେଟିଂ ମାର୍ଜିନ ବାର୍ଷିକ ୭୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧିହୋଇ ୧୬.୦% ରହିଛି। ୧.୩୯ ଡଲାରର ଆଡ୍‌ଜଷ୍ଟେଡ୍ ଇପିଏସ୍ ବାର୍ଷିକ ୧୧% ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ୦.୫୬ ଡଲାରର ଜିଏଏପି ଇପିଏସ୍ ବାର୍ଷିକ ୦.୬୧ ଡଲାର ହ୍ରାସ ପାଇଛି, ଯେଉଁଥିରେ ୦.୮୦ ଡଲାରର ଏକ ଏକକାଳୀନ, ନଗଦବିହୀନ ଆୟକର ଖର୍ଚ୍ଚ ପ୍ରଭାବ ସାମିଲ ରହିଛି। ୨୦୨୫ର ସ୍ଥିର ମୁଦ୍ରା ରାଜସ୍ୱ ଅଭିବୃଦ୍ଧି ଆକଳନ ୬.୦%ରୁ ୬.୩%କୁ ବୃଦ୍ଧିପାଇଛି। ଏ ସମ୍ପର୍କରେ କଗ୍ନିଜାଣ୍ଟର ସିଇଓ, ରବି କୁମାର ଏସ୍ କହିଛନ୍ତି, '୩ୟ ତ୍ରୈମାସିକରେ କମ୍ପାନୀର ରାଜସ୍ୱ ବାର୍ଷିକ ଆଧାରରେ ୬.୫% ଓ ସ୍ଥିର ମୁଦ୍ରାରେ କ୍ରମିକ ଭାବେ ୨.୮% ବୃଦ୍ଧି ପାଇଛି, ଯାହା କ୍ରମାଗତ ଭାବେ ୫ମ ତ୍ରୈମାସିକ ପାଇଁ ଆମର ବାର୍ଷିକ ମୂଳ ରାଜସ୍ୱ ଅଭିବୃଦ୍ଧି ଏବଂ ୨୦୨୨ ପରଠାରୁ ଆମର ସବୁଠାରୁ ଶକ୍ତିଶାଳୀ କ୍ରମିକ ଅଭିବୃଦ୍ଧିକୁ ଉପସ୍ଥାପନ କରୁଛି। ଆମେ ଏହି ତ୍ରୈମାସିକରେ ୬ଟି ବଡ଼ ଡିଲ୍ ସ୍ୱାକ୍ଷର କରିଛୁ, ଯାହା ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଆମର ଡିଲ୍ ସଂଖ୍ୟାକୁ ୧୬ରେ ପହଞ୍ଚାଇଛି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D-06

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ 200ଫୁଟ ରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। **Registration, Conversion and Mutation Free. Contact: 9438220432/ 8144658008.** D-2438

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07




**Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695.** D- 76944

## LOST

ମୁଁ ଅଶୋକ କୁମାର ଗୁପ୍ତା, ପି- ୰ମୋହନ ପ୍ରସାଦ ଗୁପ୍ତା, ଗ୍ରାମ- ତାରା ଗାଁ, ଥାନା କୋଡ଼ିଙ୍ଗା, ଜିଲ୍ଲା ନବରଙ୍ଗପୁର ମୁଁ କୋଟଗାଁ, କେପିଜି ବ୍ୟାଙ୍କକୁ ଗଲାବେଳେ ମୋର ଏକ ବ୍ୟାଗ କେଉଁ ଠାରେ ହଜିଗଲା। ଉକ୍ତ ବ୍ୟାଗରେ ମୋର ଜମି ପଟ୍ଟା, ଆଧାର କାର୍ଡ,ପ୍ୟାନ କାର୍ଡ ଏବଂ କିଛି ଜମି ବିକ୍ରି ଦଲିଲ ଥିଲା। ଯଦି କେଉଁ ସହୃଦୟ ବ୍ୟକ୍ତିଙ୍କୁ ମିଳେ ଦୟାକରି ଏହି ନଂ 7682092914 ରେ ଯୋଗାଯୋଗ କରନ୍ତୁ। ଏ ନେଇ କୋଡ଼ିଙ୍ଗା ଥାନାରେ ମୁଁ ଲିଖିତ ଅଭିଯୋଗ କରିଛି। ଧ-୨୪୪୧

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 30.10.2025, I, Sarat Bala Pattnaik, W/o.- Shiba Charan Mohanty, Plot No.- 23/24, At/P.O.- Sailashree Vihar, P.S.- Chandrasekharpur, Bhubaneswar, Dist.- Khordha, PIN- 751021, Odisha declare that I have changed my name from Pravat Nalini Mohanty to Sarat Bala Pattnaik. Henceforth, I shall be known as Sarat Bala Pattnaik for all purposes.
Sarat Bala Pattnaik
D-2443

By virtue an affidavit before Executive Magistrate, Gondia, solemnly declare that I have changed my name from Laxmidhar Das to Laxman Malik. Henceforth, I shall be known as LAXMAN MALIK, S/o.- Late Bhagabat Malik, At-Nityanandapur, P.O./P.S.- Nihalprasad, Dist.- Dhenkanal for all purposes.
Laxman Malik
D-2444

By the virtue of the affidavit No.- 3143, Dtd.- 30.10.2025, before Executive Magistrate, Bhadrak, I, Arun Kumar Pagal, S/o.- Narayan Pagal, At- Narayanpur, P.O.- Narayanpur, P.S.- Dhamanagar, Dist.- Bhadrak, PIN- 756117 declare that my name is wrongly mentioned as Aruna Kumar Pagal instead of Arun Kumar Pagal. I shall be known as ARUN KUMAR PAGAL for all future purposes. D-2446

I, PHEMAS DIGAL, S/o.- PABITRA DIGAL, R/o.- Gedingia, Mungelibadi, Manikeswar, Kandhamal, Odisha- 762101 have changed my name to FEMOSH DIGAL. D-2439

By virtue of an affidavit sworn before the Executive Magistrate, Chandbali, dated- 29.10.2025, I, Gayatri Tripathy, D/o.- Bidyadhar Tripathy, Vill./ P.O.- Karanapokhari, P.S.- Bansada, Dist.- Bhadrak, PIN- 756132, Odisha declare that I have changed my name from Gayatri Panda to Gayatri Tripathy. Henceforth, I shall be known as Gayatri Tripathy for all future purposes. D-2448

I, Mandara Majhi, W/o.- Suru Majhi, At- Chaunrimahul, P.O.- Banjari, Dist.- Jharsuguda, Odisha declared by this affidavit vide No-1905, Dtd.- 01.08.2025 that my true and correct name is Mandara Majhi and onward I shall be known as Mandara Majhi for all purpose. D-2445

I, Smt. Kora Domini, declared that as per affidavit No.- 94, Dtd.- 27.10.2025, before the Executive Magistrate, Nandapur my old name K Domini has been changed to Kora Domini. Henceforth, I will be known as Kora Domini wife of late Kora Samara, At- Darliput, P.O.- Padwa Dist.- koraput for all purposes. D-2447

I, Bharati Sahoo, W/o.- Ashok Kumar Sahoo, Resident of At- Baseli Sahi, P.O/Dist./P.S.- Khordha, PIN- 752055 Odisha declare by this affidavit No.- 1948, dtd.- 22.10.2025 that now onwards I shall be known as BHARATI JAGADEV for all future purposes. D-2442

## ADVERTISEMENT

Odisha State Ophthalmological Society needs a qualified vender for conducting their office Bearer's Election 2025, voting process on line on 17th, 18th & 19th November, 2025.
Please Contact: Dr. R. C. Meher
**MEHER EYE HOSPITAL**
**ROURKELA- 769012,**
**Ph. No.: 94370 45706, 93370 57278**


## LEGAL NOTICE

IR. No.- 1572
Date- 10.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ (ଶ୍ରୀ ଆଶୁତୋଷ ସାମଲ ଓ.ଏ.ଏସ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.- ୮୩୯ /୨୦୨୦

ଆଲୋକ ମହାନ୍ତି ...ବାଦୀ
ବନାମ
ଦେବରଞ୍ଜନ ମହାନ୍ତି ଏବଂ ଅନ୍ୟମାନେ .....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ- ୨୦ ମୁତାବକ

୨. ଅର୍ଜୁନ ବେହେରା, ପିତା- ସମ ବେହେରା,୩. ରାମ ବେହେରା, ପିତା- ହାଡୁ ବେହେରା, ଉଭୟଙ୍କର ବାସସ୍ଥାନ ସା- ରାମଚନ୍ଦ୍ରପୁର, ପୋଷ୍ଟ- ଝାଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୯।୧୧।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ମୌଜା-ଓଗାଳପଡା, ତହସିଲ-ଜଟଣୀ, ଥାନା-ଜଟଣୀ, ଜିଲା -ଖୋର୍ଦ୍ଧା
ସାବକ ଖାତା ନଂ.- ୧, ପ୍ଲଟ୍ ନଂ.- ୧୧୬, କିସମ- ଶାରଦ- ତିନି, ରକବା- ଏ୦.୪୦୫ଡି. ସ୍ୱଧରୁ, ଏ୦.୦୬୯ଡି, ପ୍ଲଟ୍ ନଂ.- ୧୧୫ , ରକବା-ଏ୦.୧୪୦ଡି. ସ୍ୱଧରୁ, ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ। ହାଲ୍ ଖାତା ନଂ.- ୮, ପ୍ଲଟ୍ ନଂ.- ୨୪୮, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୪୦୦ଡି. ସ୍ୱଧରୁ, ଏ୦.୧୨୪ଡି. ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:୧୦।୧୦।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୪୫୦

ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ପ୍ରବିର କୁମାର ନାୟକ,ଓ.ଏ.ଏସ୍,(ଏସ୍.ଏ.ଜି) ରିଭିଜ୍‌ନାଲ୍ କୋର୍ଟ ନଂ.୩, ଭୁବନେଶର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର, ଜି.- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ. ୫୪୪/୨୦୨୪

ଯୋଗୀନ୍ଦ୍ର ବେହେରା .....ବାଦୀ
ବନାମ
ଉଲ୍ଲାସ ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ ...ପ୍ରତିବାଦୀମାନେ

ନୋଟିସ ଅର୍ଡର -୫ ରୁଲ -୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
୧. ଉଲ୍ଲାସ ଚନ୍ଦ୍ର ମିଶ୍ର (ପ୍ରତିବାଦୀ ନଂ.୧),୨. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର (ପ୍ରତିବାଦୀ ନଂ.୨), ୩. ଅଭିମନ୍ୟୁ ମିଶ୍ର (ପ୍ରତିବାଦୀ ନଂ.୩) ଏ ସମସ୍ତଙ୍କ ପିତା ୰ଲିଙ୍ଗରାଜ ମିଶ୍ର, ୪. ସୁଶୀଳାବାଳା ମିଶ୍ର (ପ୍ରତିବାଦୀ ନଂ.୪) ସ୍ୱା-ଜୀବନବନ୍ଧୁ ମିଶ୍ର, କ୍ର.ନଂ.- ୧ ରୁ ୩ଙ୍କ ବାସସ୍ଥାନ: ସା- ଭାତଖୁରି, ପୋ- ଗଙ୍ଗପଡ଼ା, ଥାନା- ଇଣ୍ଟୋଭାଲି, ଜି- ଖୋର୍ଦ୍ଧା, ଓଡ଼ିଶା, ୫. ରତିକାନ୍ତ କାନୁନଗୋ (ପ୍ରତିବାଦୀ ନଂ.୫) ପିତା- ଅନିଲ କାନୁନଗୋ, ସା-ପ୍ଲଟ୍ ନଂ.- ୨୫୧, ଶହୀଦ ନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ଓଡ଼ିଶା।

ଏତ୍‌ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ରିଭିଜନ ପିଟିସନ କେସ୍ ମାନ୍ୟବର ଅଦାଲତଙ୍କ ଇଜିଲାସରେ ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲେ ମଧ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ.ଏସ କେସ୍ ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା ୩୦।୧୨। ୨୦୨୫ରିଖ ଦିବା ଘ୩:୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜି- ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ନୀଳକଣ୍ଠପୁର
ସାବକ ଖାତା ନଂ. ୧୬୫, ସାବକ ପ୍ଲଟ୍ ନଂ.୧୨୨, ସବ୍ ପ୍ଲଟ୍ ନଂ.- ୭ ଓ ୮, ରକବା- ଏ୦.୪୧୫ଡି. ସ୍ୱଧ, ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ, କିସମ- ଢ଼ିପମାଳ, ହାଲ୍ ଖାତା ନଂ.- ୨୮୬, ହାଲ୍ ପ୍ଲଟ୍ ନଂ.- ୧୫୮, ରକବା- ଏ୦.୧୩୮ଡି. ସ୍ୱଧ, ଏ୦.୦୫୫ଡି. ସ୍ୱତ୍ୱ- ସ୍ଥିତିବାନ, କିସମ- ପତିତ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ, ନିଜର ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା. ୨୬।୦୮।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର
ଧ-୨୪୪୦

ପ୍ରଦକ୍ଷିଣ

# ମୁଁ ଅଙ୍ଗୀକାର କରୁଛି ଜୀବନ, ମୁଁ ତତେ ଭଲପାଏ

## – ରାଜେନ୍ଦ୍ର କିଶୋର ପଣ୍ଡା

ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଜନ୍ମ ୨୪ ଜୁନ୍ ୧୯୪୪ରେ, ଅବିଭକ୍ତ ସମ୍ବଲପୁର ଜିଲାର ପତଲଗା ଗାଁ(ହୀରାକୁଦ ଜଳଭଣ୍ଡାରରେ ବିଲୀନ)ରେ। ବୃତ୍ତିରେ ଭାରତୀୟ ପ୍ରଶାସନିକ ସେବାଧିକାରୀ ଥିଲେ ବି କବିତା ରଚନା ଥିଲା ତାଙ୍କର ନିଶା ଓ ତପସ୍ୟା। ପ୍ରମୁଖ କବିତାଗ୍ରନ୍ଥ: 'ଗୌଣ ଦେବତା' (୧୯୭୫), 'ଅନବତାର ଓ ଅନ୍ୟ ଅନ୍ୟ' (୧୯୭୬), 'ଘୁଣାକ୍ଷର' (୧୯୭୭), 'ଶତଦ୍ରୁ ଅନେକ' (୧୯୭୭), 'ନିଜ ପାଇଁ ନାନାବାୟା' (୧୯୮୦), 'ଚୌକାଠରେ ଚିରକାଳ' (୧୯୮୧), 'ଶୈଳକଳ୍ପ' (୧୯୮୨), 'ଅନ୍ୟା' (୧୯୮୮), 'ବହୁବ୍ରୀହି' (୧୯୯୧), 'ବୋଧିନଭ' (୧୯୯୬) ଓ 'ମଣିଷ, ମଣିଷ' (୨୦୧୭)। ଓଡ଼ିଆ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୮୫, ପୁରସ୍କୃତ ବହି 'ଶୈଳକଳ୍ପ'), 'ଗଙ୍ଗାଧର ଜାତୀୟ କବିତା ପୁରସ୍କାର' (୨୦୧୦), 'ଶାରଳା ପୁରସ୍କାର' (୧୯୯୫- ପ୍ରତ୍ୟାଖ୍ୟାନ) ଓ 'କୁଭେଂପୁ ରାଷ୍ଟ୍ରୀୟ ପୁରସ୍କାର' (୨୦୨୦) ଦ୍ୱାରା ସମ୍ମାନିତ। ଅଭିନବ ବ୍ୟଞ୍ଜନା ଓ ଧ୍ୱନିଗର୍ଭୀ ସଂରଚନା ପାଇଁ ଭାରତୀୟ କବିତାରେ ଉଜ୍ଜ୍ୱଳ ତାଙ୍କ ସୃଜନ-ଛବି।

''ଯୋଉଠି ଯେତେବେଳେ ଯିଏ ବି କାନ୍ଦୁଛି,
ସେଇଠି ସେତେବେଳେ
ବିଷଣ୍ଣ ବାଳକ ପରି ତା'ରି ଭିତରେ
ମୁଁ ଇ କାନ୍ଦୁଛି।''
['ଆଶ୍ୱାସ', 'ଶୈଳକଳ୍ପ']

ବସିଲାଠୁଁ ଉଠିଗଲା ପରି ଆରପାରିକି ଚାଲିଗଲେ କବି ରାଜେନ୍ଦ୍ର କିଶୋର ପଣ୍ଡା, ୨୪ ଅକ୍ଟୋବର ୨୦୨୫ରେ। କୈଶୋରରୁ ତାଙ୍କ କବି-ଜୀବନର ଉନ୍ମେଷ ଘଟିଥିଲେ ବି ଜନନେତ୍ରରେ ଭାସ୍ୱର ହୋଇଛି ତାଙ୍କ ପ୍ରତିଭା ଗତ ଶତାବ୍ଦୀର ସପ୍ତମ ଦଶକରେ। ଆରମ୍ଭରୁ ଶେଷଯାଏଁ ସେ କ୍ରିୟାଶୀଳ ରହିଛନ୍ତି ଓଡ଼ିଆ କବିତାରେ। କେତେବେଳେ ବନ୍ଦିତ ତ କେତେବେଳେ ବିତର୍କିତ ଏହି କବି ଭାରତୀୟ କବିତାରେ-ଥିଲେ ଅମଡ଼ା ବାଟର ଯାତ୍ରୀ। ଓଡ଼ିଆ କବିତାରେ ଏକଦା ଥିଲେ ବଡ଼ ଏକ ଲହର। ଶବ୍ଦଙ୍କର ମୂଳ ଉତ୍ସକୁ ଯାଇ ଗଢ଼ିଛନ୍ତି ନାନା ନୂଆ ଶବ୍ଦ କବିତାରେ, ଶବ୍ଦଙ୍କ ଭିତରେ ଟକରାଟକରି ଲଗେଇ ଦେଇ ନୂଆ ଧ୍ୱନିରେ ସେ ଶବ୍ଦର ଅର୍ଥକୁ ଅର୍ଥାନ୍ତରକୁ ନେଇଛନ୍ତି। 'ଚିର ଖେଳୁଆଡ଼ ଶିଶୁ' ତାଙ୍କର କବିସତ୍ତା। 'ଶୃଙ୍ଗାର' ଓ 'ବୀଭତ୍ସ'– ଦୁଇ ରସର ସଉତୁଣୀ କଳି କେବେ କେବେ ତାଙ୍କ କବିତାକୁ ପୁଣି କରିଥାଏ ଉପଭୋଗ୍ୟ।

୧୯୭୫ରୁ ୮୫– ଏଇ ଦଶ ବର୍ଷ ଥିଲା ରାଜେନ୍ଦ୍ରଙ୍କ କବିତାର ସବୁଠୁଁ ସ୍ମରଣୀୟ କାଳଖଣ୍ଡ। ଏହି ଅବଧିରେ ସେ ତାଙ୍କ ଜୀବନର ସର୍ବୋତ୍ତମ କବିତାଗୁଡ଼ିକୁ ଲେଖିଛନ୍ତି। ଜୀବନ ଓ କବିତା ହୋଇଛି ତାଙ୍କ ପାଇଁ ଏକଇ ମୁଦ୍ରାର ଦୁଇ ପାର୍ଶ୍ୱ। ଥରେ ସେ କହିଥିଲେ: ''ମୋର କବିତା ଇ ମୋର ଆତ୍ମଜୀବନୀ। ଅନ୍ତତଃ ଗତ ଚାରି ପାଞ୍ଚ ବର୍ଷ ଧରି ମୁଁ ଯାହା ଲେଖିଛି ନିଜକୁ କାବ୍ୟ ନାୟକ କରି, ତହିଁରେ ଅନୃତ-ଭାଷଣ କରିନାହିଁ; ମୋ' ଉପଲବ୍ଧି ପ୍ରତି ବିଶ୍ୱାସଘାତ କରିନାହିଁ।'' (କଳିଙ୍ଗ ସାହିତ୍ୟ ସମାଜ, ବ୍ରହ୍ମପୁରର ବାର୍ଷିକ ସାହିତ୍ୟୋତ୍ସବ-୧୯୮୦ରେ ପ୍ରଦତ୍ତ ଅଭିଭାଷଣ)। ଲେଖିଛନ୍ତି: ''କ୍ଷୁଧାର ରାଉରାଉ ହାତନଖରେ/ ଖଣ୍ଡିଏ ରୁଟି ଛିନ୍ନବିଚ୍ଛିନ୍ନ ହୋଇଯିବାର ମୁଁ ଦେଖିଛି/ ଉତ୍ତରଖଣ୍ଡରେ ରାମସଜୀବନ୍‌ର ହାଡୁଆ ଗାଡୁଆ ମୁହଁ/ ପୁତ୍ରଶୋକରେ କିଲିବିଲେଇ ଯିବାର ମୁଁ ଦେଖିଛି.../ ରାଜନୀତିର ବାଘନଖୀ ଖେଳ/ ଉପରିକର ଚୌକି-ଧନ୍ୟ ମୁରାଟ/ ଶତ୍ରୁର କପଟ, ଈର୍ଷା, ଜିଂଘାସା/ ମତେ କେବେ ଅଧୋଫଣ କରିଛି, କେବେ ଆହତ,/ ଗ୍ରହଣ କରିଛି ସବୁକିଛି।'' (ଜୀବନପ୍ରତି, ଶୈଳକଳ୍ପ)। ସୁଖ, ଦୁଃଖ, ଆନନ୍ଦ ବିଷାଦ ଭିତରେ ସେ ମଙ୍ଗେଇ ନେଇଛନ୍ତି ଜୀବନକୁ।

ସ୍କୁଲଫେରନ୍ତା ବାଟରେ ରଙ୍ଗବେରଙ୍ଗର ଗୋଡ଼ି, କୋଳି ଓ ଅନାବନା ପତ୍ର ଫୁଲ ଗୋଟାଇ ପକେଟରେ ଭରିବା, ଦୁମୁକାଣି ବର୍ଷାରେ ତିନ୍ତିବା, ମାଆ ବାପାଙ୍କୁ ଲୁଚାଇ ବିଡ଼ି ଟାଣିବା, ପାଣି ଚବର ଚବର କରି ତା'ର ଧ୍ୱନିରେ ବିମୋହିତ ହେବା, ତଳେ ଥାଇ ମେଘଙ୍କୁ ଚିହାଇ ଲଢ଼େଇ ଲଗେଇଦବା, ଅଚାନକ ନିଜର ଭିଟାମାଟି ହରାଇ ବସିବା, ମଶାଣିର ଜଳଜଳା ହାଣ୍ଡି ଖପରା ସନ୍ଧିରେ ଗଜୁରି ଉଠିଥିବା ତାରାଗଛକୁ ଚାହିଁ ଅବାକ୍ ହେବା, ରାତିସାରା ଧଇଁପେଲା ଶ୍ୱାସ ଭୋଗି ପାହାନ୍ତାର ପୃଥ୍ୱୀକୁ ଅନେଇ କାନ୍ଦକାନ୍ଦ ହେବା ଓ ଓଠରେ ସ୍ମିତ ଫୁଟାଇ କହିବା– ''ମୁଁ ଅଙ୍ଗୀକାର କରୁଛି ଜୀବନ/ ମୁଁ ତତେ ଭଲପାଏ''– ଏହିପରି ଜୀବନର ରକମ ରକମ ଅନୁଭୂତିରେ ଭାରାନତ ତାଙ୍କ କବିତା। ସେ ସେଇ କବି, ଯିଏ 'ମଣିଷର ପ୍ରତିବେଶୀ'। ମୃତ୍ୟୁର ପାଖେ ପାଖେ ଥାଇ ମଧ୍ୟ ମୃତ୍ୟୁକୁ ତାଙ୍କର ଡର ନାହିଁ। ଜୀବନକୁ ସେ ବର ମାଗନ୍ତି: ''ମତେ ଏଇ ବର ଦେ'ରେ ଜୀବନ୍!/ ଥରକୁ ଥର ମୁଁ ଯେମିତି ତୋର/ ଅଥଳ ଅଥୟ ଡଅଁର ଭିତରେ/ ଅତି ଛୋଟ ଏକ ହୁଲି ଡଙ୍ଗା ପରି/ ଏମିତି ଉଲ୍ଲାସରେ ବେଦନାରେ/ ନାଚୁଥିବି ଡେଉଁଥିବି ଘୂରୁଥିବି ଛିଟିକୁଥିବି/ ମୋକ୍ଷଫୋକ୍ଷ ମୋର ଲୋଡ଼ା ନାହିଁ।'' (ଜୀବନ ପ୍ରତି, ସାଦାପୃଷ୍ଠା– ୩୬୬)।

ରାଜେନ୍ଦ୍ର ଜୀବନ ଓ ସମାଜ ପ୍ରତି ପ୍ରତିବଦ୍ଧ ସତ, କିନ୍ତୁ 'ଅନ୍ଧ ପକ୍ଷଭୁକ୍ତି ବା ସ୍ତାବକତା'ରେ ବିଶ୍ୱାସୀ ନୁହନ୍ତି। ତାଙ୍କ ମତରେ ''ପ୍ରତିବଦ୍ଧତା ଏପରି ହେବା ଉଚିତ ଯେମିତି କବି ନିଜର ଦୋଷ ଦେଖି, ଅନ୍ୟାୟ– ଅନାଚାରରେ ନିଜର ପରୋକ୍ଷ ସଂଲିପ୍ତି ଦେଖି, କହିଦେଇପାରିବ: ପହିଲା ଗୁଳି ମୋତେ ମାର୍।'' 'ନିଜ ପାଇଁ ନାନାବାୟା' କବିତାଗ୍ରନ୍ଥରେ ସ୍ଥାନିତ 'ଗୋଲାମ୍ ଦାସ୍' କବିତା। ବହୁ ଚର୍ଚ୍ଚିତ। ମୁହେଁ ମୁହେଁ ଘୂରିବୁଲେ ଆଜି ଏ କବିତାର କେତେକେତେ ଧାଡ଼ି: ''ଅନାମ ଦାସ୍ ଅଧାମ୍ ଦାସ୍/ ଶୁଣ୍ ମୁଁ କହୁଚି ଗୋଲାମ୍ ଦାସ୍/ x x ମୁଁ ଦଲାଲ୍ ମୁଁ ଦଲାଲ୍/ ପହିଲା ଗୁଳି ମୋତେ ମାର୍...।'' 'ଭୁବନେଶ୍ୱର' କବିତାରେ ଆହୁରି ଟାଣ୍ ତାଙ୍କ ସୃଜନ-ଦମ୍ଭ। ଡାକିହାକି କହନ୍ତି: ''ଭୁବନେଶ୍ୱର!/ ମୁଁ ଖାତିର୍ କରେନା ତୋର ମଧୁପିଙ୍ଗଳ ମାନଚକ୍ରବର୍ତୀମାନଙ୍କୁ/ ଶିରପା ମୁଦି ମକର କୁଣ୍ଡଳ ପାଇଁ କନ୍ଦଳ କରୁଥିବା/ ସାହିତ୍ୟର ସିହାଣା ସୌଦାଗରମାନଙ୍କୁ, ଭୁବନେଶ୍ୱର!/ ମୁଁ ଖାତିର୍ କରେନା/ ପାହାଡ଼ ପ୍ରମାଣ ନଥି ଭିତରେ 'ବ୍ରହ୍ମୋଽସ୍ମି' କହୁଥିବା/ ମୂଷିକମୁଖ କୁନି ସାଇବଙ୍କୁ।'' (ଶୈଳକଳ୍ପ)। 'ଶ୍ରାବଣ' ଓ 'ହୁତାଶନ' ଯଦିଓ ଏକାଠି ଜଳୁଥାଏ ରାଜେନ୍ଦ୍ରଙ୍କ କବିତାରେ, ନବରତ୍ନ ସଭାରେ ପଶି ନିଜକୁ କିନ୍ତୁ 'ଦଶ' ବୋଲି ଗଣିବାର ଅହମିକା ତାଙ୍କର ନ ଥାଏ କେବେ। ବରଂ ମନରେ ଥାଏ ନମ୍ର ଅଭିଳାଷ: ''ଯୋଉଠି ଯେତେବେଳେ ଯିଏ ବି କାନ୍ଦୁ ତା'ରି ପାଖରେ/ ଠିଆ ହୁଅନ୍ତି ମୁଁ/ ଘଡ଼ିଏ/ ପୋଛି ଦିଅନ୍ତି ଲୁହ, କହନ୍ତି: ମଣିଷ!/ କାନ୍ଦନା!'' ('ଆଶ୍ୱାସ', 'ଶୈଳକଳ୍ପ'– ସାଦାପୃଷ୍ଠା-୩୬୦)।

କବି ମାତ୍ରକେ 'ପ୍ରେରଣିତ ଶିଶୁ' ସୃଜନର। ଅନ୍ତରରେ ମଙ୍ଗଳର ଆବାହନୀ: ''ସବୁ ମଲାଲୋକ ଲେଉଟି ଆସନ୍ତୁ ଶିଶୁ ହୋଇ/ ସବୁ ବଡ଼ ମଣିଷ ଶିଶୁ ପାଲଟି ଯାଆନ୍ତୁ/ ସବୁ ଶିଶୁ ରହିଥାନ୍ତୁ ଶିଶୁ ହୋଇ/ ସବୁ ଶିଶୁ କବି ହୋଇ ରହିଥାଆନ୍ତୁ!'' (ଶିଶୁ, ସାଦାପୃଷ୍ଠା-୩୫୧)। ପତ୍ନୀ ଭିତରେ କବି ଆବିଷ୍କାର କରନ୍ତି ଚିରକାଳର ନାରୀକୁ। କହନ୍ତି: ''ଅମୃତ ବୁନ୍ଦାକ ହୁଏତ ମୋ' ଭାଗ୍ୟରେ ନାହିଁ।/ ଏତିକି ଜାଣେ,/ ତୁମେ ଏମିତି ଏକ ସମୁଦ୍ର/ ଯାହାକୁ ନିରବଧି କାଳ ମନ୍ଥୁଥିଲେ ବି/ ହଳାହଳ ନିଗିଡ଼େ ନାହିଁ।'' (ପତ୍ନୀ ପ୍ରତି, ଶୈଳକଳ୍ପ, ସାଦାପୃଷ୍ଠା- ୩୬୪)।

ରାଜେନ୍ଦ୍ରଙ୍କ କବିତାରେ ଥାଏ ଶୈଳୀର ନାନା ବୁଦ୍ଧିଦୀପ୍ତ ଛଟକ। ପୂର୍ବସୂରୀ କବିଙ୍କ କବିତା ସହ ତାଙ୍କ କବିତାର ଚେହେରା ମିଶେ ନାହିଁ। ନିଜ କବିତାରେ ବି ନିଜକୁ ଦୋହରାଇ ଯିବାର ସେ ପରିପନ୍ଥୀ। ସମଧର୍ମା ନୁହନ୍ତି, ଅସମଧର୍ମା ଯୁଯୁତ୍ସୁମାନଙ୍କ ପାଇଁ ସଦା ଅଭିପ୍ରେତ ଥାଏ ଚିର ଅନ୍ୱେଷୀ ତାଙ୍କ କବିତା। ଲୀଳା-କୁତୂହଳୀ ତାଙ୍କ ଶୈଳୀ। କେଇଟି ଉଦ୍ଧୃତି: ୧. ''ନଈରେ ବାଲିଆ ଚହଟିବ/ ଡିମିରି ଫୁଲ ମହକିବ/ କାହାଳୀ ଘଣ୍ଟ ସଜାଡ଼ ଭାଇ/ ଛକଡ଼ି ପଧାନ ଯାଇଛି କହି/ ମନ୍ତ୍ରୀ ହୋଇ ନେଉଟିବ.../ ନେଉଟିବ।'' (ନିଜ ପାଇଁ ନାନାବାୟା, ସାଦାପୃଷ୍ଠା-୩୮୫), ୨. ''ଭୁଞ୍ଜ୍ ବୋଇଲେ ଖାଇବୁ/ ଆଉ ଗିଳ୍ ବୋଇଲେ ଉପାସ?/ କଥାକୁ ନ ବୁଝି ନଥାରେ ଗୁମାନ/ କାହିଁକିରେ ଧନ/ ତୋର କାହିଁରେ ଖମାର, ଉଆସ?'' (ନିଜ ପାଇଁ ନାନାବାୟା, ସାଦାପୃଷ୍ଠା-୩୯୮), ୩. ''କାନ୍ଥ ନ ଶୁଣିଲା କାନ୍ଥକୁ ଢିଏ/ ବାଡ଼ ନ ଶୁଣିଲା ବାଡ଼କୁ ଢିଏ?/ ଗହଳ ମାଣ୍ଡିଆ କେଉଁଠିରେ ବାୟା/ ପେଟେ ଓଦାକନା ଦେଏ/ ରାଣୀ ଶୋଇଛନ୍ତି ରୁଷିବା ଘରେ ଯେ/ ସେଠି କୋଉ ନିଦ ହୁଏ!'' ('ରଜାଘର ଭୋଜି', ସାଦାପୃଷ୍ଠା- ୩୯୨)। ଉକ୍ତିଗୁଡ଼ିକ ଭିତରେ ଚେକାଭିଡ଼ି ଶୋଇଛି ଶ୍ଳେଷ, 'ଅସ୍ତ୍ରମାନଙ୍କର ସଂଘାତରୁ ସମ୍ଭୂତ ଅଗ୍ନି'। (ବୋଧିନଭ-୩)

ଏକାଧିକ ଭଲ କବିତା ଲେଖିବା ସତ୍ତ୍ୱେ ସାରା ଜୀବନ କବି ଭୋଗିଛନ୍ତି ସ୍ୱ-କବିତା ପ୍ରତି ପାଠକର ଅସୂୟା ଓ ଅଣହେଳା। ବିଷାଦରେ ଜରିଜରି ଦିଶିଛନ୍ତି ବାଉଲ ପରି ବିଷଣ୍ଣ, ସୁଫୀ ସନ୍ୟାସୀର ସ୍ୱର ପରି ଶୁଭିଛି ତାଙ୍କ ଉଦାସ କଣ୍ଠସ୍ୱର। ତାଙ୍କର ବୁଝିବା ବାକି ନ ଥିଲା ଯେ, ସାରା ଜୀବନ କବିତାରେ ବିତାଇବା ସତ୍ତ୍ୱେ ସ୍ୱ-ଅଭିଳଷିତ କବିତାଟି ସେ ଲେଖିପାରିଲେ ନାହିଁ। ତଥାପି ହାତରେ କଲମ ଥାଇ କବି ବିଦାୟ ନେଲେ। 'ଭୁବନେଶ୍ୱର' କବିତାରେ ସେ ବଚନ ଦେଇଛନ୍ତି– ''ଯେତେବେଳେ ମରିଯିବି, ଆତ୍ମା ମୋର ବିଜେ କରିବ/ ରାଜାରାଣୀ ମନ୍ଦିରର/ ଛୋଟ ବଂଶୀବାଦକ ମୂର୍ତ୍ତିର ପଥର ଦେହ ପଥର ବଂଶୀରେ...।'' ମନେହୁଏ, ବୃଥା ହେବନାହିଁ ମିଜାଜୀ କବି ରାଜେନ୍ଦ୍ରଙ୍କର ଏ ପ୍ରତିଶ୍ରୁତି!

ପ୍ରସ୍ତୁତି : ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫



[୨୪ ଜୁନ୍ ୧୯୪୪ – ୨୪ ଅକ୍ଟୋବର ୨୦୨୫]





### ଅପର ପକ୍ଷ

ରାଜେନ୍ଦ୍ର କିଶୋର ପଣ୍ଡା

ସମବେତ ପ୍ରାର୍ଥନା ଗାଇବା ପାଇଁ
ଧାଡ଼ି ବାନ୍ଧି ଠିଆ ହେବା କଥା ତ
ତୁମେ ସବୁ ଠିଆହୁଅ।
ମୁଁ କିନ୍ତୁ ସ୍ୱର ମିଳାଇ
ଗାଇବା ପାଇଁ ବାଧ୍ୟ ନୁହେଁ।


ହାତଟିଏ ବଢ଼ି ଆସିଲେ
ନ ମିଳାଇବି କେମିତି?
କିନ୍ତୁ ମିଳିତ ଦରଖାସ୍ତରେ
ମୋର ଦସ୍ତଖତ?
ନା, ଧନ୍ୟବାଦ।
ମଡ଼ାର ଟିପଚିହ୍ନ ମୋର ନୁହେଁ।
ମୋର ହାତମିଳା କିଛି ନୁହେଁ–
କେବଳ ଶିଷ୍ଟାଚାର।

ଚୌକିମାନଙ୍କୁ ସଲାମ କରି ଆସିଲେ ବି
ମୁଁ ଜାଣେ: ସମସ୍ତ ଚୌକି ଶୂନ୍ୟ।

ଆପୋସ ଭାବକୁ ମୋର ଘୃଣା।
ହାଃ
ପାଦ ପାଖେ କିଏ ମୁଁ ଜାଣେ
ମୁଣ୍ଡ କଡିରେ କିଏ ମୁଁ ଜାଣେ
କିନ୍ତୁ
ଆଖି ଖୋଲି ପକ୍ଷଭୁକ୍ତ ହେବାକୁ
ମୁଁ ବାଧ୍ୟ ନୁହେଁ।

ପକ୍ଷ କଥା ଉଠୁଛି ତ
ମୋତେ ସାମିଲ କର ଅପର ପକ୍ଷରେ
(ଶରଣ ପଶିବାର ସୌଭାଗ୍ୟ
ମୋର ନାହିଁ)
ତୁମର ଅପର ପକ୍ଷ ବି ଜାଣେ
ଯେ, ମୁଁ ତା'ର ବି ଅପର ପକ୍ଷରେ।
ଏକ ବଚନ।

[କବିତାର ନିର୍ବାଚିତ ଅଂଶ ସ୍ଥାନିତ]




## ପୁସ୍ତକ ପରିଚୟ

### ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ

**ଲେଖକ:** ଡ. ନାରାୟଣ ମହାନ୍ତି
**ପ୍ରକାଶକ:** ଅଧାପିକା ନୀହାରିକା ଦାସ
ସ୍ମୃତିନ୍ୟାସ, ଝାଞ୍ଜିରିମଙ୍ଗଳା, କଟକ-୯
**ଦ୍ୱିତୀୟ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୦୦/–

ଆଲୋଚ୍ୟ ପୁସ୍ତକର ପ୍ରଥମ ସଂସ୍କରଣ ୨୦୧୯ରେ ପ୍ରକାଶ ପାଇଥିଲା ଓ ଦ୍ୱିତୀୟ ସଂସ୍କରଣ ଏବେ ପ୍ରକାଶ ପାଇଛି। ବିଶିଷ୍ଟ ଦାର୍ଶନିକ ଓ ଲେଖକ ପ୍ରୟାତ ହୃଦାନନ୍ଦ ରାୟଙ୍କ ପ୍ରେରଣା ଏହି ଗ୍ରନ୍ଥ ପ୍ରକାଶନ ମୂଳରେ ରହିଛି ବୋଲି ଲେଖକ ସୂଚାଇଛନ୍ତି। ପ୍ରଥମ ସଂସ୍କରଣର ମୁଦ୍ରିତ ସମସ୍ତ ପାଞ୍ଚଶହ କିତା ନିଃଶେଷ ହୋଇଯିବା ପରେ ଓ ପ୍ରଥମ ସଂସ୍କରଣର ଅପୂର୍ଣ୍ଣତାକୁ ପୂରଣ କରିବା ଲକ୍ଷ୍ୟରେ ଦ୍ୱିତୀୟ ସଂସ୍କରଣ ପ୍ରକାଶର ପରିକଳ୍ପନା କରାଯାଇଛି। ଏଥିରେ ମଧ ସେ ପ୍ରାପ୍ତ ଓ ଉପଲବ୍ଧ ସମସ୍ତ ତଥ୍ୟକୁ ଅନ୍ତର୍ଭୁକ୍ତ କରିପାରିନାହାନ୍ତି ବୋଲି ମୁଖବନ୍ଧରେ ଅକୁଣ୍ଠ ସ୍ୱୀକାରୋକ୍ତି ପ୍ରଦାନ କରିଛନ୍ତି। ଯାହା ମନେହୁଏ, 'ଓଡ଼ିଶାରେ ଦର୍ଶନଶିକ୍ଷା' ସମ୍ପର୍କରେ ଡକ୍ଟର ମହାନ୍ତିଙ୍କର ଏହି ଗ୍ରନ୍ଥଟି ହେଉଛି ସର୍ବପ୍ରଥମ ଉଦ୍ୟମ। ଏଥିରେ ମୋଟ ଦଶଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟରେ ରେଭେନ୍‌ସା କଲେଜ (ଯେଉଁଠୁ ରାଜ୍ୟରେ ଦର୍ଶନ ଶିକ୍ଷାର ଭିତ୍ତି ସ୍ଥାପନ ହୋଇଥିଲା), ଦ୍ୱିତୀୟରେ ବେସରକାରୀ କଲେଜ ସମୂହ, ତୃତୀୟରେ ସରକାରୀ କଲେଜ ସମୂହ, ଚତୁର୍ଥରେ ଉତ୍କଳ ବିଶ୍ୱବିଦ୍ୟାଳୟ, ପଞ୍ଚମରେ ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ, ଷଷ୍ଠରେ ଦର୍ଶନଶାସ୍ତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତୁଙ୍ଗ ବ୍ୟକ୍ତିବିଶେଷ, ସପ୍ତମରେ ଓଡ଼ିଆ ସାହିତ୍ୟକୁ ଦର୍ଶନଶାସ୍ତ୍ରବିତ୍‌ମାନଙ୍କର ଅବଦାନ, ଅଷ୍ଟମରେ ବିଭିନ୍ନ କ୍ଷେତ୍ରରେ ଦର୍ଶନଶାସ୍ତ୍ରବିତ୍‌ଙ୍କ ଅବଦାନ, ନବମରେ ବିଦେଶରେ ଓଡ଼ିଶାର ଦର୍ଶନ ଶାସ୍ତ୍ରବିତ୍ ଓ ଦଶମରେ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଶ୍ରେଣୀ ଆଦି ପ୍ରସଙ୍ଗ ରହିଛି। ଏଭଳି ଏକ ପୁସ୍ତକ ଓଡ଼ିଶାର ବର୍ତ୍ତମାନ ପିଢ଼ି ଓ ଭବିଷ୍ୟତ ପିଢ଼ିର ଦର୍ଶନଶାସ୍ତ୍ର ଅନୁରାଗୀ ତଥା ସାଧାରଣ ପାଠିକା ପାଠକଙ୍କ ପାଇଁ ଯେ ଅତ୍ୟନ୍ତ ଉପଯୋଗୀ, ଏଥିରେ ସନ୍ଦେହ ନାହିଁ।




### ଶ୍ରୀକୃଷ୍ଣ କୃଷ୍ଣା

**କବୟିତ୍ରୀ:** ଭାନୁମତୀ ସାହୁ
**ପ୍ରକାଶକ:** ବ୍ଲାକ୍ ଈଗଲ୍ ବୁକ୍ସ,
ଭୁବନେଶ୍ୱର/ଡବ୍ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/–

ବହିଟିର ଦୁଇଟି ଭାଗ। ପ୍ରଥମରେ 'ଶ୍ରୀକୃଷ୍ଣ' ଓ ଦ୍ୱିତୀୟ ଭାଗରେ 'କୃଷ୍ଣା'– କୃଷ୍ଣ ଓ ଦ୍ରୌପଦୀଙ୍କୁ ଚରିତ୍ର କରି ଦୁଇଟିଯାକ ଦୀର୍ଘ କବିତା ଲେଖାଯାଇଛି। କବିତା ଦ୍ୱୟର ଭିତ୍ତି ହେଉଛି 'ଈଶ୍ୱର ବିଶ୍ୱାସ'। ଶ୍ରୀକୃଷ୍ଣ କବିତାଟି ଏକ ସ୍ୱପ୍ନିଳ ସମ୍ମୋହନ ଭିତରୁ ଭୂମିଷ୍ଠ, ଯେଉଁଠି କବୟିତ୍ରୀ କହନ୍ତି: ''ଜନ୍ମର ଆରମ୍ଭରୁ ଓ ଜନ୍ମର ଶେଷ ପର୍ଯ୍ୟନ୍ତ/ ତୁମ ପାଦତଳେ ମୁଁ ହିଁ ସମର୍ପିତ/ ଅନ୍ୟର ଉପେକ୍ଷାରେ ମନରେ ବିଷ ଭରେ/ ତଥାପି ଭଲ ପାଇବାର ଦ୍ୱାହି ଦେଇ/ ନିଜକୁ ସମ୍ଭାଳେ।'' (ପୃ:୪୭)। 'ଶ୍ରୀକୃଷ୍ଣ'ରେ ମୋଟ ୩୮ଟି ଭାଗ ରହିଛି, ସବୁଥିରେ କୃଷ୍ଣଙ୍କୁ ନେଇ କବୟିତ୍ରୀଙ୍କର ମନୋଭାବନା ସ୍ଥାନିତ। 'କୃଷ୍ଣା'ରେ ଲେଖିକା କହନ୍ତି ଦ୍ରୌପଦୀଙ୍କ କା' ହେଇ ଶ୍ରୀକୃଷ୍ଣଙ୍କୁ: ''ଶୋକ, ଦୁଃଖ, ଯନ୍ତ୍ରଣାର ମାୟାର ଭ୍ରମରେ ପଡ଼ି/ ଭ୍ରମି ଭ୍ରମି ମାୟାଗ୍ରସ୍ତା ହେଲି/ ଆଜି ହିମାଳୟ ପଥର ଯାତ୍ରାରେ/ ନିଃଶେଷ କରିଦିଅ ମୋତେ କ୍ଷଣକରେ/ ମିଶୁ ମୋର ଆତ୍ମା ତୁମ ପରମାତ୍ମାଠାରେ।'' (ପୃ:୧୩୨)। କୃଷ୍ଣାରେ ରହିଛି ୨୭ଟି ଭାଗ। କବିତାର ଗୁଣାଗୁଣ ସମ୍ପର୍କରେ ମନ୍ତବ୍ୟ ଦେବାଠୁଁ ଶ୍ରେୟସ୍କର ବହିଟିକୁ କେବଳ ପାଠିକାପାଠକଙ୍କ ଆଗରେ ନିଷ୍ପକ୍ଷ ଭାବେ ତୋଳିଧରିବା। ଆଶା, କବୟିତ୍ରୀଙ୍କ ଶବ୍ଦସେବା ବ୍ୟର୍ଥ ଯିବ ନାହିଁ।

## କାଳକାଳକୁ



**''ଆକ୍ରମଣ କରୁଥିବା ଶତ୍ରୁଙ୍କୁ ଡର ନାହିଁ, ଡର ତୋଷାମଦି କରୁଥିବା ବନ୍ଧୁଙ୍କୁ।''**
**– ଡେଲ୍ କାର୍ନେଗୀ**

**ଡେଲ୍ କାର୍ନେଗୀଙ୍କ** ଜନ୍ମ ୨୪ ନଭେମ୍ବର ୧୮୮୮ରେ ଆମେରିକାର ମିସୌରୀରେ ଓ ପରଲୋକ ୦୧ ନଭେମ୍ବର ୧୯୫୫ରେ ନ୍ୟୁୟର୍କର ଫରେଷ୍ଟ ହିଲ୍‌ସରେ। ବୃତ୍ତି ଅଧାପନା ଓ ରୁଚି ଲେଖାଲେଖି। ତାଙ୍କର ପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକ ହେଲା– 'ହାଓ ଟୁ ୱିନ୍ ଫ୍ରେଣ୍ଡ୍‌ସ ଆଣ୍ଡ୍ ଇନ୍‌ଫ୍ଲୁଏନ୍‌ସ ପିପୁଲ୍' (୧୯୩୬), 'ହାଓ ଟୁ ଷ୍ଟପ୍ ୱରିଙ୍ଗ୍ ଆଣ୍ଡ୍ ଷ୍ଟାର୍ଟ ଲିଭିଂ' (୧୯୪୮) ଓ 'ଲିଙ୍କନ୍ ଦ ଅନ୍‌ନୋନ୍' (୧୯୩୨)। ସେ କହୁଥିଲେ: ''ବିଫଳତା ଭିତରୁ ସଫଳତା ଆହରଣ କର'' ଏବଂ କହୁଥିଲେ: ''ଉପଯୋଗ ନ ହେବା ଯାଏଁ ଜ୍ଞାନ ଶକ୍ତି ନୁହେଁ।'' ଲୋକଶକ୍ତି ନିର୍ମାଣରେ ନିଜର ବିଦ୍‌ବତ୍ତା ଓ ମହତ୍ତ୍ୱର ଯୋଗଦାନ ପାଇଁ ସେ 'ଗ୍ଲୋବାଲ ଲିଡରଶିପ୍ ଆୱାର୍ଡସ'ରେ ସମ୍ମାନିତ ହୋଇଥିଲେ।

## ଅନୁବାଦ ଗଳ୍ପ

### ମନୁଷ୍ୟ

ମୂଳହିନ୍ଦୀ– ଡ. ଚନ୍ଦ୍ରେଶ କୁମାର ଛତଲାନୀ
ଅନୁବାଦ– ମଧୁସ୍ମିତା ପଟ୍ଟନାୟକ

ଲେଖକ ମୋହିତ ହେଇଯାଇଥିଲେ ତା'ର ରୂପ ଦେଖି। ସେଥିପାଇଁ ପ୍ରତିଦିନ ତା'ର ପିଛା କରି କରି ଲେଖୁଥିଲେ ବହିଟିଏ ତା' ଉପରେ। ଆଜି ସେ ବହିକୁ ଶେଷ କରିବାକୁ ଯାଉଥିଲେ। ସେ ପ୍ରଥମ ପୃଷ୍ଠା ଖୋଲିଲେ, ଯେଉଁଥିରେ ଲେଖାଥିଲା ''ଆଜି ମୁଁ ତାକୁ କଇଁଛ ରୂପରେ ଦେଖିଲି, ସେ ନିଜ ଖୋଳପା ଭିତରେ ପଶିଥିଲା''।

ତା'ପରେ ଦ୍ୱିତୀୟ ପୃଷ୍ଠା ଖୋଲିଲେ, ସେଥିରେ ଲେଖାଥିଲା ''ଆଜି ସେ ବିଲୁଆ ରୂପରେ ଥିଲା''। ଜଣକ ପଛରେ ଜଣେ ସମସ୍ତେ ଆଖି ବନ୍ଦ କରି ଚିଲୋଉଥିଲେ।

ଆଉ ତୃତୀୟ ପୃଷ୍ଠାରେ ଲେଖାଥିଲା, ''ଆଜି ସେ ଥିଲା ଈଶ୍ୱରଙ୍କ ରୂପରେ ଆଉ ତାକୁ ନିଦରେ ଲାଗୁଥିଲା କି ସେ କୌଣସି ଅବତାରଙ୍କୁ ସୃଷ୍ଟି କଲା''।

ତା' ପର ପୃଷ୍ଠାରେ ଲେଖାଥିଲା, ''ଆଜି ସେ ଗୋଟିଏ ମେଣ୍ଢା ଥିଲା। ରାସ୍ତା ସମ୍ପର୍କରେ ତା'ର କୌଣସି ଜ୍ଞାନ ନ ଥିଲା। ସେ ଆଖି ବନ୍ଦ କରିଥିଲା ଆଉ ତାକୁ ବାଡ଼େଇ ବାଡ଼େଇ ଚରାଉଥିଲା''। ତା' ପର ପୃଷ୍ଠାରେ ଲେଖା ହୋଇଥିଲା, ''ଆଜି ସେ ମୃଦୁ ପାନୀୟ ବୋତଲ ରୂପରେ ଥିଲା, ଆଉ ତା'ର ରକ୍ତ ପିଇବାକୁ ଯାଉଥିଲା''। ଯାହାକୁ ସେ ନିଜର ସୃଜିତ ଅବତାର ବୋଲି ଭାବୁଥିଲା, ତାକୁ ଭବିଷ୍ୟତର ସ୍ୱପ୍ନରେ ବୁଡ଼େଇ ରଖିଥିଲା।

ଲେଖକଙ୍କର ଆଗକୁ ଥିବା ପୃଷ୍ଠା ଆଉ ପଢ଼ାଗଲା ନାହିଁ। ତାଙ୍କ ଭଲପାଇବା ତାଙ୍କୁ ଅଟକେଇଦେଲା ଆଉ ଆଗକୁ ପଢ଼ିବାରୁ। ପ୍ରଥମ ପୃଷ୍ଠା ତଳେ ସେ ଲେଖିଲା– 'ଅକର୍ମଣ୍ୟ'! ଦ୍ୱିତୀୟ ପୃଷ୍ଠା ତଳେ ଲେଖିଲା– 'ରାଜନୈତିକ ସ୍ଲୋଗାନ', ତୃତୀୟ ପୃଷ୍ଠା ଶେଷରେ ଲେଖିଲା– 'ନିର୍ବାଚନରେ ବିଜୟ', ଚତୁର୍ଥ ପୃଷ୍ଠା ଶେଷରେ ଲେଖିଲା– 'ଚେସ୍‌ର ଗୋଟି', ପଞ୍ଚମ ପୃଷ୍ଠା ଶେଷରେ ଲେଖିଲା– 'ମହଙ୍ଗାଇ'। ଶେଷରେ ବହିକୁ ବନ୍ଦକରି ଶୀର୍ଷକ ରଖିଲା– 'ମନୁଷ୍ୟ'।

ପ୍ଲଟ ନମ୍ବର-୨୭, ବ୍ରହ୍ମେଶ୍ୱରବାଗ,
ଟଙ୍କପାଣି ରୋଡ, ଭୁବନେଶ୍ୱର-୭୫୧୦୧୮

## କବିତା

### ବର୍ଣ୍ଣବାଦ

ଭରତ ବେହେରା

ଏମିତି ଥିଲା
ବର୍ଣ୍ଣବାଦର କରୁଣ ପରିଣତି ଯେ
ଜିଇବାକୁ ହେଲା ସାରା ଜୀବନ
ପୁରୁଷ ପୁରୁଷ ଗାଁ ଶେଷମୁଣ୍ଡ
ଅପହୃତ ହୋଇଥିଲା
ମଣିଷର ମଞ୍ଜ: ଜିନ୍ ଜେନମ୍।

ସେମାନଙ୍କ ଭାଗରେ
ନା ଥିଲା ପ୍ରସ୍ଥପ୍ରସ୍ଥ ଘର
ନା ବାଟିବାଟି ଜମି।

ଥିଲା: ହଜାର ବର୍ଷର ଘୃଣା, ଅପମାନ
ଯୁଗଯୁଗରୁ ଅବନତ ହୋଇଥିଲା ମଥା
ଭାଙ୍ଗି ଦିଆଯାଇଥିଲା
ଗର୍ଦ୍ଦନର ଗାଢ଼ ଗଢ଼ଣ।

ତେବେ ବି ସବୁ ଅବିଚାର ଅନାଦର
ମୁଣ୍ଡରେ ମୁଣ୍ଡେଇ ସେମାନେ ଚାଲିଛନ୍ତି
ଜିଇଛନ୍ତି ଶତାବ୍ଦୀ ଶତାବ୍ଦୀ।

ସେମାନଙ୍କର ଥିଲା କଳା ମଟମଟ ଦେହ
ଥିଲା ବଳିଷ୍ଠବାହୁ
ଥିଲା କମରର ଅପ୍ରମିତ ବଳ
ଲମ୍ବା ସମୟ ଖଟିବାର ତାକତ।

ଅଥଚ ପାଦତଳ ମାଟି ନଥିଲା
ଏକାନ୍ତ ନିଜର।

ସେମାନଙ୍କ ଉପଜାତିର ନାମ
ଏତେ ତିକ୍ତ, ଏତେ କଟୁ ଯେ
ଉଚ୍ଚାରଣ କଲାକ୍ଷଣି ଦୁହିଁଯାଏ
ସାରାଦେହ ଶିରା ଓ ପ୍ରଶିରା
ଅନୁଦିନ ଅନୁକ୍ଷଣ କିଏ ଯେମିତି
ବିଦ୍ଧ କରେ କଳିଜାରେ କଣ୍ଟା।

ଏତେ ଘୃଣା, ଅବିଚାର, ଅପମାନ ସତ୍ତ୍ୱେ
ସେମାନେ ତୁଠର ପଥର ପରି ସବୁ ସହିଛନ୍ତି
କାଳ ନିରବଧି।
ସେମାନଙ୍କ ଉଦାରତାର ଲମ୍ବ ପ୍ରସ୍ଥ
ସହଣିର ଗଭୀରତା, ଖଟଣିର ମୂଲ୍ୟ
ଆକଳନ କିଏ ସେ କରିବ?
ଦେଖ, ବର୍ଣ୍ଣବାଦର ଜଳନ୍ତା ବହ୍ନି
ଜାଳିପୋଡ଼ି ପାଉଁଶ କରିଛି
କୋଟି କୋଟି ନିଉଛୁଣା ମାମୁଲି ମଣିଷ।

ଏମ୍.ଆଇ.ଜି.-୨୨
ଜି.ଏସ୍.ନଗର, ଜଗତପୁର, କଟକ
ମୋ: ୯୪୩୭୫୭୦୧୨୦

### ଅଶରୀରୀ

ଦୀପ୍ତି ମିଶ୍ର

ଆଜିକାଲି କିଏ ଗୋଟେ
ମୋ' ପାଖେପାଖେ ରହୁଛି
ମୋତେ ସବୁବେଳେ ଜଗିଛି,
କାଳେ କାହାକୁ କହିଦେବି
'ତୁମେ ମୋ ନିଜର...
ମୁଁ ତୁମକୁ ଖୁବ୍ ଭଲପାଏ।'

କାରଣ ଏଠି ସଂପ୍ରୀତିର ଅନୁଭବ
ଆଣିଦିଏ ବିଷାକ୍ତ ଅନୁଭୂତି,
ଝରଣା ବି ତା'ର କୁଳୁକୁଳୁ ସ୍ୱରକୁ
ବେଳେବେଳେ ହରାଇଦିଏ,
ଏଇ ଭାବମୟ ସଂସାରରେ
ଭାବର ବନ୍ଧନରେ ବାନ୍ଧି ହେବାକୁ
ସଂକୋଚ କରେ।

ଆଉ ଏଠି 'ପ୍ରୀତି' 'ପ୍ରୀତି' କହି
ଯେଉଁମାନେ ଚିତ୍କାର କରନ୍ତି
ସେମାନେ ବୁଝନ୍ତି ନାହିଁ
ପ୍ରୀତିର ସୌଷମ୍ୟ,
ପ୍ରୀତିର ଲାବଣ୍ୟ
'ପ୍ରୀତି'ଟା ସତେ ଅବା ତାଙ୍କ
ଗୋଡ଼ ତଳର ଦାସ
ତାଙ୍କ ହାତଗଢ଼ା କଣ୍ଢେଇ
ଯେତେବେଳେ ଚାହିଁବେ
ସେତେବେଳେ ପାଉଥିବେ ତାକୁ,
ଆଉ ମନଇଚ୍ଛା ବ୍ୟବହାର କରିବେ
ଯେପରି ଚାହିଁବେ।

ଆଜିକାଲି କିଏ ଗୋଟେ ମୋର
ପାଖେପାଖେ ରହୁଛି
ଜାଣିପାରୁନି ସେ 'ପ୍ରୀତି' ନା 'ଭୀତି'
ଏ ଦୁନିଆ ମୋତେ
ଯାହା ଦେବାର ତ ଦେଇଛି
ଆଉ କ'ଣ ବା ଦେବ?
ଯାହା ଦେଉ ବା ନ ଦେଉ ମୋତେ
ଚିହ୍ନେଇ ଦେଇଛି କିନ୍ତୁ ଆପଣାକୁ।

ମୋ: ୯୪୩୮୪୦୪୩୦୮

### ଦୁଇଟି ମିନି କବିତା

କୃଷ୍ଣା ମିଶ୍ର

#### କୋଣାର୍କ

କୋଣାରକେ ଶିଳାପଦ୍ମ
ଆଉ ଫୁଟେ ନାଇଁ,
କାରୁକଳା ଧୋଇଗଲା ପରେ
କାଳର ସୁଅରେ,
ଉଜୁଡ଼ା ମନର ଭାବ
କେବଳ ହିଁ ସୂର୍ଯ୍ୟ ବୁଝିପାରେ
ସେଇଥିପାଇଁ ତ ନିତିଦିନ
ଭଙ୍ଗା ଦେହକୁ ତା'ର ଆଦରରେ
ଛୁଇଁଯାଏ, ସକାଳର
କଅଁଳ ଖରାରେ!

#### ଦିନେ କେବେ

ଦିନେ ତ ଫୁଟିବ ଫୁଲ,
ପାଣି କିଏ ଦଉ କି ନ ଦଉ
ପାଚି ଝଡୁଥିବ ଫଳ
ତୋଳି କିଏ ନଉ କି ନ ନଉ।

ସେ ଗଛକୁ ରୋପି ଦେଇ
ତା' ଦେହେ ମୋ' ଆତ୍ମା ଥାପିଦେବି
ଫୁଲ ଫଳ ଭରିଥିବ
ଜାଣେନି, ମୁଁ ଥିବି କି ନ ଥିବି।

ବାଣପୁର, ଖୋର୍ଦ୍ଧା
ମୋ: ୯୮୫୩୩୭୫୭୩୪

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ନଭେମ୍ବର ୧/୨୦୨୫ Bhubaneswar, Saturday, November 1/ 2025

# ବାରବାଟୀରେ ଆଜିଠାରୁ ଓଡ଼ିଶା-ଆନ୍ଧ୍ର ପ୍ରଦେଶ



ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଅଭ୍ୟାସ ସେସନ ଅବସରରେ ଓଡ଼ିଶା ଦଳ।

## ରଣ୍‌ଜୀ ଟ୍ରଫି

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ଚଳିତ ରଣ୍‌ଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ତୃତୀୟ ମ୍ୟାଚ ଶନିବାରଠାରୁ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବ। କଟକର ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଦୁଇ ଦଳ ବେଶ୍ କିଛି ସମୟ ବାରବାଟୀରେ ଅଭ୍ୟାସ କରି ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେଇଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ବରୋଦା ନିକଟରୁ ହାରି ଯାଇଥିବାବେଳେ ଉତ୍ତର ପ୍ରଦେଶ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ଡ୍ର ରଖିଥିବାରୁ ପ୍ରଥମ ଇନିଂସ ପଛୁଆ ରହିବା ଭିତ୍ତିରେ ମାତ୍ର ୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଆନ୍ଧ୍ର ଏପର୍ଯ୍ୟନ୍ତ ୨ଟି ମ୍ୟାଚ ଖେଳିଥିବାବେଳେ ଉତ୍ତର ପ୍ରଦେଶଠାରୁ ପ୍ରଥମ ଇନିଂସରେ ପଛୁଆ ରହିବାରୁ ଗୋଟିଏ ପଏଣ୍ଟ ପାଇଛି। ବରୋଦା ବିପକ୍ଷ ଦ୍ୱିତୀୟ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ନ ହେବାରୁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି। ତେଣୁ ୨ ପଏଣ୍ଟ ସହିତ ଆନ୍ଧ୍ର ଏଲିଟ ଗ୍ରୁପ୍ 'ଏ' ଟେବୁଲର ୬ଷ୍ଠ ଏବଂ ଓଡ଼ିଶା ସର୍ବନିମ୍ନ ୮ମ ସ୍ଥାନରେ ରହିଛି।

ଉଭୟ ମ୍ୟାଚରେ ବ୍ୟାଟିଂ ବିଫଳତା ଓଡ଼ିଶା ପାଇଁ ଚିନ୍ତାର କାରଣ ହୋଇଛି। କେତେଜଣ ଖେଳାଳି ବ୍ୟାକ୍ତିଗତ ଭାବେ ଭଲ ଖେଳିଥିଲେ ଦଳଗତ ପ୍ରଦର୍ଶନରେ ଓଡ଼ିଶା ବିଫଳ ହୋଇଛି। ବୋଲିଂ ମଧ୍ୟ ସେପରି ପ୍ରଭାବୀ ହୋଇପାରିନାହିଁ। ଘରୋଇ ପରିବେଶରୁ ଫାଇଦା ଉଠାଇ ନ ପାରିବା ମଧ୍ୟ ଦଳ ପାଇଁ ଚିନ୍ତାଜନକ ରହିଛି। ବାରବାଟୀରେ ଗୋଟିଏ ମ୍ୟାଚ ଖେଳି ସାରିଥିବାରୁ ଆଗାମୀ ମ୍ୟାଚରେ ଦଳ ଭଲ ପ୍ରଦର୍ଶନ କରିବାନେଇ ଆଶା ରହିଛି। ୨୦୦୭ରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଆନ୍ଧ୍ର ୧୦୨ ରନରେ ବିଜୟୀ ହୋଇଥିଲା। ଶେଷଥର ପାଇଁ ୨୦୧୭ ଅକ୍ଟୋବର ୨୪ରୁ ୨୭ ପର୍ଯ୍ୟନ୍ତ ବିଜୟନଗରମ୍‌ଠାରେ ଅନୁଷ୍ଠିତ ମ୍ୟାଚଟି ଡ୍ର ରହିଥିଲା। ଏଥିରେ ଓଡ଼ିଶା ଫଲୋଅନ ହୋଇଥିବାବେଳେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଆନ୍ଧ୍ର ୩ ପଏଣ୍ଟ ପାଇଥିଲା। ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ। ଆନ୍ଧ୍ର ପ୍ରଦେଶ ଦଳ: ରିକି ଭୁଇ (ଅଧିନାୟକ), ସିରାପାରାପ୍ପୁ ଆଶିଷ, ଅଶ୍ୱିନ ହେବ୍ବାର, ଶ୍ରୀକର ଭରତ, କରନ ଶିନ୍ଦେ, ପୃଥ୍ୱୀ ରାଜ, ସତ୍ୟନାରାୟଣ ରାଜୁ, ଶେଖ ରଶିଦ, ଅଭିଷେକ ରେଡ୍ଡୀ, ରେଭନ୍ଥ ରେଡ୍ଡୀ, କାଭୁରି ସିତେଜା, ୟାରା ସନ୍ଦୀପ, କେ.ଭି. ଶଶିକାନ୍ତ, ସୌରଭ କୁମାର, ଚିପୁରପଲ୍ଲୀ ଷ୍ଟିଫେନ, ତ୍ରିପୁରାନା ବିଜୟ।

# ଆତ୍ମବିଶ୍ୱାସ, ଆବେଗର ପ୍ରତିଫଳନ

**ନଭି ମୁମ୍ବାଇ, ୩୧।୧୦ (ପି.ଟି.)**

ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଭାରତର ରେକର୍ଡ ଚେଜ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ସମେତ ଦେଶର କ୍ରୀଡ଼ା ମହଲକୁ ଅଭୀଭୂତ କରିଛି। ଏହି ଆଶ୍ଚର୍ଯ୍ୟଜନକ ବିଜୟ କ୍ରିକେଟ ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି। ଜେମିମା ରୋଡ୍ରିଗ୍ସ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ ୧୨୭ ରନ କରି ଅପରାଜିତ ରହିଥିଲେ। ଗୁରୁବାର ରାତିରେ ଏହି ବିଜୟ ଦ୍ୱାରା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ରୋକି ଭାରତ ତୃତୀୟ ଥର ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଜେମିମାଙ୍କର ଏହା ତୃତୀୟ ଶତକ ଓ ବିଶ୍ୱକପ୍‌ରେ ପ୍ରଥମ। ସେ ଓ ଅଧିନାୟିକା ହରମନପ୍ରୀତ କୌର (୮୮ ବଲ୍‌ରୁ ୮୯ରନ, ୧୦ ଚୌକା ଓ ୨ ଛକା) ତୃତୀୟ ଉଇକେଟରେ ୧୬୭ ରନ ଯୋଗ କରିଥିଲେ। ଏହି ବିଜୟ ଦ୍ୱାରା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆର ପ୍ରତିଯୋଗିତାର ଗତ ଦୁଇ ସଂସ୍କରଣରେ ୧୫ମ୍ୟାଚ ଅପରାଜେୟ ଧାରା ଭାରତ ବ୍ରେକ୍ ଦେବାରେ ସମର୍ଥ ହୋଇଛି। ୩୩୯ର ବିଶାଳ ସ୍କୋରକୁ ପିଛା କରିବା ବେଳେ ଜେମିମାଙ୍କ ଅପରାଜିତ ବ୍ୟାଟିଂ ଯୋଗୁ ଅଷ୍ଟ୍ରେଲିଆର ୩୩୮/ଅଲଆଉଟ ସ୍କୋର ଜବାବରେ ଭାରତ ୪୮.୩ ଓଭରରେ ୩୪୧/୫ ସ୍କୋର କରି ମ୍ୟାଚ ଜିତିନେଇଥିଲା। ତେନ୍ଦୁଲକର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ



ସଚିନ ତେନ୍ଦୁଲକର



ବୀରେନ୍ଦ୍ର ସେହ୍ୱାଗ



ବିରାଟ କୋହଲି

## ଭାରତୀୟ ମହିଳା କ୍ରିକେଟ ଦଳକୁ ପ୍ରଶଂସାର ସୁଅ

ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, "ଚମତ୍କାର ବିଜୟ! ଜେମିମା ଓ ହରମନପ୍ରୀତ୍‌ଙ୍କ ବଳିଷ୍ଠ ନେତୃତ୍ୱ ପ୍ରଶଂସା ଯୋଗ୍ୟ, ଶ୍ରୀଚରଣୀ ଓ ଦୀପ୍ତି ଚମତ୍କାର ବୋଲିଂ କରି ଭାରତ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ଦଳ ଏହି ଭଳି ପ୍ରଦର୍ଶନ ଜାରି ରଖୁ। ଭାରତର ପୂର୍ବତନ କୋଚ୍ ତଥା ଲେଗ୍ ସ୍ପିନ କିମ୍ବଦନ୍ତୀ ଅନିଲ କୁମ୍ବଲେ ଜେମିମାଙ୍କ ଅପରାଜିତ ୧୨୭ରନ ଇନିଂସର ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିରେ ଜେମିମାଙ୍କ ଧୈର୍ଯ୍ୟ ଓ ଶକ୍ତି ଭରି ରହିଥିଲା। ସେ ତାଙ୍କ ପରିପକ୍ୱତା ଓ ଆତ୍ମବିଶ୍ୱାସର ପରିଚୟ ଦେଇଛନ୍ତି। ବ୍ୟାଟିଂ ଷ୍ଟଲୱାର୍ଟ ବିରାଟ କୋହଲି 'ଏକ୍ସ'ରେ ତାଙ୍କ ପୋଷ୍ଟରେ ପ୍ରଥମେ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ମ୍ୟାଚରେ ଦଳର ସ୍ଥିରତା, ଆତ୍ମବିଶ୍ୱାସ ଓ ଆବେଗର ପ୍ରତିଫଳନ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଏହି ବିଜୟ ବାସ୍ତବିକ ହୃଦୟସ୍ପର୍ଶୀ। 'ୱେଲ୍‌ଡନ୍ ଟିମ୍ ଇଣ୍ଡିଆ'। ଭାରତର ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ତାଙ୍କ ପୋଷ୍ଟରେ କହିଛନ୍ତି, "ଅଷ୍ଟ୍ରେଲିଆ ସୋଚ୍ ରହି ଥି କି ଔର ଏକ ସେମିଫାଇନାଲ ହୈ, ଆରାମ ସେ ଜିତୋ ଔର ଜିତୋ ଫାଇନାଲ। ହମାରି ଲଡ଼କିୟୋଁ ନେ ସୋଚା, ୟେତୋ ମୌକା ହେ ଅସଲି ଧାମାକା କର୍‌ନେକା ! ସାରେ ଆଲୋଚନା ଧୋ ଡାଲା। କ୍ୟା ଖେଲ ଦେଖାୟା। ଓମେନ୍ ଇନ୍ ବ୍ଲୁ" ପାଇଁ ଆମେ ଗର୍ବିତ। ଭାରତର ପୂର୍ବତନ କ୍ରିକେଟର ଯୁବରାଜ ସିଂ ମଧ୍ୟ ମହିଳା ଦଳର ଦୃଢ଼ ବିଶ୍ୱାସ ଓ ଦୃଢ଼ ସଂକଳ୍ପର ଉଚ୍ଚ ପ୍ରଶଂସା କରିଛନ୍ତି, ବିଶେଷ କରି ଜେମିମା ଓ ହରମନପ୍ରୀତଙ୍କ ବ୍ୟାଟିଂକୁ। ପ୍ରବଳ ଚାପରେ ଥାଇ ଦଳର ଜଣେ ସଚ୍ଚା ଅଧିନାୟିକା ଭାବେ ହରମନପ୍ରୀତ୍ ସ୍ଥିର ମନୋଚିତ୍ତରେ ଦଳର ସ୍କୋରକୁ ଆଗେଇ ନେବା ଏବଂ ଏକଗ୍ରତା ଓ ଦୃଢ଼ ସଂକଳ୍ପଭିତ୍ତିକ ଜେମିମାଙ୍କ ସ୍ମରଣୀୟ ଇନିଂସକୁ ସମଗ୍ର ବିଶ୍ୱ ଦେଖିଲା। ଏହା ଏକ ଐତିହାସିକ ସେମିଫାଇନାଲ ଥିଲା। ବର୍ତ୍ତମାନ ଫାଇନାଲକୁ ଅପେକ୍ଷା। ଭାରତ ନଭି ମୁମ୍ବାଇଠାରେ ରବିବାର ଖେଳାଯିବାକୁଥିବା ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

# ବିଶ୍ୱ ଜୁ-ଜିତ୍ସୁରେ ଓଡ଼ିଶାରୁ ୩ ଭାଗନେବେ

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଶନିବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଜୁ-ଜିତ୍ସୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗନେବା ନିମନ୍ତେ ଓଡ଼ିଶାର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ସ୍ୱରାଜ ଜାନି ଓ ଅମରେଶ୍ୱର ସ୍ୱାଇଁ ଶୁକ୍ରବାର ଥାଇଲାଣ୍ଡ ଯାତ୍ରା କରିଛନ୍ତି। ଗତ ଜାତୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଓଡ଼ିଶାର ଏହି ପ୍ରତିଯୋଗୀମାନେ ବିଶ୍ୱ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିଲେ। ଓଡ଼ିଶା ଜୁ- ଜିତ୍ସୁ ଆସୋସିଏଶନ୍‌ର ଖେଳାଳି ଅନୁପମା ଗତ ୫ ବର୍ଷଧରି ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତାରେ ଲଗାତର ପଦକ ହାସଲ କରିବା ସହ ଏସିଆନ ଗେମ୍ସରେ ଭାଗ ନେଇଥିଲେ। ସ୍ୱରାଜ ଜାନି ମଧ୍ୟ ଗତ ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# 'ରିଟର୍ନ ଟୁ ସ୍ପୋର୍ଟ୍ସ' କର୍ମଶାଳାରେ ଓଡ଼ିଶାରୁ ମୁକ୍ତି ପ୍ରସାଦ ଭାଗନେଲେ



କର୍ମଶାଳାରେ ଭାଗନେବା ଅବସରରେ ମୁକ୍ତିପ୍ରସାଦ ଦାଶ (ବାମରୁ ଦ୍ୱିତୀୟ)।

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ସ୍ପୋର୍ଟ୍ସ ଡେଭଲପମେଣ୍ଟ ଅଥରିଟି ଅଫ୍ ତାମିଲନାଡୁ, ତାମିଲନାଡୁ ସେଣ୍ଟର ଫର ସ୍ପୋର୍ଟ୍ସସାଇନ୍ସେସ ଏବଂ ଇଣ୍ଡିଆନ ନ୍ୟାଶନାଲ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ ଆସୋସିଏଶନ ଆନୁକୂଲ୍ୟରେ ଚେନ୍ନାଇଠାରେ ଅନୁଷ୍ଠିତ 'ରିଟର୍ନ ଟୁ ସ୍ପୋର୍ଟ୍ସ' କର୍ମଶାଳାରେ ଓଡ଼ିଶାର କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଜର୍ମାନୀର କୋଚ୍ ଜର୍ଗ ଟେକ୍‌ମାନ୍ ଏବଂ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଅଥରିଟି ଅଫ୍ ତାମିଲନାଡୁର ହାଇ ପରଫର୍ମାନ୍ସ ମ୍ୟାନେଜର ଡକ୍ଟର ସାଜୁ ପରିଚାଳନା କରିଥିଲେ। ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଓଡ଼ିଶାରୁ ଏକମାତ୍ର ଭାଗ ନେଇଥିବା ମୁକ୍ତି ପ୍ରସାଦ ନିଜ କାର୍ଯ୍ୟଧାରା ଉପରେ ଅନେକ ଅଭିଜ୍ଞତା ହାସଲ କରିଥିବା ପ୍ରକାଶ କରଛନ୍ତି। ବିଶେଷ କରି ଆଣ୍ଠୁରେ ଅସ୍ତ୍ରୋପଚାର ପରବର୍ତ୍ତୀ ଅବସ୍ଥାରୁ ସୁସ୍ଥହେବା ଏବଂ ରିଟର୍ନ ଟୁ ପ୍ଲେ ମ୍ୟାନେଜମେଣ୍ଟ ଉପରେ ଅନେକ କିଛି ଶିଖିବାକୁ ମିଳିଲା ବୋଲି ସେ କହିଛନ୍ତି।

## ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ

# ଓଡ଼ିଶା-ବିହାର ମ୍ୟାଚ ଡ୍ର

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ):** ପଞ୍ଜାବର ଅମୃତସରଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିବା ପରେ ଶୁକ୍ରବାର ବିହାର ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଛି। ଓଡ଼ିଶା ପକ୍ଷରୁ ସତ୍ୟଜିତ ସିଂ ୭୩ ଓ ଆୟାନ ଖାଁ ୭୪ତମ ମିନିଟରେ ଗୋଲ ୨ଟି ଦେଇଥିଲେ। ତେବେ ବିହାର ଦଳର ଚିରାଗ ରାଜ ୮୨ ଓ ପ୍ରେମ୍ କୁମାର ୯୦+୨ ମିନିଟରେ ଗୋଲ ୨ଟି ପରିଶୋଧ କରି ଦେଇଥିଲେ। ଫଳରେ ନୈରାଶ୍ୟଜନକ ପ୍ରଦର୍ଶନ ସହ ଓଡ଼ିଶା ଅଭିଯାନ ଶେଷ ହୋଇଛି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ୦-୧୩ ଗୋଲରେ ମିଜୋରାମଠାରୁ ଏବଂ ଦ୍ୱିତୀୟ ମ୍ୟାଚରେ ୦-୬ ଗୋଲରେ ମଣିପୁର ନିକଟରୁ ପରାସ୍ତ ହୋଇଥିଲା। ଜୁନିୟର ସ୍ତରରେ ଓଡ଼ିଶାର ଏପରି ପ୍ରଦର୍ଶନ ରାଜ୍ୟ ଫୁଟବଲପ୍ରେମୀଙ୍କୁ ବ୍ୟଥିତ କରିଛି।

# ରାଜ୍ୟ ମହିଳା ଫିଡେ ରେଟିଂ ଚେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**





ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କେନ୍ଦ୍ରାପଡା କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସହଯୋଗରେ ଶୁକ୍ରବାର କେନ୍ଦ୍ରାପଡ଼ାର ଗରଦପୁରଠାରେ ଓଡ଼ିଶା ମହିଳା ଫିଡେ ରେଟିଂ ଚେସ -୨୦୨୫ ଉଦ୍‌ଘାଟିତ ହୋଇଛି। କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଇଆଇସି ରବୀନ୍ଦ୍ର ନାଥ ବେହେରା, ଯାଜପୁର ୟୁନାଇଟେଡ ଚେସ ଆସୋସିଏଶନ୍‌ର ସମ୍ପାଦକ ସମରେନ୍ଦ୍ର ସାହୁ, ବରଗଡ଼ ଜିଲା ଚେସ୍ ଆସୋସିଏଶନ୍ ସମ୍ପାଦକ କେ.ଆର୍. ପ୍ରଧାନ, ସିପାର ସଭାପତି ଧନଞ୍ଜୟ ସାବତ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଆସୋସିଏଶନ୍ ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂ ଉଦ୍‌ବୋଧନ ଦେଇଥିବାବେଳେ ଉପସଭାପତି ଲଲାଟ କେଶରୀ ସାମଲ ମଞ୍ଚ ପରିଚାଳନା କରିଥିଲେ। ୪ ଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୩୦ ମହିଳା ଖେଳାଳି ବିଭିନ୍ନ ଜିଲାରୁ ଭାଗନେଇଛନ୍ତି। ଏହା ମଧ୍ୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା ସ୍ମାରକୀ ମହାନ୍ତି, ଏସିଆ କପ୍ ବିଜେତା ୟାସିତା ରାଉତ, ୟୁନିଭର୍ସିଟି ଚାମ୍ପିୟନ ଗୀତାଶ୍ରୀ ବିଶ୍ୱାଳ, ଅନ୍ତର୍ଜାତୀୟ ଖେଳାଳି ଜୟଲକ୍ଷ୍ମୀ ସାହୁ, ନୈନିକ ସାହୁ, ଜ୍ୟୋତିକ ସାହୁ, ଉମା ଦଳପତି, ନିଭ୍ରୀତା ପଟ୍ଟନାୟକ ପ୍ରମୁଖ ଖେଳାଳି ଭାଗ ନେଇଛନ୍ତି। ପିଙ୍କି ମହାପାତ୍ର ମୁଖ୍ୟ ଆର୍ବିଟର ଏବଂ ଅଭିଷେକ ଆଚାର୍ଯ୍ୟ, ନମ୍ୱଲା ରବିକୁମାର ଡେପୁଟି ଆର୍ବିଟର ଭାବେ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

# ଅଷ୍ଟ୍ରେଲିଆର ସହଜ ବିଜୟ

## ଦ୍ୱିତୀୟ ଟି୨୦

**ମେଲବୋର୍ନ, ୩୧।୧୦**

ନଭି ମୁମ୍ବାଇରେ ଗୁରୁବାର ଅନୁଷ୍ଠିତ ମହିଳା କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ଭାରତୀୟ ମହିଳା କ୍ରିକେଟ ଦଳ ବିଶ୍ୱ ରେକର୍ଡ ସୃଷ୍ଟି କରିବାର ଗୋଟିଏ ଦିନ ପରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତୀୟ ପୁରୁଷ ଦଳ ଅଷ୍ଟ୍ରେଲିଆଠାରୁ ବଲ୍ ଦୃଷ୍ଟିରୁ ବଡ଼ ବ୍ୟବଧାନରେ ପରାଜିତ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ୪୦ ବଲ୍ ବାକିଥାଇ ୪ ଉଇକେଟରେ ସହଜ ବିଜୟ ହାସଲ କରିଛି। ବଲ୍ ବ୍ୟବଧାନକୁ ଦେଖିଲେ ଟି୨୦ରେ ଭାରତର ଏହା ଦ୍ୱିତୀୟ ବୃହତ୍ ପରାଜୟ। ୨୦୦୮ରେ ଏହି ମେଲବୋର୍ନରେ ଅଷ୍ଟ୍ରେଲିଆଠାରୁ ୫୨ ବଲ୍ ବାକିଥାଇ ପରାଜୟ ଭାରତ ପାଇଁ ସର୍ବବୃହତ୍ ହୋଇ ରହିଛି। ଚଳିତ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ୧୮.୪ ଓଭରରେ ମାତ୍ର ୧୨୫ ରନକରି ଅଲ୍‌ଆଉଟ ହୋଇଥିଲା। ୧୨୬ ରନର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୧୩.୨ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିଲା।

ଟସ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୯ ରନ ମଧ୍ୟରେ ୫ ଉଇକେଟ ହରାଇବା ସହ ୧୨୫ରେ ଅଲ୍‌ଆଉଟ ହୋଇ ଯାଇଥିଲା। ଅଭିଷେକ ଶର୍ମା (୬୮ ରନ, ୩୭ ବଲ, ୮ ଚୌକା, ୨ ଛକା) ଓ ହର୍ଷିତ ରାଣା (୩୫)ଙ୍କୁ ଛାଡ଼ିଦେଲେ ଭାରତର ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜେଲଉଡ୍ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଟପ୍ ଅର୍ଡରଙ୍କ ଭଲ ଆରମ୍ଭ ଯୋଗୁ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ସହଜରେ ବିଜୟ ଲକ୍ଷ୍ୟ ଅତିକ୍ରମ କରିଥିଲା। ଟପ୍ ଅର୍ଡରରେ ଅଧିନାୟକ ମିଚେଲ ମାର୍ଶ ସର୍ବାଧିକ ୪୬ ରନକରି ବିଜୟ ପଥ ପରିଷ୍କାର କରିଥିବାବେଳେ ହାଜେଲଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୧୮.୪ ଓଭରରେ ୧୨୫/ଅଲ୍‌ଆଉଟ (ଅଭିଷେକ ଶର୍ମା-୬୫, ହର୍ଷିତ ରାଣା-୩୫, ଜୋଶ୍ ହାଜେଲଉଡ୍-୩/୧୩, ଜାଭିଅର ବ୍ରେଟଲେଟ୍-୨/୩୯, ନାଥାନ ଇଲିସ-୨/୨୧, ମାର୍କୁସ ଷ୍ଟୋଇନିସ-୧/୨୪)। ଅଷ୍ଟ୍ରେଲିଆ ୧୩.୨ ଓଭରରେ ୧୨୬/୬ (ମିଚେଲ ମାର୍ଶ-୪୬, ଟ୍ରାଭିସ ହେଡ୍-୨୮, ଯଶପ୍ରୀତ୍ ବୁମ୍‌ରା-୨/୨୬, ବରୁଣ ଚକ୍ରବର୍ତ୍ତୀ-୨/୨୩, କୁଳଦୀପ ଯାଦବ-୨/୪୫)।



ସୂର୍ଯ୍ୟକୁମାର ଯାଦବଙ୍କ ଉଇକେଟ ହାସଲ ପରେ ଉଲ୍ଲସିତ ଜୋଶ୍ ହାଜେଲଉଡ୍।

## ନଭେମ୍ବର ୪ରେ ଆଇସିସି ବୈଠକ

# ଏସିଆ କପ୍ ଟ୍ରଫି ପ୍ରସଙ୍ଗ ଉଠାଇପାରେ ଭାରତ

**ମୁମ୍ବାଇ, ୩୧।୧୦ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଶା କରୁଛି ଯେ, ଆଉ ଦିନେ ଅବା ଦୁଇ ଦିନ ମଧ୍ୟରେ ଏସିଆ କପ୍ ଟ୍ରଫି ମୁମ୍ବାଇସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଯିବ। ତାହା ନ ହେଲେ ଭାରତୀୟ ବୋର୍ଡ ନଭେମ୍ବର ୪ରେ ହେବାକୁଥିବା ଆଇସିସି ବୈଠକରେ ଏହି ପ୍ରସଙ୍ଗ ଉଠାଇବ। ଦୁବାଇଠାରେ ଅନୁଷ୍ଠିତ ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫ଉଇକେଟରେ ପରାସ୍ତ କରି ଭାରତ ଏସିଆ କପ୍ ଜିତିଛି। କିନ୍ତୁ ଦଳ ଏସିଆ କ୍ରିକେଟ କାଉନ୍‌ସିଲ (ଏସିସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ ଚେୟାରମ୍ୟାନ ଥିବା ପାକିସ୍ତାନର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ ନକ୍‌ଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଦଳ ପ୍ରତ୍ୟାଖ୍ୟାନ କରିଦେଇଥିଲା। ଦୁଇ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ଯୋଗୁ ମ୍ୟାଚ ପୂର୍ବରୁ ଭାରତ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ ପାକିସ୍ତାନ ପ୍ରତିପକ୍ଷଙ୍କ ସହ କରମର୍ଦ୍ଦନ କରିବାକୁ ମନା କରି ଦେଇ ନ ଥିଲେ। ନକ୍‌ଭି ଇତିମଧ୍ୟରେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି। ସେ କହିଛନ୍ତି, ଯଦି ତାଙ୍କଠାରୁ ଗ୍ରହଣ କରିଲେ ଭାରତକୁ ଟ୍ରଫି ମିଳିବ।

# ଫିଡେ, ଏଆଇସିଏଫ୍, କିଟ୍ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

## ୩ ଅନ୍ତର୍ଜାତୀୟ ସଂଘ ସହ ବୁଝାମଣାରେ ପ୍ରଥମ ବିଶ୍ୱବିଦ୍ୟାଳୟ

ଭାରତରେ ଚେସ୍‌ର ପ୍ରସାର ନିମନ୍ତେ କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଶୁକ୍ରବାର ମୁମ୍ବାଇଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍‌ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ଶିକ୍ଷା ସହ ଚେସ୍‌ର ମଧ୍ୟ ପ୍ରଚାର ପ୍ରସାର ହୋଇପାରିବ। ଫିଡେ ସଭାପତି ଆର୍କାଡି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନିତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହନ୍ତି ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଚେସ୍ ମାଧ୍ୟମରେ ଶିକ୍ଷା, ପୁନର୍ବାସ, ଅନ୍ତର୍ଭୁକ୍ତୀକରଣ ଏବଂ ଲୋକଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେବା ନିମନ୍ତେ ଫିଡେ ପକ୍ଷରୁ ବିଭିନ୍ନ ସମୟରେ ପ୍ରୟାସ ଜାରି ରହିଛି। ଏଥିପାଇଁ ୨୦୨୫ରେ ଫିଡେର ସ୍ଲୋଗାନ ଥିଲା ଚେସ୍ ଫର୍ ସୋସିଆଲ୍ ସର୍ଭିସ। ୨୦୨୬କୁ 'ଇୟର ଅଫ୍ ଚେସ୍ ଇନ୍ ଏଜୁକେଶନ' ଭାବେ ଫିଡେ ଘୋଷଣା କରିଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବ୍ୟାପକ ଯୋଗଦାନ ଥିବାରୁ କିଟ୍ ସହ ଫିଡେ ବୁଝାମଣା କରିଛି। ୨୦୨୬ ଜାନୁଆରୀରେ କିଟ୍‌ରେ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଫେଷ୍ଟିଭାଲରେ ପାଖାପାଖି ୩୫ ଦେଶର ଚେସ୍ ସଂଘର ମୁଖ୍ୟ ଏବଂ ଫିଡେ ଓ ଏଆଇସିଏଫ୍‌ର ସଭାପତି ଓ ଚେସ୍ ତାରକାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାରେ ଏଭଳି ଚେସ୍ ଫେଷ୍ଟିଭାଲ୍ ହେବାକୁ ଯାଉଛି। ଏହା ପୂର୍ବରୁ ଫୁଟବଲର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟବଲ ସଂଘ (ଫିଫା) ସହ ଏବଂ ଭଲିବଲ୍‌ର ପ୍ରସାର ନିମନ୍ତେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଛି। ୩ ଅନ୍ତର୍ଜାତୀୟ ସଂଘ ସହ ବୁଝାମଣା କରିବାରେ ଏହା ପ୍ରଥମ ବିଶ୍ୱବିଦ୍ୟାଳୟ। ଏହି ଅବସରରେ ଅଚ୍ୟୁତ ଉପସ୍ଥିତ ରହି ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ। "ବିଶ୍ୱରେ ସର୍ବାଧିକ ଲୋକପ୍ରିୟ ଖେଳ ଫୁଟବଲ୍ ଓ ଭଲିବଲ୍ ସହ ବୁଝାମଣା ହୋଇଥିବା ବେଳେ ଏବେ ବିଶ୍ୱର ଅନ୍ୟତମ ଆଦୃତ କ୍ରୀଡ଼ା ଚେସ୍‌ର ଅନ୍ତର୍ଜାତୀୟ ସଂଘ ସହ କିଟ୍ ବୁଝାମଣା କରିଛି। ଏହା ଓଡ଼ିଶା ଏବଂ ଭାରତ ପାଇଁ ଗୌରବର ବିଷୟ" ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି।

## ରଞ୍ଜନ ମହାନ୍ତିଙ୍କୁ ଗୁରୁଦାୟିତ୍ୱ

ଭାରତରେ ଚେସ୍‌ର ବିକାଶ ପାଇଁ ଫିଡେ-ଏଆଇସିଏଫ୍-କିଟ୍ ମଧ୍ୟରେ ଯେଉଁ ବୁଝାମଣା ହୋଇଛି ସେଥିରେ ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତିଙ୍କୁ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅର୍ଥାତ୍ ଏହି ତିନି ଅନୁଷ୍ଠାନ ସହ ରଞ୍ଜନ ଯୋଗାଯୋଗରେ ରହି ଚେସ୍‌ର ବିକାଶ ଦିଗରେ ଗୁରୁଦାୟିତ୍ୱ ବହନ କରିବେ।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଫିଡେ ଓ ଏଆଇସିଏଫ୍ କର୍ମକର୍ତ୍ତାଙ୍କ ସହ ଅଚ୍ୟୁତ ସାମନ୍ତ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ